ଧରିତ୍ରୀ
DHARITRI
ସୋମବାର, ୧୭ ମେ, ୨୦୨୧

## ୧୦୦ ଟଙ୍କା ପାଇଁ ହତ୍ୟା

ଦିଲ୍ଲୀରେ ମାତ୍ର ୧୦୦ ଟଙ୍କା ପାଇଁ ହତ୍ୟାକାଣ୍ଡ ଘଟିଛି। ପୋଲିସ ରେଶମା ନାମ୍ନୀ ମହିଳାଙ୍କୁ ଗିରଫ କରିଥିବାବେଳେ ତାଙ୍କ ସ୍ୱାମୀ ଜିତେନ୍ଦ୍ର ଫେରାର ହୋଇଯାଇଛନ୍ତି। ସେମାନେ ମଙ୍ଗୋଲପୁରୀ ଅଞ୍ଚଳରେ ରହୁଥିବା ଅଜିତ୍(୪୦)ଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଜିତେନ୍ଦ୍ରଙ୍କଠାରୁ ଅଜିତ୍ ନେଇଥିବା ଟଙ୍କା ନେଇ ନ ଫେରାଇବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଅଜିତ୍ ଜିତେନ୍ଦ୍ରଙ୍କୁ ମାଡ଼ ମାରିବା ସହ ଟଙ୍କା ଫେରାଇବେ ନାହିଁ ବୋଲି କହିଥିଲେ। ପରେ ଜିତେନ୍ଦ୍ର ଘରୁ ଏକ ଛୁରି ଆଣି ଅଜିତ୍‌ଙ୍କୁ ଆକ୍ରମଣ କରିଥିଲେ।



## ସଂକ୍ଷେପରେ

### ଦିଲ୍ଲୀ, ପଞ୍ଜାବ, ହରିୟାଣାରେ ବଢ଼ିଲା ଲକ୍‌ଡାଉନ୍

**ନୂଆଦିଲ୍ଲୀ, ୧୬।୫:** ଦିଲ୍ଲୀରେ ଲକ୍‌ଡାଉନ ଅବଧିକୁ ଆଉ ସପ୍ତାହେ ବଢ଼ାଯାଇଛି। ଲକ୍‌ଡାଉନ୍ ଯୋଗୁ କରୋନା ପଜିଟିଭ୍ ହାର କମିଛି। ତେଣୁ ଏହି କଟକଣାକୁ ମେ ୧୭ରୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ବଢ଼ାଯିବାକୁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି। ଏପ୍ରିଲରେ ଦିଲ୍ଲୀରେ କରୋନା ପଜିଟିଭ୍ ହାର ୩୫ ପ୍ରତିଶତ ଥିବାବେଳେ ଏବେ ୧୦ ପ୍ରତିଶତକୁ ଖସିଛି। ଏହା ୫ ପ୍ରତିଶତ ତଳକୁ ଖସିବା ଜରୁରୀ ବୋଲି କେଜରିୱାଲ କହିଛନ୍ତି। ସେହିପରି ମେ ୧୭ରେ ଶେଷ ହେବାକୁ ଥିବା ଲକ୍‌ଡାଉନ ଅବଧିକୁ ହରିୟାଣା ସରକାର ମଧ୍ୟ ମେ ୨୪ ପର୍ଯ୍ୟନ୍ତ ବଢ଼ାଇଛନ୍ତି। କ୍ରମାଗତ ସଂକ୍ରମଣ ବୃଦ୍ଧିରେ ରୋକ ଲଗାଇବା ପାଇଁ ପଞ୍ଜାବରେ କରୋନା କଟକଣାକୁ ମେ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

### ଆସିଲା ସ୍ପୁଟନିକ୍-ଭି'ର ୬୦ ହଜାର ଡୋଜ୍

**ହାଇଦ୍ରାବାଦ, ୧୬।୫:** ଋଷିଆ କରୋନା ଟିକା ସ୍ପୁଟନିକ୍-ଭି'ର ଦ୍ୱିତୀୟ ବ୍ୟାଚ ରବିବାର ହାଇଦ୍ରାବାଦସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛି। ସେକେଣ୍ଡ ବ୍ୟାଚ୍‌ରେ ୬୦,୦୦୦ ଡୋଜ୍ ରହିଛି। ଏ ନେଇ ଡକ୍ଟର ରେଡ୍ଡୀ ଲାବରେଟୋରି ପକ୍ଷରୁ ଟୁଇଟ୍ କରାଯାଇଛି। ପ୍ରଥମ ବିଦେଶୀ ଟିକା ଭାବେ ସ୍ପୁଟନିକ-ଭି'କୁ ଭାରତରେ ବ୍ୟବହାର ପାଇଁ ଅନୁମତି ମିଳିଛି। ମେ ୧ରେ ଟିକାର ପ୍ରଥମ ବ୍ୟାଚ ଭାରତକୁ ଆସିଥିଲା। ପ୍ରଥମ ବ୍ୟାଚରେ ଭାକ୍ସିନର ୧.୫ ଲକ୍ଷ ଡୋଜ୍ ରହିଥିଲା।

### ନୂଆ ଷ୍ଟ୍ରେନ୍ ବିରୋଧରେ କୋଭାକ୍ସିନ ପ୍ରଭାବୀ




**ନୂଆଦିଲ୍ଲୀ, ୧୬।୫:** ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ ଭାରତରେ ଦେଖାଦେଇଥିବା ଭାଇରସ୍‌ର ନୂଆ ଷ୍ଟ୍ରେନ୍ ବି.୧.୬୧୭ ବିରୋଧରେ ପ୍ରଭାବୀ ବୋଲି କମ୍ପାନୀ ଦାବି କରିଛି। ଏଥିସହ ବ୍ରିଟେନ୍ ମ୍ୟୁଟାଣ୍ଟ ବିରୋଧରେ ମଧ୍ୟ ଏହି ଟିକା କାମ କରୁଥିବା ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ଭାରତର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜି ଏବଂ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏ ସମ୍ପର୍କରେ କ୍ଲିନିକାଲ ଇନ୍‌ଫେକ୍‌ସିଅସ୍ ଡିଜିଜ୍ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି। କୋଭାକ୍ସିନ ଶରୀରରେ ଯଥେଷ୍ଟ ଆଣ୍ଟିବଡି ସୃଷ୍ଟି କରି କରୋନାର ଘାତକ ତଥା ବିଭିନ୍ନ ଭାରିଆଣ୍ଟକୁ ନ୍ୟୁଟ୍ରାଲାଇଜ୍ କରିପାରୁଛି ବୋଲି ଅଧ୍ୟୟନରୁ ଜଣାପଡ଼ିଥିବା ଭାରତ ବାୟୋଟେକ୍ କହିଛି।

### ଏମ୍‌ପି ରାଜୀବ ସତଭଙ୍କ ପରଲୋକ



**ନୂଆଦିଲ୍ଲୀ, ୧୬।୫:** କଂଗ୍ରେସ ନେତା ତଥା ରାଜ୍ୟ ସଭା ଏମ୍‌ପି ରାଜୀବ ସତଭଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୪୬ ବର୍ଷ ହୋଇଥିଲା। ଏପ୍ରିଲ ୨୨ରେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏଥିରୁ ସୁସ୍ଥ ହୋଇଥିଲେ ହେଁ ପରେ ନିମୋନିଆରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା ବୋଲି ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ କହିଛନ୍ତି। ତାଙ୍କୁ ପୁଣେର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ, ରଣଦୀପ ସୁର୍ଯେୱାଲା, ଜୟରାମ ରମେଶଙ୍କ ସମେତ ବହୁ ବରିଷ୍ଠ ନେତା ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ସତଭ ୨୦୧୪ରେ ମହାରାଷ୍ଟ୍ରର ହିଙ୍ଗୋଲି ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସେ ନିର୍ବାଚନ ଲଢ଼ି ନ ଥିଲେ। କିନ୍ତୁ କଂଗ୍ରେସ ତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲା। ରାଜୀବ ସତଭ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ରଜନୀ ସତଭଙ୍କ ପୁଅ।

# କଶ୍ମୀରରେ ଗାଜା ତାତି

## ପାଲେଷ୍ଟାଇନ୍ ସପକ୍ଷରେ ପ୍ରାଚୀର ଚିତ୍ର ଆଙ୍କି ଗ୍ରାଫିଟି ଆର୍ଟିଷ୍ଟ ଗିରଫ

**ନୂଆଦିଲ୍ଲୀ/ଶ୍ରୀନଗର, ୧୬।୫**

ପାଲେଷ୍ଟାଇନ୍ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଜମ୍ମୁ-କଶ୍ମୀର ପୋଲିସ ଅନ୍ୟୂନ ୨୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ଗ୍ରାଫିଟି ଆର୍ଟିଷ୍ଟ ଓ ଜଣେ ଧର୍ମଗୁରୁ ରହିଛନ୍ତି। ଶ୍ରୀନଗରର ୩୨ ବର୍ଷୀୟ ଗ୍ରାଫିଟି ଆର୍ଟିଷ୍ଟ ମୁଦାସିର ଗୁଲ୍‌ଙ୍କ ଦୋଷ ହେଲା ସେ ପାଲେଷ୍ଟାଇନ୍‌ର ଜଣେ ମହିଳାଙ୍କ ପ୍ରାଚୀର ଚିତ୍ର ଆଙ୍କିଥିଲେ। ସେହିପରି ପାଲେଷ୍ଟାଇନ୍ ନାଗରିକଙ୍କ ପାଇଁ ଏକ ମସ୍‌ଜିଦରେ ପ୍ରାର୍ଥନା କରିଥିବା ଶୋପିଆନ୍ ଧର୍ମଗୁରୁ ସର୍ଜନ ବରକାତିଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଛି। ଏହାକୁ ନେଇ ସମଗ୍ର ଉପତ୍ୟକାରେ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିବା ସହ ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି।

ବିବାଦୀୟ ଜେରୁଜେଲମ୍‌କୁ ନେଇ ପ୍ରାୟ ସପ୍ତାହେ ହେଲା ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ପୁଣି ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣରେ ଗାଜା ଷ୍ଟ୍ରିପ୍ ଏକ 'ୱାର ଜୋନ୍' ବା ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଛି। ଇସ୍ରାଏଲ୍ ସେନାର ରକେଟ ମାଡ଼ରେ ୪୦ ଶିଶୁଙ୍କ ସମେତ ଅନ୍ୟୂନ ୧୭୪ ପାଲେଷ୍ଟାଇନ୍ ନାଗରିକ ନିହତ ହେଲେଣି। ଏହି ଆକ୍ରମଣକୁ ନେଇ ସାରା ବିଶ୍ୱରେ ଇସ୍ରାଏଲ୍ ବିରୋଧୀ ବିକ୍ଷୋଭ ତେଜିବାରେ ଲାଗିଛି। ଏଥିରୁ ଜମ୍ମୁ-କଶ୍ମୀର ବାଦ୍ ପଡ଼ିନାହିଁ। ପାଲେଷ୍ଟାଇନ୍ ମୁସଲମାନଙ୍କ ସପକ୍ଷରେ ଶୁକ୍ରବାର ନମାଜ ପାଠ ବେଳେ ବହୁ ସଂଖ୍ୟକ କଶ୍ମୀରୀ ସଂଖ୍ୟାଲଘୁ ବାହାରିଥିଲେ। ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍‌ର ଘାତକ ଆକ୍ରମଣ ଏବଂ ପାଲେଷ୍ଟାଇନ୍ ଦଖଲରେ ଥିବା ପୂର୍ବ ଜେରୁଜେଲମ୍‌ରେ ଦମନଲୀଳା ବିରୋଧରେ ସେମାନେ ପତାକା ଧରି ବିକ୍ଷୋଭ କରିଥିଲେ। ଯୁବ ବିକ୍ଷୋଭକାରୀମାନେ ଇସ୍ରାଏଲ୍‌ର ପତାକା ପୋଡ଼ିଥିଲେ। ଏହି ବିକ୍ଷୋଭରେ ସାମିଲ ଥିଲେ ଶ୍ରୀନଗର ପଡ୍‌ଶାହି ବାଗ୍‌ର ଚିତ୍ରକର ମୁଦାସିର ଗୁଲ୍। ମୁଦାସିର ଏକ ପ୍ରାଚୀର ଚିତ୍ର ଆଙ୍କିଥିଲେ। ସେଥିରେ ଜଣେ ମହିଳାଙ୍କ ମୁଣ୍ଡରେ ଛୁରାମାଡ଼ କରାଯାଇଛି। ରକ୍ତ ବହୁଥିବାରୁ କାନ୍ଦୁଥିବା ମହିଳା ଜଣକ ନିଜ ମୁଣ୍ଡକୁ ପାଲେଷ୍ଟାଇନ୍‌ର ଜାତୀୟ ପତାକାରେ ଘୋଡ଼ାଇ ଦେଇଛନ୍ତି। ସେଥିରେ ଲେଖାଅଛି 'ୱି ଆର୍ ପାଲେଷ୍ଟାଇନ୍'। ଝେଲମ୍ ନଦୀ ଉପରେ ଥିବା ଏକ ସ୍ପିଲ୍‌ଓଭର ଚ୍ୟାନେଲର ଗେଟ୍‌ରେ ଉକ୍ତ ମ୍ୟୁରାଲ୍‌କୁ ଟଙ୍ଗାଯାଇଥିଲା। ମୁଦାସିରଙ୍କୁ ଗିରଫ କରିବା ପୂର୍ବରୁ ପୋଲିସ ଜୋରଜବରଦସ୍ତ ଏହି ଚିତ୍ରକୁ ବିକୃତ କରିବାକୁ ତାଙ୍କୁ ବାଧ କରିଥିଲା। ଏନେଇ ମୁଦାସିରଙ୍କ ଭଉଣୀ ମୁଜାମିଲ ଫିର୍ଦୋସ କହିଛନ୍ତି, ସ୍ଥାନୀୟ କର୍ତ୍ତୃପକ୍ଷ ଚିତ୍ରକରଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କଟକଣା ଲଗାଇଛନ୍ତି। ତାଙ୍କୁ କାହିଁକି ଗିରଫ କରାଯାଇଛି? ତାଙ୍କ ଦୋଷ କ'ଣ? ଏଠାରେ ଚିତ୍ର ଆଙ୍କିବା ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି କି ବୋଲି ମୁଜାମିଲ ପ୍ରଶ୍ନ କରିଛନ୍ତି। ସେହିପରି ଶୋପିଆନ୍ ଜିଲା ରେବାନ୍ ଗ୍ରାମର ଧର୍ମଗୁରୁ ସର୍ଜନ ବରକାତିଙ୍କୁ ମଧ୍ୟ ପାଲେଷ୍ଟାଇନ୍ ପାଇଁ ପ୍ରାର୍ଥନା କରିବା ଅଭିଯୋଗରେ ଗିରଫ କରାଯାଇଛି। ଏକ ମସ୍‌ଜିଦରେ ସେ ପାଲେଷ୍ଟାଇନ୍ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ସେ କିଛି ଭୁଲ୍ କରିନାହାନ୍ତି। ପୋଲିସ ତାଙ୍କୁ ଶନିବାର ସକାଳେ ଗିରଫ କରିନେଇଛି ବୋଲି ସର୍ଜନଙ୍କ ସ୍ତ୍ରୀ ଶାବ୍‌ରୁଜା ଜାନ୍ କହିଛନ୍ତି। ୨୦୧୬ରେ ହିଜ୍‌ବୁଲ ଆତଙ୍କବାଦୀ ବୁରହାନ୍ ୱାନିଙ୍କ ଏନ୍‌କାଉଣ୍ଟର ପରେ ହିଂସା ସୃଷ୍ଟି ହୋଇଥିବାବେଳେ ଅକ୍ଟୋବର ୧୦ରେ ଜନ ସୁରକ୍ଷା ଆଇନ ବଳରେ ବରକାତିଙ୍କୁ ଗିରଫ କରାଯାଇଥିଲା। ୨୦୨୦ ଅକ୍ଟୋବରରେ ସେ ମୁକ୍ତ ହୋଇଥିଲେ।

ପ୍ରକାଶ ଯେ, ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ରର ହିନ୍ଦୁ ଜାତୀୟତାବାଦୀ ସରକାର ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ହଟାଇ ସମଗ୍ର ଉପତ୍ୟକାରେ ବିକ୍ଷୋଭ ବନ୍ଦ କରିବା ଲାଗି ସୁରକ୍ଷା ଲକ୍‌ଡାଉନ୍ ଜାରି କରିଥିଲେ। ବିଶ୍ୱର ଅନ୍ୟତମ ସାମରୀକୃତ ଅଞ୍ଚଳ ଭାବେ ପରିଚିତ କଶ୍ମୀରରେ ସେବେଠୁ ବିକ୍ଷୋଭ କରିବା ଉପରେ କଟକଣା ଜାରି ରହିଛି। ଏଭଳି ସ୍ଥିତିରେ ପାଲେଷ୍ଟାଇନ୍ ସପକ୍ଷରେ ବିକ୍ଷୋଭର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋ ଓ ଭିଡିଓଗୁଡ଼ିକ ଯୋଗୁ ଉପତ୍ୟକାରେ ଅଶାନ୍ତି ସୃଷ୍ଟି ହେବା ଆଶଙ୍କା କରି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା କହିଛି।




ଗ୍ରାଫିଟି ଆର୍ଟିଷ୍ଟ ମୁଦାସିର ଗୁଲ୍ ଆଙ୍କିଥିବା ଏହି ଚିତ୍ରକୁ ପୋଲିସ ହଟାଇଦେଇଛି।



ଚିତ୍ରକର ମୁଦାସିର ଗୁଲ୍

- ୨୧ ଜଣଙ୍କୁ ଉଠାଇନେଲାଣି ପୋଲିସ
- ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା

### ଏଠି କ'ଣ ସ୍ୱାଧୀନତା ନାହିଁ

ଯେତେବେଳେ ସାରା ବିଶ୍ୱ ଇସ୍ରାଏଲ୍‌ର ବର୍ବରତା ବିରୋଧରେ ସ୍ୱର ଉତ୍ତୋଳନ କରୁଛି, ଆମେ କାହିଁକି ମୁହଁ ଖୋଲିପାରିବୁ ନାହିଁ? ଆମକୁ ଚିତ୍ର ଆଙ୍କିବା କାହିଁକି ମନା? କେଉଁ ପ୍ରକାର ଗଣତନ୍ତ୍ରରେ ଆମେ ରହୁଛୁ? ଏଠି କ'ଣ ସ୍ୱାଧୀନତା ନାହିଁ? ପାଲେଷ୍ଟାଇନ୍ ପାଇଁ ଆମେ ସମବେଦନା ଜଣାଇପାରିବୁ ନାହିଁ ବୋଲି ମୁଦାସିରଙ୍କ ଭଉଣୀ ମୁଜାମିଲ ଫିର୍ଦୋସ ପଚାରିଛନ୍ତି। ମୁଦାସିରଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ। କୋଭିଡ୍-୧୯ ସଂକ୍ରମଣ ବଢୁଥିବାବେଳେ ସେ ଜେଲ୍‌ରେ ରହିପାରିବେ ନାହିଁ ବୋଲି ପରିବାର ଲୋକେ କହିଛନ୍ତି।

## ମୋଦିଙ୍କୁ ସମାଲୋଚନା ପୋଷ୍ଟର

### ମୋତେ ବି ଗିରଫ କର: ରାହୁଲ

**ନୂଆଦିଲ୍ଲୀ, ୧୬।୫**

କୋଭିଡ୍ ଟିକାକରଣ ଅଭିଯାନ ପରିଚାଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଫଳ ହୋଇଥିବା ସମାଲୋଚନା କରାଯାଇ ରାଜଧାନୀ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯିବା ଘଟଣାରେ ୧୭ ଜଣଙ୍କୁ ଗିରଫ କରାଯିବା ସହ ଏକାଧିକ ଏତଲା ବିଭିନ୍ନ ଥାନାରେ ଦାଏର କରାଯାଇଥିଲା। ଏହି ଗିରଫଦାରିକୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପି. ଚିଦାମ୍ବରମ, ଅଭିଷେକ ମନୁ ସିଂଘଭି, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ କେନ୍ଦ୍ରର ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି। 'ମୋତେ ମଧ୍ୟ ଗିରଫ କର' ବୋଲି ରାହୁଲ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ ଗତ ଗୁରୁବାର ରାତିରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇ କେନ୍ଦ୍ର ସରକାରଙ୍କ ଟିକା ନୀତିକୁ ପ୍ରଶ୍ନ କରାଯାଇଥିଲା। ମୋଦିଜୀ, ଆମ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଟିକାକୁ କ'ଣ ପାଇଁ ବିଦେଶକୁ ପଠାଇଲ ବୋଲି ସେଥିରେ ଉଲ୍ଲେଖ ଥିଲା। ଏହି ଘଟଣାରେ ଦିଲ୍ଲୀ ପୋଲିସ ୧୭ ଜଣଙ୍କୁ ଗିରଫ କରିବା ସହ ୨୧ଟି ମାମଲା ରୁଜୁ କରିଥିଲା।

### ଆଜି ହସ୍ପିଟାଲକୁ ଔଷଧ ପଠାଇବ ଡିଆର୍‌ଡିଓ

**ନୂଆଦିଲ୍ଲୀ, ୧୬।୫**

କୋଭିଡ୍ ଚିକିତ୍ସା ପାଇଁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ବିକଶିତ କରିଥିବା ଔଷଧ ୨-ଡିଓକ୍ସି-ଡି-ଗ୍ଲୁକୋଜ୍ (୨-ଡିଜି) ସୋମବାର ବାହାରକୁ ଛଡ଼ାଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀର ବିଭିନ୍ନ ହସ୍ପିଟାଲକୁ ପ୍ରାୟ ୧୦,୦୦୦ ଡୋଜ୍ ଔଷଧ ବଣ୍ଟନ କରିବେ। ହାଇଦ୍ରାବାଦର ଡ. ରେଡ୍ଡୀସ୍ ଲାବରେଟୋରି ସହ ମିଳିତ ଭାବେ ଡିଆର୍‌ଡିଓ ଏହି ଔଷଧ ପ୍ରସ୍ତୁତ କରିଛି। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଏହାର ଜରୁରୀ ବ୍ୟବହାର ପାଇଁ ଅନୁମୋଦନ କରିଥିଲା।

# ଅତି ଭୀଷଣ ସାମୁଦ୍ରିକ ଝଡ଼ ରୂପ ନେଲା ତଉକ୍‌ତାଏ

**ମୁମ୍ବାଇ/ବେଙ୍ଗାଲୁରୁ/ ଥିରୁଭାନନ୍ତପୁରମ୍, ୧୬।୫**

- କର୍ନାଟକରେ ୪, ଗୋଆରେ ୨ ମୃତ
- ମହାରାଷ୍ଟ୍ର ଓ ଗୁଜରାଟ ଉପକୂଳରୁ ଲକ୍ଷାଧିକ ଲୋକ ସ୍ଥାନାନ୍ତର

ଆରବ ସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ ତଉକତାଏ ରବିବାର ଅତି ଭୀଷଣ ସାମୁଦ୍ରିକ ଝଡ଼ର ରୂପ ନେଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ଆଗାମୀ ୧୨ ଘଣ୍ଟାରେ ଏହା ଅଧିକ ଘନୀଭୂତ ହୋଇ ମଙ୍ଗଳବାର ଭୋର ସମୟରେ ପୋରବନ୍ଦର ଏବଂ ମହୁଭା ମଧ୍ୟରେ ଗୁଜରାଟ ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୫୦ରୁ ୧୬୦ କିମି ଏବଂ ସ୍ଥଳବିଶେଷରେ ସର୍ବାଧିକ ୧୭୫ କିଲୋମିଟର ରହିବ। ଏଥିସହିତ ପାଖାପାଖି ୩ ମିଟର ଉଚ୍ଚର ଜୁଆର ଉଠିବା ସମ୍ଭାବନା ଥିବା ପାଣିପାଗ ବିଭାଗ ଆକଳନ କରିଛି।

ସାମୁଦ୍ରିକ ଝଡ଼ ଉପକୂଳ ଅଞ୍ଚଳକୁ ଅଧିକ କ୍ଷତିଗ୍ରସ୍ତ କରିବା ସମ୍ଭାବନା ରହିଛି। ସେଥିପାଇଁ ଗୁଜରାଟ ଓ ମହାରାଷ୍ଟ୍ରର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଇଛି। ମହାରାଷ୍ଟ୍ର ଓ ଗୋଆରେ ପ୍ରବଳ ବର୍ଷା ପବନ ଜାରି ରହିଥିବାରୁ ବହୁସଂଖ୍ୟାରେ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ଗୋଆରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। ଘର ଭାଙ୍ଗିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ର ଉପକୂଳ ଅଞ୍ଚଳରେ ଥିବା କୋଭିଡ୍ କେୟାର ସେଣ୍ଟରରୁ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାତ୍ୟା ଯୋଗୁ ସେହି ହସ୍ପିଟାଲଗୁଡ଼ିକରେ ଯେପରି ବିଦ୍ୟୁତ ଓ ଅକ୍ସିଜେନ ଯୋଗାଣ ବାଧାପ୍ରାପ୍ତ ନ ହୁଏ, ତାହା ସୁନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ତଉକତାଏ ପ୍ରଭାବରେ କେରଳ, କର୍ନାଟକ, ଗୋଆ ଓ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଲାଗିରହିଛି। କର୍ନାଟକ ଉପକୂଳ ଓ କେନ୍ଦ୍ରୀୟ କର୍ନାଟକର ଉତ୍ତର କନ୍ନଡ, ଉଡୁପି, ଚିକମାଗାଲୁରୁ ଏବଂ ଶିବମୋଗା ଜିଲାରେ ପ୍ରବଳ ବର୍ଷାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। କେରଳର କୋଝିକୋଡେରୁ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ଯାଇଥିବା ୧୫ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିଲେ। ଦୁଇଦିନ ହେଲା ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନ ଥିବାବେଳେ ରବିବାର ସେମାନଙ୍କ ବୋଟକୁ ମାଙ୍ଗାଲୁରୁ ଉପକୂଳରେ ଠାବ କରାଯାଇଛି। ଏଥିରେ ସମସ୍ତ ମତ୍ସ୍ୟଜୀବୀ ସୁରକ୍ଷିତ ଥିବା କୁହାଯାଉଛି। ଗତ ୫ ତାରିଖରେ ବେପୋର ବନ୍ଦରରୁ ସେମାନେ 'ଆଜମୀର ଶା' ନାମକ ବୋଟ୍‌ରେ ମାଛ ଧରିବାକୁ ସମୁଦ୍ର ମଧ୍ୟକୁ ଯାଇଥିଲେ। ସେହି ସମୟରେ ଯାଇଥିବା ଅନ୍ୟ ଏକ ବୋଟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଏହା ଗୋଆ ଉପକୂଳଠାରୁ ୭ ନଟିକାଲ ମାଇଲ ଦୂରରେ ଅଟକି ରହିଛି। ସେଥିରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଉଦ୍ଧାର କରିବା ଲାଗି ମତ୍ସ୍ୟଜୀବୀ ସଂଘ ପକ୍ଷରୁ ନୌସେନା ଓ ତଟସୁରକ୍ଷା ବାହିନୀକୁ ଅନୁରୋଧ କରାଯାଇଛି।




ଗୋଆର ପଣଜୀରେ ଏନ୍‌ଡିଆର୍‌ଏଫ୍ ଟିମ୍ ଗଛ କାଟି ରାସ୍ତା ସଫା କରୁଛନ୍ତି।

# ସକ୍ରିୟ ମାମଲା ୩୬.୧୮ ଲକ୍ଷକୁ ହ୍ରାସ

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

### ପଜିଟିଭ୍ ହାର ୧୬.୯୮%

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ସକ୍ରିୟ ମାମଲା ସଂଖ୍ୟା ୫୫,୩୪୪ ହ୍ରାସ ପାଇ ୩୬,୧୮,୪୫୮ରେ ପହଞ୍ଚିଛି। ଦୈନିକ ପଜିଟିଭିଟି ହାର ୧୬.୯୮ ପ୍ରତିଶତକୁ ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୧୪.୬୬ ପ୍ରତିଶତ ରହିଛି। ମୋଟ ସକ୍ରିୟ ମାମଲାର ୭୪.୬୯ ପ୍ରତିଶତ ୧୦ ରାଜ୍ୟରେ ଦେଖିବାକୁ ମିଳିଛି। ସେହି ରାଜ୍ୟଗୁଡ଼ିକ ହେଲେ କର୍ନାଟକ, ମହାରାଷ୍ଟ୍ର, କେରଳ, ରାଜସ୍ଥାନ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ ଛତିଶଗଡ଼। ମେ' ୩ରେ ଦେଶରେ ପଜିଟିଭିଟି ହାର ୨୪.୪୭ ପ୍ରତିଶତ ରହିଥିବାବେଳେ ଏବେ ୧୬.୯୮ ପ୍ରତିଶତକୁ ହ୍ରାସ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩,୬୨,୪୩୭ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ କୋଭିଡ୍‌ରୁ ମୋଟ ୨,୦୭,୯୫,୩୩୫ ଜଣ ଆରୋଗ୍ୟ ହେଲେଣି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଦେଶରେ ମୋଟ ୩,୧୧,୧୭୦ ଜଣ ସଂକ୍ରମିତ ହୋଇଛନ୍ତି। ନୂଆ ମାମଲାର ୭୪.୭ ପ୍ରତିଶତ କର୍ନାଟକ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ଓ ହରିୟାଣାରେ ରହିଛି। କର୍ନାଟକରେ ଦିନକରେ ସର୍ବାଧିକ ୪୧,୬୬୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୩୪,୮୪୮, ତାମିଲନାଡୁରେ ୩୩,୬୫୮ ସଂକ୍ରମିତ ହୋଇଛନ୍ତି।



ସେହିପରି ଗତ ୨୪ ଘଣ୍ଟାରେ ଦେଶରେ ୪,୦୭୭ ଜଣ କରୋନାରେ ପ୍ରାଣ ହରାଇଛନ୍ତି। ସେଥିରୁ ୭୫.୫୫ ପ୍ରତିଶତ ୧୦ ରାଜ୍ୟରେ ରହିଛି। ସେଗୁଡ଼ିକ ହେଲେ ମହାରାଷ୍ଟ୍ର, କର୍ନାଟକ, ଦିଲ୍ଲୀ, ତାମିଲନାଡୁ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ହରିୟାଣା। ମହାରାଷ୍ଟ୍ରରେ ଦିନକରେ ସର୍ବାଧିକ ୯୪୦ ଲୋକଙ୍କ ଜୀବନ ଯାଇଥିବାବେଳେ କର୍ନାଟକରେ ୩୪୯ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ ୧୮,୨୨,୨୦,୧୬୪ ଡୋଜ୍ ଟିକା ଦିଆଗଲାଣି।

# ଚାଷୀଙ୍କ ଉପରେ ଲାଠିମାଡ଼

**ଚଣ୍ଡିଗଡ଼, ୧୬।୫**

### ଖଟ୍ଟାରଙ୍କ କାର୍ଯ୍ୟକ୍ରମରେ ବିକ୍ଷୋଭ କରୁଥିଲେ

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର ରବିବାର ଯୋଗଦେଇଥିବା ଏକ କାର୍ଯ୍ୟକ୍ରମରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ଏଥିରେ ଅନେକ ଚାଷୀ ଆହତ ହୋଇଛନ୍ତି। ପୋଲିସ ଅନ୍ଦୋଳନରତ ଚାଷୀଙ୍କ ଉପରକୁ ପ୍ଲାଷ୍ଟିକ୍ ଗୁଳି ଚଳାଇବା ସହ କେତେଜଣଙ୍କୁ ଗିରଫ କରିଥିବା କୃଷକ ନେତାମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ମଧ୍ୟ ପ୍ରୟୋଗ କରିଥିଲା।

ମୁଖ୍ୟମନ୍ତ୍ରୀ ଖଟ୍ଟାର ହିସାର ଜିଲାରେ ଏକ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରିବାକୁ ଯାଇଥିବାବେଳେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଲାଠିଚାଳନା ପ୍ରତିବାଦରେ କୃଷକ ସଂଗଠନ ପକ୍ଷରୁ ୯ ନମ୍ବର ଜାତୀୟ ରାଜପଥ ଏବଂ ଗ୍ରାଣ୍ଡ ଟ୍ରଙ୍କ ରୋଡ୍ ଅବରୋଧ କରାଯାଇଥିଲା। ଗିରଫ ହୋଇଥିବା ଚାଷୀଙ୍କୁ ତୁରନ୍ତ ନ ଛାଡ଼ିଲେ ଥାନା ଘେରାଉ କରାଯିବ ବୋଲି ଭାରତୀୟ କିଷାନ ୟୁନିୟନ ନେତା ଗୁର୍‌ନାମ ସିଂ ଚାରୁନି କହିଛନ୍ତି। ହସ୍ପିଟାଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ଅନ୍‌ଲାଇନରେ କାହିଁକି ହସ୍ପିଟାଲ ଉଦ୍‌ଘାଟନ କଲେନାହିଁ ବୋଲି ଚାରୁନି ପ୍ରଶ୍ନ କରିଛନ୍ତି। ସେମାନେ ଜାଣିଶୁଣି ବିବାଦ ସୃଷ୍ଟି କରାଇବା ସହ କରୋନା ସଂକ୍ରମଣ ବଢ଼ାଉଛନ୍ତି ଏବଂ ଚାଷୀମାନଙ୍କୁ ବଦନାମ କରାଉଛନ୍ତି ବୋଲି କୃଷକ ନେତା ଅଭିଯୋଗ କରିଛନ୍ତି।

## ଫର୍ଚ୍ୟୁନ ମାଗାଜିନ୍ ଲିଡର ତାଲିକା

# ଶ୍ରେଷ୍ଠ ୧୦ରେ ପୁନାୱାଲା

### ଶୀର୍ଷରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା

**ୱାଶିଂଟନ୍, ୧୬।୫**



ଅଦାର ପୁନାୱାଲା



ଜେସିଣ୍ଡା ଆର୍ଡନ

ବିଶ୍ୱର ୫୦ ଶ୍ରେଷ୍ଠ ଲିଡରଙ୍କ ତାଲିକା ପ୍ରକାଶ କରିଛି ଆମେରିକାର ବ୍ୟବସାୟଭିତ୍ତିକ ପତ୍ରିକା ଫର୍ଚ୍ୟୁନ ମାଗାଜିନ୍। ଭାରତରେ କରୋନା ଟିକା ପ୍ରସ୍ତୁତକାରୀ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ସିଇଓ ଅଦାର ପୁନାୱାଲା ଏକମାତ୍ର ଭାରତୀୟ ଭାବେ ଫର୍ଚ୍ୟୁନ ମାଗାଜିନ୍‌ର ଶ୍ରେଷ୍ଠ ଲିଡର ତାଲିକା-୨୦୨୧ର ୧୦ ନମ୍ବରରେ ସ୍ଥାନିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନ ତାଲିକାର ଶୀର୍ଷରେ ରହିଛନ୍ତି। ନ୍ୟୁଜିଲାଣ୍ଡରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ତଥା ଏହାର ସଫଳ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିବାରୁ ଜେସିଣ୍ଡାଙ୍କୁ ଫର୍ଚ୍ୟୁନ ପ୍ରଶଂସା କରିଛି। ସେହିପରି ଭାରତରେ କରୋନା ଟିକାର ୯୦ ପ୍ରତିଶତ ପ୍ରସ୍ତୁତି ସହ ଏହାର ଯୋଗାଣରେ ପୁନାୱାଲାଙ୍କ ପ୍ରମୁଖ ଭୂମିକା ରହିଛି। ବିଶ୍ୱର ସର୍ବବୃହତ ଟିକା ଉତ୍ପାଦନକାରୀ କମ୍ପାନୀ ମଧ୍ୟରୁ ସିରମ୍ ଇନଷ୍ଟିଚ୍ୟୁଟ୍ ଅନ୍ୟତମ ବୋଲି ଏହି ମାଗାଜିନ୍ କହିଛି।

ତାଲିକାର ଦ୍ୱିତୀୟରେ ସ୍ଥାନିତ ହୋଇଛି ଏମ୍-ଆର୍‌ଏନ୍‌ଏ ପାୟୋନିୟର୍ସ। ପାରମ୍ପରିକ ଟିକା ତୁଳନାରେ ଏମ୍-ଆର୍‌ଏନ୍‌ଏ ଭାକ୍ସିନ କରୋନା ଭଳି ଭୂତାଣୁ ବିରୋଧରେ ଲଢ଼େଇ ପାଇଁ ବେଶ୍ ସଫଳ ସାବ୍ୟସ୍ତ ହୋଇଥିବା ଏହି ମାଗାଜିନ୍ ଉଲ୍ଲେଖ କରିଛି। ନିଜ କର୍ମଚାରୀଙ୍କ ପିଛା ନିବେଶ କରୁଥିବା ଆମେରିକୀୟ ବ୍ୟବସାୟୀ ତଥା ପେ ପଲ୍ ସିଇଓ ଡାନିଏଲ୍ ଏଚ୍ ସ୍କୁଲମ୍ୟାନ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଆଫ୍ରିକାର ରୋଗ ନିୟନ୍ତ୍ରକ ଏବଂ ପ୍ରତିରୋଧକ କେନ୍ଦ୍ର ନିର୍ଦ୍ଦେଶକ ଡ. ଜନ୍ କେଙ୍ଗାସଙ୍ଗ୍ କୋଭିଡ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ପାଇଁ ଚତୁର୍ଥ ସ୍ଥାନରେ ସ୍ଥାନିତ ହୋଇଛନ୍ତି। ଆମେରିକାର ନ୍ୟାଶନାଲ ବାସ୍କେଟ୍‌ବଲ ଆସୋସିଏଶନ(ଏନ୍‌ବିଏ) ରେସକ୍ୟୁୟର୍ସଙ୍କୁ ପଞ୍ଚମ ସ୍ଥାନରେ ରଖିଛି ଏହି ମାଗାଜିନ୍। ଚାଇନାର ପିଙ୍ଗ ଏକ ସ୍ୱାସ୍ଥ୍ୟସେବା ଓ ପ୍ରଯୁକ୍ତିବିଦ୍ୟା କମ୍ପାନୀର କୋ-ସିଇଓ ଜେସିକା ଟାନ୍ ୬ ନମ୍ବର ସ୍ଥାନରେ ରହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୩୫,୪୭,୦୦୧ | ୩୩,୮୯,୭୧୭ | ୧୪,୩୦,୮୩,୨୯୧ |
| ଭାରତ | ୨,୪୯,୪୩,୨୪୧ | ୨,୭୪,୦୦୮ | ୨,୧୧,୨୫,୭୬୭ |
| ଓଡ଼ିଶା | ୬,୧୨,୨୨୪ | ୨୩୧୩(+୫୩) | ୫,୧୪,୫୩୨ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୫ଦିନ କାଳବୈଶାଖୀ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୬।୫(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସହ ବର୍ଷା ହେବ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଏଥିସହିତ କାଳବୈଶାଖୀ ମଧ ହେବ। ବାକି ସବୁ ଜିଲାରେ ପାଗ ଶୁଖିଲା ରହିବ। ତେବେ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ନବରଙ୍ଗପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ୮ଟି ଜିଲାରେ କାଳବୈଶାଖୀ ସହ ବଜ୍ରପାତ ହେବ। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ବର୍ଷା ସତ୍ତ୍ୱେ ରାଜ୍ୟରେ ଏବେବି ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରବିବାର ୩ଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ଥିଲା। ସୋନପୁରରେ ସର୍ବାଧିକ ୪୧.୨ ଡିଗ୍ରୀ ଥିବାବେଳେ ବୌଦ୍ଧ ୪୦.୫ ଓ ଟିଟିଲାଗଡ଼ର ତାପମାତ୍ରା ୪୦.୨ ଡିଗ୍ରୀ ରହିଥିଲା। ସେହିପରି ମାଲକାନଗିରି ୩୯.୫, ସମ୍ବଲପୁର ୩୯.୨, ଅନୁଗୋଳ ୩୯.୧, ସୁନ୍ଦରଗଡ଼ ୩୯, ବଲାଙ୍ଗୀର ୩୮.୮, ତାଳଚେର ୩୮.୭, ଫୁଲବାଣୀ ୩୮.୫, ଭବାନିପାଟଣା ୩୮.୪, ହୀରାକୁଦ ୩୮.୩ ଡିଗ୍ରୀ ରେକର୍ଡ କରାଯାଇଛି।

### ଏମ୍‌କେସିଜି ମେଡିକାଲ କାଜୁଆଲ୍‌ଟିରେ ରୋଗୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୧୬।୫:** ବ୍ରହ୍ମପୁର ବଡ଼ ମେଡିକାଲ କାଜୁଆଲ୍‌ଟି ଶୌଚାଳୟରେ ଜଣେ ରୋଗୀ ରବିବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ରାଜେନ୍ଦ୍ର ମୁନି(୩୮)। ଏମ୍‌କେସିଜି ଫାଣ୍ଡି ପୋଲିସ ମୃତଦେହ ଜବତ କରି ତହସିଲଦାରଙ୍କ ଉପସ୍ଥିତିରେ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ନମ୍ବର ୨୪୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ଗଞ୍ଜାମ ଜିଲା ବଡଗଡ ଥାନା ଅନ୍ତର୍ଗତ ଏକଲପୁର ଗ୍ରାମର ରାଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ବଡମେଡିକାଲ କାଜୁଆଲଟିରେ ଗତ ୧୩ତାରିଖରେ ଭର୍ତ୍ତି କରାଯାଇଥିଲା। ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିଲେ। ତାଙ୍କୁ ଅକ୍ସିଜେନ ମଧ ଦିଆଯାଇଥିଲା। ତାଙ୍କ ଶାଳକ ମଧ ପାଖରେ ଥିଲେ। ରବିବାର ଅପରାହ୍ନରେ ରାଜେନ୍ଦ୍ର ଶୌଚାଳୟ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। କବାଟ ଭାଙ୍ଗି ଦେଖିବା ବେଳେ ତାଙ୍କ ଝୁଲନ୍ତା ମୃତଦେହ ଏକ ଗାମୁଛାରେ ଝରକା ଗ୍ରିଲ୍‌ରେ ବନ୍ଧା ହୋଇଥିଲା। ତୁରନ୍ତ ଏ ନେଇ ଶାଳକ ସଞ୍ଜୟ ସୁରକ୍ଷା କର୍ମୀଙ୍କୁ ଖବର କରିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଙ୍କ ନିକଟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାହିଁକି ଏଭଳି ଘଟଣା ଘଟିଲା ସେ ଦିଗରେ ତଦନ୍ତ କରିବାକୁ ପରିବାରବର୍ଗ ଦାବି କରିଛନ୍ତି।

# ଆଉ ୧୧,୭୩୨ ପଜିଟିଭ୍, ୧୯ ମୃତ

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

**ରାଜ୍ୟରେ କମୁନି ସଂକ୍ରମଣ**
- ଆକ୍ରାନ୍ତ, ମୃତ୍ୟୁରେ ଖୋର୍ଦ୍ଧା ଶୀର୍ଷରେ
- ଦୈନିକ ସଂକ୍ରମଣରେ ସୁନ୍ଦରଗଡ଼କୁ ଟପିଲା କଟକ

ଲକ୍‌ଡାଉନ୍ ପରେ ଦିଲ୍ଲୀ, ମହାରାଷ୍ଟ୍ର ଭଳି ଦେଶର ଅଧିକ କରୋନା ପ୍ରଭାବିତ ରାଜ୍ୟରେ ସ୍ଥିତି ସୁଧୁରୁଛି। ହେଲେ ଓଡ଼ିଶାରେ ସଂକ୍ରମଣ କମିବାର ନାଁ ଧରୁନି। ଲଗାତର କିଛିଦିନ ହେବ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୦ରୁ ୧୨ ହଜାର ମଧରେ ରହୁଛି। ଗତ ୨୪ ଘଣ୍ଟାରେ ଆଉ ୧୧,୭୩୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୯ଜଣଙ୍କ ମୃତ୍ୟୁ ହୋଇଛି। ଅଧିକ କଟକଣା ଲାଗୁ ହୋଇଥିବା ଖୋର୍ଦ୍ଧା ଜିଲାର ସ୍ଥିତି ପୂର୍ବପରି ସଙ୍ଗିନ ରହିଛି। ଦୈନିକ ଆକ୍ରାନ୍ତ ଓ ମୃତ୍ୟୁ ସର୍ବାଧିକ ରହୁଥିବାବେଳେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧରେ ଏହି ଜିଲାରୁ ସର୍ବାଧିକ ୧,୭୧୦ଜଣ ରହିଛନ୍ତି। ସେହିପରି କଟକ ଜିଲାରୁ ୮୭୦, ଅନୁଗୋଳ ୭୦୦, ସୁନ୍ଦରଗଡ଼ ୬୪୧, ସମ୍ବଲପୁର ୫୩୮, ବାଲେଶ୍ୱର ୪୭୨, ମୟୂରଭଞ୍ଜ ୪୧୮, ନବରଙ୍ଗପୁର ୪୧୭, ଭଦ୍ରକ ୪୧୪, ବଲାଙ୍ଗୀର ୪୦୧, ଝାରସୁଗୁଡ଼ା ୩୯୧, ପୁରୀ ୩୯୦, ଯାଜପୁର ୩୮୩, ଜଗତ୍‌ସିଂହପୁର ୩୩୦, କୋରାପୁଟ ୨୮୯, ବୌଦ୍ଧ ୨୭୭, କଳାହାଣ୍ଡି ୨୭୪, ନବରଙ୍ଗପୁର ୨୬୧, ଗଞ୍ଜାମ ୨୫୯, ସୁବର୍ଣ୍ଣପୁର ୨୫୫, ରାୟଗଡ଼ା ୨୪୫, ନୂଆପଡ଼ା ଓ କେନ୍ଦୁଝର ୨୨୦ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟସବୁ ଜିଲାରେ ନୂଆ ସଂକ୍ରମିତ ସଂଖ୍ୟା ୨ଶହ ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମଣ ୬,୧୨,୨୨୪ରେ ପହଞ୍ଚିଛି। ସେପଟେ ୧୯ କରୋନା ମୃତକଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରୁ ୪ଜଣ ରହିଥିବାବେଳେ ଅନୁଗୋଳ ଓ ରାୟଗଡ଼ାରୁ ୩ଜଣ ଲେଖାଏ, ନୂଆପଡ଼ା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ଗଜପତି, କେନ୍ଦ୍ରାପଡ଼ା, ପୁରୀ, ନବରଙ୍ଗପୁର ଓ ନୟାଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୨,୩୧୩କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।



ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ରବିବାର ୨ୟ ଦିନରେ ମଦନମୋହନ ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଶ୍ରୀମନ୍ଦିରରୁ ବାହାରି ଚାପ ଖେଳିବାକୁ ନରେନ୍ଦ୍ର ପୁଷ୍କରିଣୀକୁ ଯାଉଛନ୍ତି।

# କୋଭିଡ୍ ସ୍ଥିତି ନେଇ ସର୍ବଦଳୀୟ ବୈଠକ ଆଜି

**ଭୁବନେଶ୍ୱର, ୧୬।୫(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସ୍ଥିତି ଭୟଙ୍କର ଆଡ଼କୁ ଗତି କରୁଥିବା ବେଳେ ଏହାକୁ ନେଇ ସବୁଆଡ଼େ ଚିନ୍ତା ବଢ଼ିବାରେ ଲାଗିଛି। କୋଭିଡ୍ ସ୍ଥିତି ଯଦି ଏହିଭଳି ଲାଗି ରହେ ତେବେ ଆଗକୁ ପରିସ୍ଥିତି ଆହୁରି ଜଟିଳ ହେବ। ଏକ ପ୍ରକାର ନିଶ୍ଚିତ। ତେଣୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କୋଭିଡ୍ ସ୍ଥିତି ନେଇ ସର୍ବଦଳୀୟ ବୈଠକର ଆୟୋଜନ କରାଯାଇଛି। ଅପରାହ୍ନ ସାଢେ ୫ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏହି ବୈଠକ ବସିବ। ଆଗକୁ କୋଭିଡ୍ ସ୍ଥିତି ନେଇ କ'ଣ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା ହେବ ବୋଲି ଜଣାପଡିଛି। ଏଥିଲାଗି ବିଧାନସଭା ସମ୍ମିଳନୀ କକ୍ଷରେ ସବୁ ବିଧାୟକଙ୍କୁ ଭାଗ ନେବା ଲାଗି ବ୍ୟବସ୍ଥା ହୋଇଛି। ସର୍ବଦଳୀୟ ବୈଠକ ଡାକିବା ଲାଗି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱର ଉଠାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହା କରିବା ଲାଗି ଘୋଷଣା କରାଯାଇଛି। ଯଦି କୌଣସି ବିଧାୟକଙ୍କ ବିଧାନସଭା ସମ୍ମିଳନୀ କକ୍ଷରେ ଯୋଗଦେବା ସମ୍ଭବ ନ ହୁଏ ତେବେ ଜିଲା ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଭାଗ ନେଇପାରିବେ। ଏହି ସମୟରେ ନିଜ ଅଞ୍ଚଳରେ କୋଭିଡ୍ ସ୍ଥିତି କିଭଳି ରହିଛି, ଏଥିଲାଗି କ'ଣ କରାଯିବାର ଆବଶ୍ୟକତା ଅଛି ସେନେଇ ଆଲୋଚନା ହେବ।

## ଡାକ କର୍ମଚାରୀଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦାବି

**କଟକ ସଦର,୧୬।୫(ଡି.ଏନ୍.ଏ.)**

ଓଡ଼ିଶା ସରକାର ନିକଟରେ ବ୍ୟାଙ୍କ, ବୀମା ଓ ରେଲୱେ କର୍ମଚାରୀଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ହେଲେ ଗାଁ ଓ ସହରରେ ଡାକସେବା ଯୋଗାଉଥିବା କ୍ଷେତ୍ରୀୟ କର୍ମଚାରୀଙ୍କୁ ଏହି ସୁବିଧା ମିଳିନାହିଁ ବୋଲି ନ୍ୟାଶନାଲ ଫେଡେରେଶନ ଗ୍ରାମୀଣ ଡାକ ସେବକ ସଂଘର ସହକାରୀ ସମ୍ପାଦକ ବିଜୟ କୁମାର ଷଡ଼ଙ୍ଗୀ କହିଛନ୍ତି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଡାକଘରେ ଚିଠି ବାଣ୍ଟିବା, ଡାକ ପରିବହନ ଓ ଗ୍ରହଣ କରିବା ଦାୟିତ୍ୱ ବିଭାଗୀୟ କର୍ମଚାରୀ ତୁଲାଉଛନ୍ତି। ଚିଠି ଦେବା ମଧ୍ୟରେ କେତେ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି ଏହି କର୍ମଚାରୀମାନେ। ତେଣୁ ଡାକ କର୍ମଚାରୀ ମଧ କରୋନା ସଂକ୍ରମିତ ହେବାର ଆଶଙ୍କା ରହୁଛି। ଏଥିପାଇଁ ସେମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ପାଇଁ ସଂଘ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖାଯାଇଛି।

## ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

**କେନ୍ଦୁଝର,୧୬।୫(ସ୍ୱ.ପ୍ର.)**

ସ୍ୱାମୀ-ସ୍ତ୍ରୀ ସାମାନ୍ୟ ଝଗଡାରୁ ଘଟିଛି ହତ୍ୟାକାଣ୍ଡ। କିଛିଦିନଧରି ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହୁଥିଲେ ମଧ ଶନିବାର ରାତିରେ ଏହା ଉଗ୍ରରୂପ ଧାରଣ କରିଥିଲା। ଶେଷରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ କାଠଫାଳିଆରେ ପିଟି ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ସତ୍ୟପାଳ ଗ୍ରାମରେ। ମୃତ ମହିଳା ହେଲେ ବିଦ୍ୟାଧର ପାତ୍ରଙ୍କ ସ୍ତ୍ରୀ ଦୁଃଖୀ। ଏନେଇ ପୋଲିସ ଏକ ମାମଲା(ନଂ.୫୩/୨୧) ରୁଜୁ କରି ସ୍ୱାମୀ ବିଦ୍ୟାଧରଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଆଇଆଇସି ସସ୍ମିତା ଖିଲାରଙ୍କ ସୂଚନା ଅନୁଯାୟୀ, ଗତ ଶନିବାର ରାତିରେ ଦୁଃଖୀ ଓ ବିଦ୍ୟାଧର ଖାଇସାରି ଶୋଇଥିଲେ। କୌଣସି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ବିଦ୍ୟାଧର କ୍ରୋଧ ନିୟନ୍ତ୍ରଣ କରି ନ ପାରି ଏକ କାଠଫାଳିଆରେ ସ୍ତ୍ରୀ ଦୁଃଖୀଙ୍କୁ ପିଟି ଗୁରୁତର କରିଥିଲେ। ସକାଳୁ ସାହିପଡିଶା ଲୋକେ ଦୁଃଖୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କରୋନାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଭୁବନେଶ୍ୱର,୧୬।୫(ବ୍ୟୁରୋ)**

**ଝାରପଡ଼ା ଜେଲରେ ଭୟର ବାତାବରଣ**
- ପୂର୍ବତନ ଅଧୀକ୍ଷକ, ଜେଲରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ
- ଡାକ୍ତର ଅସୁସ୍ଥ, ଆଶଙ୍କାରେ କଏଦୀ ଓ କର୍ମଚାରୀ
- ଟେଷ୍ଟିଂ ପାଇଁ ଚିଠି ଲେଖି ଚୁପ୍ ବସିଛନ୍ତି କର୍ତ୍ତୃପକ୍ଷ




ଝାରପଡ଼ା ଜେଲରେ ସଂକ୍ରମଣ ବ୍ୟାପିଯିବା ପରେ ଏବେ ମୁଣ୍ଡ ନେଇଛି ମହାମାରୀ। କରୋନାରେ ଆକ୍ରାନ୍ତ ହୋଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତ୍ରିପତି ମହାନ୍ତି। ତାଙ୍କ ଘର ଗଞ୍ଜାମ ଜିଲା କୋଦଳା ବ୍ଲକ୍ ଅନ୍ତର୍ଗତ ମଠବ୍ରହ୍ମପୁରରେ। ସେ ନିଶା କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିଲେ। ତାଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲା। ଗତ ୧୧ ତାରିଖରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। କ୍ୟାପିଟାଲରେ ୨ଥର ଓ ଏମ୍‌ସରେ ଥରେ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିଲେ ମଧ ରିପୋର୍ଟ ନେଗେଟିଭ ଆସିଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର କରୋନା ରିପୋର୍ଟ ପଜିଟିଭ ଆସିଥିଲା। ଏହାପରେ ତାଙ୍କୁ କୋଭିଡ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ହୋଇଥିବା ଜେଲ ବିଭାଗ ଡିଆଇଜି ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସତୀଚଉରା ଶ୍ମଶାନରେ ମୃତଦେହକୁ ଦାହ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ନିକଟରେ ବଦଳି ହୋଇଥିବା ଝାରପଡା ସ୍ପେଶାଲ ଜେଲ୍‌ର ଅଧୀକ୍ଷକ ଓ ଜେଲରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେହିଭଳି ଜେଲ୍ ହସ୍ପିଟାଲର ଡାକ୍ତର, ଆଉକେତେଜଣ କଏଦୀ ଓ କର୍ମଚାରୀ ଅସୁସ୍ଥ ଥିବା ସୂଚନା ମିଳିଛି। ଏ ପରିସ୍ଥିତିରେ ଏଯାଏ ଜେଲ୍‌ରେ ସମୂହ କୋଭିଡ ପରୀକ୍ଷା କରାଯାଇ ପାରିନାହିଁ। ଜେଲ କର୍ତ୍ତୃପକ୍ଷ କେବଳ ବିଏମ୍‌ସିକୁ ଚିଠି ଲେଖି ଚୁପ ବସିଛନ୍ତି। କ୍ଷମତାଠାରୁ ଅଧିକ କଏଦୀ ଥିବାରୁ ଅଧିକ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ତେଣୁ ଏଠାରେ ଜଣେ ଭଲ ଡାକ୍ତରଙ୍କୁ ଅବସ୍ଥାପିତ କରିବା ସହ ତୁରନ୍ତ ଟେଷ୍ଟିଂ କରାଯାଉ ବୋଲି କଏଦୀମାନେ ଦାବି କରିଛନ୍ତି। ଏନେଇ ଡିଆଇଜି ମିଶ୍ର କହିଛନ୍ତି, ୧୨୦ଜଣ କଏଦୀଙ୍କୁ କରୋନା ଟିକା ଦିଆଯାଇଛି। ଟେଷ୍ଟିଂ ପାଇଁ ବିଏମସିକୁ ପତ୍ର ଲେଖାଯାଇଛି। ଖୁବଶୀଘ୍ର ସମସ୍ତ ଅନ୍ତେବାସୀଙ୍କ କୋଭିଡ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ନିକଟରେ ବ୍ରହ୍ମପୁର ଜେଲରେ ଥିବା ୯୨୭ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୮୪ଜଣଙ୍କ ଟେଷ୍ଟ କରାଯାଇଥିଲା। ୪୮ କଏଦୀଙ୍କ ରିପୋର୍ଟ ପଜିଟିଭ ଆସିଛି। ଫଳରେ ରାଜ୍ୟର ବିଭିନ୍ନ ଜେଲରେ କୋକୁଆ ଭୟ ଦେଖାଦେଇଛି।

# ଗଣବଳାତ୍କାର ମାମଲା: ଆଉ ଜଣେ ଅଭିଯୁକ୍ତ ଗିରଫ

**ଝାରସୁଗୁଡା ଅଫିସ୍,୧୬।୫**

ଝାରସୁଗୁଡା ବସ୍‌ଷ୍ଟାଣ୍ଡ ନିକଟ ରେଲୱେର ପରିତ୍ୟକ୍ତ କୋଠାରେ ଗତ ୬ ତାରିଖ ଦ୍ୱିପ୍ରହରରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲା କତରବଗା ଥାନା ଲଇଡା ଗ୍ରାମର ଚନ୍ଦ୍ରଭାନୁ ପୃଷ୍ଟି(୨୯)। ଅଭିଯୁକ୍ତ ଜଣଙ୍କ ଝାରସୁଗୁଡା ମାଳିପଡାରେ ଭଡାରେ ରହି ବସ୍‌ରେ ହେଲ୍‌ପର କାମ କରୁଥିଲେ ବୋଲି ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁସାରେ, ଉକ୍ତ ପରିତ୍ୟକ୍ତ କୋଠାରେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଜିଆର୍‌ପି ପୋଲିସ୍ ଗତ ୭ତାରିଖରେ ଏକ ମାମଲା (ନଂ.୨୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଫେରାର ଅଭିଯୁକ୍ତଙ୍କ ମଧ୍ୟରୁ ଝାରସୁଗୁଡା ଟାଉନ ଥାନା ପୋଲିସ ଲଇକେରା ଥାନା ନକ୍ସାପାଲି ଗ୍ରାମର ମୁଖ୍ୟ ଅଭିଯୁକ୍ତ ହେମରାଜ ବେସନ(୨୯)ଙ୍କୁ ଧରି ଜିଆର୍‌ପି ପୋଲିସ୍‌କୁ ହସ୍ତାନ୍ତର କରିଥିଲା। ଜିଆର୍‌ପି ପୋଲିସ ବେସନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଜିଆର୍‌ପି ପୋଲିସ ତନାଘନା ଚଳାଇଥିଲା। ଉଲ୍ଲେଖନୀୟ, ବସ୍‌ଷ୍ଟାଣ୍ଡ ଆଖପାଖ ଅଞ୍ଚଳରେ ଥିବା ରେଲୱେର ପରିତ୍ୟକ୍ତ କୋଠାରେ ଗଣବଳାତ୍କାର, ଲୁଟତରାଜ ଆଦି ଆସାମାଜିକ କାର୍ଯ୍ୟକଳାପ ହେଉଛି। ଏହାକୁ ଦୃଷ୍ଟିରେ ରଖି ରେଲୱେ ତରଫରୁ ଗତ ଶୁକ୍ରବାର ଉକ୍ତ କୋଠାକୁ ଭାଙ୍ଗି ଦିଆଯାଇଥିବା ଜଣାପଡିଛି।



ଚନ୍ଦ୍ରଭାନୁ ପୃଷ୍ଟି

# ପକ୍ଷୀଙ୍କ ସେବାରେ ଜ୍ୟୋତି

**ଭଣ୍ଡାରିପୋଖରୀ, ୧୬।୫(ଡି.ଏନ.ଏ.)**

ଗ୍ରୀଷ୍ମପ୍ରବାହ ଯୋଗୁ ବର୍ତ୍ତମାନ ଡହ ଡହ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଖରାଦିନେ ମଣିଷ ନିଜର ଆବଶ୍ୟକତା ପାଇଁ ପାଣି, ଖାଦ୍ୟ ଆଦି ଯୋଗାଡ଼ କରିପାରୁଛି। କିନ୍ତୁ ପ୍ରାଣୀ, ପକ୍ଷୀ ଆଦି ସେମାନଙ୍କ ଲାଗି କେଉଁଠୁ ପାଣି କିମ୍ବା ଖାଦ୍ୟ ଆଣିବେ। ମୁଖ୍ୟତଃ ଏହି ଦିନେ ପାଣି ଅଭାବ ଯୋଗୁ ଅନେକ ସମୟରେ ପ୍ରାଣୀ, ପକ୍ଷୀ ମୃତ୍ୟୁମୁଖରେ ପଡୁଥିବା ସାମ୍ନାକୁ ଆସିଥାଏ। ଗାଡ଼ିଆ ପୋଖରୀ ଓ କେନାଲ ଶୁଖିଲା ପଡ଼ିଛି। ଏଭଳି ସମୟରେ ତୃଷାର୍ତ୍ତ ପକ୍ଷୀଙ୍କୁ ପାଣି ଓ ଖାଦ୍ୟ ଯୋଗାଇବା ବ୍ୟବସ୍ଥା କରି ଚର୍ଚ୍ଚାକୁ ଆସିଛନ୍ତି ଜ୍ୟୋତି ଶଙ୍କର ପଣ୍ଡା (୩୭)। ତାଙ୍କ ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତରେ। ପେସାରେ ଜଣେ ଉଦ୍ୟାନ ସାଥୀ ଭାବେ କାର୍ଯ୍ୟ କରୁଥିବା ଜ୍ୟୋତି ଗାଁ ପାଖ ଦେଇ ଯାଇଥିବା ରାସ୍ତାକଡ଼ରେ ପ୍ରାୟ ଏକ ମାଇଲ ଦୂରତା ଯାଏ ଗଛରେ ଚଢ଼େଇଙ୍କ ପାଇଁ ପାଣି ଓ ଖାଦ୍ୟ ରଖୁଛନ୍ତି। ଆଉ ଏଥିରେ ସହଯୋଗ କରୁଛନ୍ତି ତାଙ୍କର ୯ ବର୍ଷର ଝିଅ ମାମାଲି। ତୃଷାର୍ତ୍ତ ପକ୍ଷୀମାନଙ୍କ କଷ୍ଟ ସହି ନ ପାରି ଏଭଳି ପଦକ୍ଷେପ ନେଇଥିବା ସେ କହିଛନ୍ତି।

ଜ୍ୟୋତି କହନ୍ତି, ଚଳିତବର୍ଷ ହୋଲି ଦିନ ଘର ପାଖ ନଳକୂପରେ ହାତଗୋଡ଼ ଧୋଉଥିଲେ। ଏହି ସମୟରେ ନଳକୂପ ପାଖରେ ଥିବା ଏକ ଗଛରେ କିଛି ପକ୍ଷୀଙ୍କ କିଚିରି ମିଚିର ଶବ୍ଦ ତାଙ୍କୁ ଆନ୍ଦୋଳିତ କରିଥିଲା। ଏକ ପାତ୍ରରେ କିଛି ପାଣି ନେଇ ଗଛ ମୂଳେ ରଖି ଅଣ ଆଡୁଆଳରେ ରହି ଦେଖିଲେ ଯେ ପକ୍ଷୀମାନେ ଆସି ପାଣି ପିଇବା ସହ ଗାଧୋଇଥିଲେ। ସେହିଦିନଠାରୁ ସେ ପକ୍ଷୀମାନଙ୍କୁ ପାଣି ଓ ଖାଦ୍ୟ ଦେବା ପାଇଁ ଅଣ୍ଟା ଭିଡ଼ିଥିଲେ। ସାଙ୍ଗରେ ତାଙ୍କ ଝିଅ ମାମାଲି ସହଯୋଗ ପାଇଁ ବାହାରିଥିଲେ। ଗଛରେ ଷ୍ଟିଲ, ପ୍ଲାଷ୍ଟିକ ପାତ୍ର ବାନ୍ଧି ପାଣି ଓ ଦାନା ଯୋଗାଇ ଆସୁଛନ୍ତି। ପ୍ରଥମେ ଗୋଟିଏ ଗଛରେ ବାନ୍ଧି ଖାଇବାକୁ ଦେଉଥିଲେ। ଏବେ ଏକ ମାଇଲ ପର୍ଯ୍ୟନ୍ତ ଗ୍ରାମ ରାସ୍ତା ପାର୍ଶ୍ୱ ବର, ଅଶ୍ୱତ୍ଥ ଓ କୃଷ୍ଣଚୂଡ଼ା ଗଛରେ ଚଢ଼େଇଙ୍କ ଲାଗି ଏଭଳି ବ୍ୟବସ୍ଥା କରୁଛନ୍ତି। ଦୈନିକ ଅଢ଼େଇ କିଲୋ ଚାଉଳ ଓ ଦାନା ଦେଉଛନ୍ତି। ଏମିତିକି ଖରା ଦାଉରୁ ଚଢ଼େଇଙ୍କ ବସା ରକ୍ଷା ଲାଗି ତାଳପତ୍ର ନେଇ ସଜାଡ଼ି ରଖିଥାନ୍ତି। ସକାଳେ ବାପଝିଅ ପକ୍ଷୀଙ୍କ ସେବା କରିସାରିବା ପରେ ସେ ନିଜ କର୍ମମୟ ଜୀବନକୁ ଫେରିଥାନ୍ତି। ଏଥିପାଇଁ ତାଙ୍କୁ ପ୍ରତିଦିନ ପ୍ରାୟ ୪ ଘଣ୍ଟା ଦେବାକୁ ପଡୁଛି। ଅଧିକ ଗଛରେ ପାତ୍ର ବାନ୍ଧି ପକ୍ଷୀଙ୍କୁ ଖାଇବା ପାଇଁ ଦେବାକୁ ଇଚ୍ଛା ଥିଲେ ମଧ ଆବଶ୍ୟକ ଅର୍ଥ ନ ଥିବାରୁ ଏତିକିରେ ସୀମିତ ରଖିଛନ୍ତି। ନିରୀହ ପକ୍ଷୀମାନଙ୍କ ସେବା କରି ଆତ୍ମତୃପ୍ତି ମିଳୁଛି ବୋଲି ସେ କହିଛନ୍ତି।



ଜ୍ୟୋତିଶଙ୍କର ଗଛରେ ପକ୍ଷୀଙ୍କ ପାଇଁ ଖାଦ୍ୟ ରଖୁଛନ୍ତି।

XIME •Bangalore •Chennai •Kochi
Shaping Future Leaders
Calling Engineers... Become a Techno-Manager
One-year Post Graduate Certificate Programme in
Construction Management
Bangalore Campus Batch 2021-22
Construction Industry in India
• 2nd Largest Employer in the Country (Invest India)
• Growth Areas: Highways, Energy, Ports, Railways, Smart Cities & Real Estate
Programme Highlights
AICTE Approved
• Curriculum focuses on Construction and General Management & Entrepreneurship skills.
• Learn applications of AI, VR, AR, Design Thinking, Primavera P6, BIM, CCS Candy and MS Project.
• Placement assistance provided.
Admissions Close on: 2nd July, 2021
Eligibility : Graduates in Civil, Mech, Elect, Architecture, Interior Design with Minimum 50% Marks (45% for reserved category)
To apply visit : pgcm.xime.org
Contact : Programme Coordinator (CMP)
Xavier Institute of Management & Entrepreneurship
Electronics City, Phase-II, Hosur Road, Bengaluru - 560100, Karnataka
Tel : + 91-80-2852 8597 / 98 Mob + 91-96861 61813 / 9819321752
e-mail: pgcm@xime.org

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ବିଭାଂଶ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଜୁନ୍ ୧୫ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ...

ପ୍ରଥମ ପୃଷ୍ଠାରୁ...

ନିଆଯାଇଥିଲା। ତେବେ ପୂର୍ବଭଳି ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ହେବ ନାହିଁ। ସେବାୟତମାନେ ଯେଉଁଭଳି କାର୍ଯ୍ୟ ସମ୍ପାଦନ କରୁଥିଲେ ତାହା ଜାରି ରଖିବେ। ସୀମିତ ସଂଖ୍ୟକ ସେବାୟତଙ୍କ ମାଧ୍ୟମରେ ମହାପ୍ରଭୁଙ୍କ ନୀତିକାନ୍ତି ହେବ। ୨୧ ଦିନ ଧରି ଚନ୍ଦନଯାତ୍ରା ଚାଲିବାକୁ ଥିବାରୁ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯିବା ଉପରେ ପ୍ରଶାସନ ଗୁରୁତ୍ୱ ଦେବ। ଆଗକୁ ସ୍ନାନଯାତ୍ରା ଓ ରଥଯାତ୍ରା ଆସୁଛି। ସେବାୟତ ଓ କର୍ମକର୍ତ୍ତାମାନଙ୍କୁ ସଂକ୍ରମଣରୁ ଦୂରେଇ ରଖାଯିବାକୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ପ୍ରଶାସନର ଏହି ନିଷ୍ପତ୍ତି ଆସିବା ପରେ ସେବାୟତମାନେ ସ୍ୱାଗତ କରିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଜିଲାକୁ ସଂକ୍ରମଣ କାବୁ କରିବା ଆରମ୍ଭ କଲାଣି। ଏଭଳି ସ୍ଥିତିରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରଖିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣାର ସାତପୁତ**
**ପରର ଦେଖିଲେ କାଠଭୂତ।**

ନିଜର ସବୁ, ପରର ଦେଖିଲେ କେତେକଙ୍କ ଆଖିରେ ଯାଇ ନ ଥାଏ। ଆଜିର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ତତ୍ପର। ଈର୍ଷାପରାୟଣ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପେ ବଞ୍ଚିଲେ**
**ବାପର ନାମ।**

ନିଜେ ବଞ୍ଚି ରହିଲେ ବାପ ଅଜାଙ୍କର ନାଁ ରହିଥାଏ। କେତେଜଣ ବ୍ୟକ୍ତି କେବଳ ନିଜ କଥା ହିଁ ଭାବିଥାନ୍ତି। ନିଜେ କିପରି ସୁଖ ସୁବିଧାରେ ରହିବେ, ଚଳିବେ ସେନେଇ ଚେଷ୍ଟା ଚଳେଇଥାନ୍ତି। ପର ଥିଲେ କେତେ ନ ଥିଲେ କେତେ ସେଥିରେ ତାଙ୍କର କିଛି ପରବାୟ ନ ଥାଏ। ସ୍ୱାର୍ଥପର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଖଇରପୁଟ ବ୍ଲକ ବଣ୍ଡାଘାଟି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ରବିବାର ସଚେତନତା କାର୍ଯ୍ୟକ୍ରମବେଳେ ପିଲାମାନେ ମାସ୍କ ପିନ୍ଧିଛନ୍ତି।

## ପେଟ୍ରୋଲ ୯୫, ଡିଜେଲ...

ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୪.୩୧ ଟଙ୍କା, ୯୨.୬୭ ଟଙ୍କା ଏବଂ ୯୮.୮୮ଟଙ୍କାକୁ ବୃଦ୍ଧି ଘଟିଛି। ସେହିପରି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୮.୦୭ ଟଙ୍କା, ୮୬.୦୬ ଟଙ୍କା ଏବଂ ୯୦.୪୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। କରୋନା ସମୟରେ ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ଖାଉଟିଙ୍କୁ ବେଶ୍ ମହଙ୍ଗା ପଡୁଛି। ସେହିପରି ମହାମାରୀ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ତେଲ ଦର ପର୍ଯ୍ୟନ୍ତ ସବୁ ଥିରେ ଉପଭୋକ୍ତାଙ୍କୁ ଅତିରିକ୍ତ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପ୍ରିଲ ୧୫ରେ ଶେଷ ଥର ପାଇଁ ତୈଳ ଦରରେ ପରିବର୍ତ୍ତନ ହୋଇଥିଲା। ବିଗତ ୧୮ଦିନର ସ୍ଥିରତା ପରେ ପୁଣି ଥରେ ଲଗାତର ତୈଳ ଦର ବୃଦ୍ଧି ପାଇଚାଲିଛି। ଏହି ଦର ବୃଦ୍ଧି ଫଳରେ ସାରା ଦେଶରେ ତେଲ ଦର ରେକର୍ଡ ସ୍ତର ଡେଇଁବା ସହ ଓଡ଼ିଶାରେ ମଧ୍ୟ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି।

**ତୈଳ ଦର ଉପରେ କାହାର କେତେ ଭାଗ**

| ମୂଲ୍ୟସୂଚୀ | ପେଟ୍ରୋଲ | ଡିଜେଲ |
|---|---|---|
| ମୂଳଦର | ୩୫.୩୪ | ୩୭.୪୬ |
| କେନ୍ଦ୍ର ସରକାରଙ୍କ ଟିକସ | ୩୨.୯୦ | ୩୧.୮୦ |
| ରାଜ୍ୟ ସରକାରଙ୍କ ଟିକସ | ୨୧.୮୦ | ୧୯.୩୫ |
| ଡିଲର କମିଶନ | ୩.୩୦ | ୨.୧୧ |
| ମୋଟ ତୈଳଦର | ୯୩.୩୪ | ୯୦.୭୨ |

୨୦୨୧ ମେ ୧୬ ବିପିସିଏଲ୍‌ର ମୂଲ୍ୟସୂଚୀ

## ସବୁ କୋଭିଡ୍ ହସ୍ପିଟାଲରେ...

ସାମାଜିକକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯିବ। ଫୋନ୍‌ରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ସୂଚନା ଦେବା ସହିତ ହ୍ୱାଟ୍‌ସଆପ୍ ମାଧ୍ୟମରେ ରୋଗୀଙ୍କ ଫଟୋ କିମ୍ବା ଭଏସ୍ ମେସେଜ୍ ଦିଆଯିବ। ସୂଚନାଯୋଗ୍ୟ, କରୋନାରେ ବହୁ ରୋଗୀ ହସ୍ପିଟାଲରେ ଦୀର୍ଘଦିନ ଧରି ପଡୁଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପରିବାର ଲୋକେ କିଛି ଜାଣି ପାରୁ ନାହାନ୍ତି। ଏପରିକି ଅନେକ ସମୟରେ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନ ଜାଣି ଚିନ୍ତାରେ ଥିବା ବେଳେ ସମ୍ପର୍କୀୟମାନେ ମୃତ୍ୟୁ ଖବର ପାଉଛନ୍ତି। ଏହାକୁ ନେଇ ବହୁ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିଲେ। କିନ୍ତୁ ହସ୍ପିଟାଲଗୁଡ଼ିକ ଏହାକୁ ପାଳନ କରି ନ ଥିବାରୁ ପୁଣି ଆଉ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ଯିଏ ପାଳନ ନ କରିବ ସେହି ହସ୍ପିଟାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଶିଶୁଙ୍କ ପାଇଁ ୮ଜଣିଆ...

ସହ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। ୮ଜଣିଆ କମିଟିରେ ଅଧିକାରୀଙ୍କଠାରୁ ଆରମ୍ଭ କରି ଡାକ୍ତରମାନେ ରହିଛନ୍ତି। ଅଧ୍ୟକ୍ଷ ଡିଏମ୍ଇଟି ଥିବା ବେଳେ ପରିବାର କଲ୍ୟାଣ ନିର୍ଦ୍ଦେଶକ ସଦସ୍ୟ ଆବାହକ ବା ମେମ୍ବର କନ୍‌ଭେନର ଅଛନ୍ତି। ସେହିଭଳି ୬ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଶିଶୁ ଭବନ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଜେ. ଏନ୍. ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟ ଡା. ନୀହାର ରାୟ, ଭୁବନେଶ୍ୱର ୟୁନିସେଫ୍‌ର ସୌରଭ ଭଟ୍ଟାଚାର୍ଯ୍ୟ ଓ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଓଡ଼ିଶା ଷ୍ଟେଟ୍ ବ୍ରାଞ୍ଚ ସେକ୍ରେଟାରି ଡା. ଏସ୍. ଆର୍. ବିଶ୍ୱାଳ ରହିଛନ୍ତି। ଏ ନେଇ ରବିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ବିପଦରେ ଗ୍ରାମାଞ୍ଚଳ...

ଏବଂ ବିଡିଓ ହୃଦାରଞ୍ଜନ ସାହୁ ବଣ୍ଡାଘାଟିର ବିଭିନ୍ନ ଗ୍ରାମକୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ମୋବାଇଲ ଭ୍ୟାନ୍ ବଣ୍ଡାଘାଟିରେ ପହଞ୍ଚି ଲୋକଙ୍କୁ ସାନିଟାଇଜର, ଗ୍ଲୋଭ୍, ମାସ୍କ ଆଦି ବଣ୍ଟନ କରିଛି। ମୁଦୁଲିପଡା ସରପଞ୍ଚ ଜ୍ୟୋଛନାରାଣୀ ଧାଙ୍ଗଡାମାଝି, ସ୍ୱେଚ୍ଛାସେବୀ ସଙ୍ଗଠନ 'ପରିବର୍ତ୍ତନ' ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘ ପ୍ରତିନିଧି, ଚାଇଲ୍ଡ ଲାଇନ୍‌ର ଭାଗୀରଥି ଗୁରୁତେଲି, ରାଜେନ୍ଦ୍ର ଟାଟୁ, ଘାସି ବଣ୍ଡା ଏବଂ ସ୍ଥାନୀୟ ଆଶାକର୍ମୀ ବନ୍ଧଗୁଡା ଗ୍ରାମରେ ବଣ୍ଡା ଅଧିବାସୀଙ୍କୁ ସଚେତନ କରାଇଛନ୍ତି। ଆନ୍ଧ୍ର, ତେଲଙ୍ଗାନା ଓ ମହାରାଷ୍ଟ୍ର ଅଞ୍ଚଳରୁ ଉକ୍ତ ଅଞ୍ଚଳକୁ ପ୍ରବାସୀ ଫେରିଥିଲେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା, କରୋନା ଲକ୍ଷଣ ନ ଥିଲେ ମଧ୍ୟ ୧୪ ଦିନ ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଛନ୍ତି।

ରାୟଗଡ଼ା ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ କରୋନା କାୟାବିସ୍ତାର କରିଥିବାବେଳେ ଆଦିମ ଜନଜାତି ଡଙ୍ଗରିଆଙ୍କ ଇଲାକା ନିୟମଗିରିକୁ ଛୁଇଁପାରି ନ ଥିଲା। ହେଲେ ସହରୀ ଲୋକଙ୍କଠାରୁ ବହୁ ଦୂରରେ ରହୁଥିବା ଡଙ୍ଗରିଆମାନେ ଦ୍ୱିତୀୟ ଲହରରେ କରୋନା କବଳକୁ ଚାଲିଯାଇଛନ୍ତି। ୧୭ ଡଙ୍ଗରିଆ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ କଲ୍ୟାଣସିଂହପୁର ବ୍ଲକ୍‌ରୁ ୧୫ ଏବଂ ବିଷମକଟକ ବ୍ଲକ୍‌ରୁ ୨ ଜଣ ରହିଥିବା ସୂଚନା ମିଳିଛି। ଚିହ୍ନଟ ସଂକ୍ରମିତମାନେ ଗୃହ ସଙ୍ଗରୋଧରେ ଅଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମାନଙ୍କ ଉପରେ ନଜର ରଖାଯାଇଛି। ଶନିବାର କେତେଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ରବିବାର ଜିଲା ପ୍ରଶାସନର ନିର୍ଦ୍ଦେଶରେ କଲ୍ୟାଣସିଂହପୁର ଏବଂ ବିଷମକଟକ ବ୍ଲକ୍‌ରୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସଚେତନ କରିଛନ୍ତି। ଲକ୍ଷଣ ଥିବା ଲୋକଙ୍କୁ ବୁଝାଶୁଝା କରି ପରୀକ୍ଷା କରାଇବା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଡଙ୍ଗରିଆଙ୍କ ଭାଷା ଏବଂ ଜୀବନଶୈଳୀ ଭିନ୍ନ। ଏମାନଙ୍କୁ କୋଭିଡ୍ ନିୟମ ବୁଝାଇବା ଏବଂ ସଚେତନ କରିବା ପ୍ରଶାସନ ପାଇଁ କାଠିକର ପାଠ ହୋଇଛି। ପ୍ରଶାସନ ପକ୍ଷରୁ ଡଙ୍ଗରିଆମାନଙ୍କୁ ସ୍ୱତନ୍ତ୍ର ଭାବେ କୁଇ ଭାଷାରେ ସଚେତନ କରାଯାଉଛି। ହେଲେ ନିଜର ପାରମ୍ପରିକ ଚେରମୂଳି ଚିକିତ୍ସାରେ ବିଶ୍ୱାସ ରଖୁଥିବା ଡଙ୍ଗରିଆମାନେ ଆଧୁନିକ ଚିକିତ୍ସାକୁ ଗ୍ରହଣ କରୁନାହାନ୍ତି। ସେହିପରି କରୋନା ନିୟମକୁ ମଧ୍ୟ ସେମାନେ ମାନୁ ନାହାନ୍ତି। ସଂକ୍ରମିତମାନଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇଥିଲେ ମଧ୍ୟ ସେମାନେ ଗୋଟିଏ କୋଠରିରେ ୫ରୁ ୭ ଜଣ ରହୁଛନ୍ତି ଏବଂ ସେଠାରେ ଅଲଗା ଶୌଚାଳୟର ବ୍ୟବସ୍ଥା ମଧ୍ୟ ନାହିଁ। ଏମିତି କି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ମଧ୍ୟ ସେମାନେ ଖାଇବାକୁ ମନା କରୁଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ରବିବାର ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଏବଂ ଜିଲା ପ୍ରଶାସନର ପକ୍ଷରୁ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ଜିଲାର ମୁନିଗୁଡ଼ା, ବିଷମକଟକ ଏବଂ କଲ୍ୟାଣସିଂହପୁର ବ୍ଲକ୍‌ରେ ନିୟମଗିରି ପାଦଦେଶରେ ରହୁଥିବା ଡଙ୍ଗରିଆଙ୍କ ଘରକୁ ଯାଇ ଅଣ୍ଡା, କାଶ ଏବଂ ଜ୍ୱର ଲକ୍ଷଣ ବୁଝିଛନ୍ତି। ଏ ନେଇ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି, ସଂକ୍ରମିତମାନଙ୍କୁ ଗୃହ ସଙ୍ଗରୋଧରେ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଡାକ୍ତରଖାନା ଆସିବାକୁ ପରାମର୍ଶ ଦିଆଯାଉଛି।

ଅନୁରୂପ ଭାବେ ଅନୁଗୋଳ ଜିଲା କଥା ଦେଖିଲେ କରୋନା ଭାଇରସ୍ କେବଳ ସହରାଞ୍ଚଳ କି ଶିଳ୍ପାଞ୍ଚଳରେ ଅଟକି ନାହିଁ। ଜିଲାର ୨୨୫ ପଞ୍ଚାୟତ ମଧ୍ୟରୁ ଅଳ୍ପ କେତୋଟିକୁ ଛାଡ଼ିଦେଲେ ଅନ୍ୟ ପଞ୍ଚାୟତଗୁଡ଼ିକର ୭୪୭ ଗ୍ରାମରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଶୋରନଗର ବ୍ଲକର ଧଉରାପାଲି, ବଏଜା, ଘନପୁର, ଭେଜିଗୋଠ, ଆନନ୍ଦମୁଣ୍ଡା, ଶରଧାମୁଣ୍ଡା, କଦଳୀମୁଣ୍ଡା, ଧୁଣ୍ଡି, ଗାଁବଇଣ୍ଡା, ବଡ଼ହୁଳା, ସାନଗୋବିନ୍ଦପୁର, ବାଦିବାହାଳ, ଜାମୁନାଳୀ, ଖଣ୍ଡବର, ଅଶ୍ରୁବାହାଳ, ନାଗାଝରଣ, ଲୁହାମୁଣ୍ଡା, ସୋଲଣ୍ଡା, କଣ୍ଟେଇକୁଳିଆ, ଇଚ୍ଛାପୁର, ବିଡିସିଙ୍ଗି, କୃଷ୍ଣପୁର, ହଣ୍ଡପା, ଡେବେରୀପାଲି, ବଇଶିଣା, ପ୍ରତାପପୁର, ଖୋଲାରେଗେଡା, ହିଞ୍ଜିରିଡ଼ା ସମେତ ୪୫ରୁ ଊର୍ଦ୍ଧ୍ୱ ଗ୍ରାମରୁ ପଜିଟିଭ୍ ଚିହ୍ନଟ ହୋଇଛି। ଡେବେରୀପାଲି, ଶରଧାମୁଣ୍ଡା, ଆନନ୍ଦମୁଣ୍ଡା, ହଣ୍ଡପା, କୃଷ୍ଣପୁର, ଭେଜିଗୋଠ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଛି। ଏସବୁ ଗାଁରେ ସଂକ୍ରମଣ ଯେପରି ଅଧିକ ନ ବ୍ୟାପେ ସେ ଦିଗରେ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଉଥିବା ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି। ସେହିପରି ବଅଁରପାଳ ବ୍ଲକର ବୁଢ଼ାପଙ୍କ, ସାନକେରଜାଙ୍ଗ, ବଡ଼କେରଜାଙ୍ଗ, ନୂଆହତା, ତଳମୂଳଶାସନ, ମହୀଧରପୁର, ଗିରାଙ୍ଗ, ତୁରଙ୍ଗ, କାଣ୍ଡସର ପଞ୍ଚାୟତର ବିଭିନ୍ନ ଗାଁରୁ ଅନେକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଛେଣ୍ଡିପଦା ବ୍ଲକର ଡଙ୍ଗାପାଳ, ବାଗଡ଼ିଆ, ସାପୋଇନାଳୀ, ଟାଙ୍ଗିରି, କୋଶଳା ଓ ନିଶା ପଞ୍ଚାୟତର ବିଭିନ୍ନ ଗାଁରୁ ବହୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପାଲଲହଡ଼ା ବ୍ଲକ ଖମାର ଥାନା ଅଞ୍ଚଳର ଶଙ୍ଖପୁର, ବଡ଼ସଡା, ଆଲୋରୀ, ଖମାର, ମୁଣ୍ଡରିବେଡା, କୁଞ୍ଜାମ, ପରାଚାଟ, ରୋହିଲା, କରଡ଼ାପାଳ, ଇଞ୍ଜିଡ଼ ଆଦି ପଞ୍ଚାୟତରେ କରୋନା ପ୍ରବେଶ କରିସାରିଛି। ସଂକ୍ରମଣ ଯେପରି ଅଧିକ ନ ବ୍ୟାପେ ସେଥିପାଇଁ ପ୍ରଶାସନ ପକ୍ଷରୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକମାନଙ୍କୁ ଗାଁ ଗାଁ ବୁଲି ସଚେତନ କରିବାକୁ କୁହାଯିବା ସହ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## କେନ୍ଦ୍ର ଜାରି କଲା ...

ପରାମର୍ଶ ଦେଇଛନ୍ତି। ଏଥିସହିତ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ବ୍ୟବସ୍ଥା କରାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

ସହରାଞ୍ଚଳରେ ସଂକ୍ରମଣ ହାର କ୍ରମଶଃ ହ୍ରାସ ପାଉଥିବାବେଳେ ଏବେ ସହରତଳି ଅଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ସଂକ୍ରମଣ ବଢୁଥିବା ଦେଖାଯାଉଛି। ଉକ୍ତ ଅଞ୍ଚଳଗୁଡ଼ିକରେ କୋଭିଡ୍ କଣ୍ଟେନମେଣ୍ଟ ଓ ପରିଚାଳନା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଜାରି କରାଯାଇଛି। ଏହାଦ୍ୱାରା ପ୍ରାଥମିକ ସ୍ତରର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ହେବା ସହ ସବୁସ୍ତରରେ କରୋନା ମୁକାବିଲାକୁ ତ୍ୱରାନ୍ୱିତ କରାଯାଇପାରିବ। କୋଭିଡ୍ କେୟାର ସେଣ୍ଟର (ସିସିସି)ଗୁଡ଼ିକ ଉଭୟ ସନ୍ଦିଗ୍ଧ ଏବଂ ପଜିଟିଭ୍ ମାମଲାକୁ ଅଲଗା ଅଲଗା ରଖିପାରିବେ। ସେମାନଙ୍କ ପାଇଁ ପୃଥକ ପ୍ରବେଶ ଓ ପ୍ରସ୍ଥାନ ପଥ ରହିବ। ସେମାନଙ୍କୁ କୌଣସି ପରିସ୍ଥିତିରେ ଏକାଠି ହେବାକୁ ନ ଦେବା ପାଇଁ ଏସ୍‌ଓପିରେ ପରାମର୍ଶ ଦିଆଯାଇଛି।

ଏସ୍‌ଓପି ଅନୁଯାୟୀ ପ୍ରତି ଗ୍ରାମରେ ଆଶା କର୍ମୀମାନେ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ଓ ପୋଷଣ କମିଟି (ଭିଏଚ୍‌ଏସ୍‌ଏନ୍‌ସି) ସହାୟତାରେ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗ କିମ୍ବା ଅତ୍ୟଧିକ ଶ୍ୱାସକ୍ରିୟାଜନିତ ସଂକ୍ରମଣ ଆଦିର ସକ୍ରିୟ ସର୍ଭେ କରିବେ। ଲକ୍ଷଣ ଥିବା ମାମଲାଗୁଡ଼ିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ)ଙ୍କ ସହ ଟେଲିଫୋନ ଯୋଗେ ଯୋଗାଯୋଗ କରି ଗ୍ରାମାଞ୍ଚଳ ସ୍ତରରେ ପ୍ରାଥମିକ ଚିକିତ୍ସା କରାଯାଇପାରିବ। ଯେଉଁମାନଙ୍କର ଅନ୍ୟାନ୍ୟ ଜଟିଳ ରୋଗ ଥିବ କିମ୍ବା ଅକ୍ସିଜେନ୍ ସ୍ତର କମ୍ ରହିଥିବ, ସେମାନଙ୍କୁ ଉଚ୍ଚତର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇପାରିବ। ଚିହ୍ନଟ ହୋଇଥିବା ସନ୍ଦିଗ୍ଧ କୋଭିଡ ମାମଲାଗୁଡ଼ିକର ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା (ଆର୍‌ଏଟି) କରାଯିବ କିମ୍ବା ନମୁନା ସଂଗ୍ରହ କରାଯାଇ ନିକଟବର୍ତ୍ତୀ କୋଭିଡ୍-୧୯ ପରୀକ୍ଷା ଲାବରେଟୋରିକୁ ପଠାଯିବ। ସିଏଚ୍‌ଓ ଏବଂ ଏଏନ୍‌ଏମ୍‌ମାନଙ୍କୁ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ପାଇଁ ତାଲିମ ଦିଆଯିବାକୁ ଏସ୍‌ଓପିରେ କୁହାଯାଇଛି। ସଂକ୍ରମଣ ମାମଲା ବୃଦ୍ଧିକୁ ଦେଖି ଆଇଡିଏସ୍‌ପି ଗାଇଡ୍‌ଲାଇନ ଅନୁଯାୟୀ ଯଥାସମ୍ଭବ କଣ୍ଟାକ୍ଟ ଟ୍ରେସିଂ କରାଯିବ।

ପ୍ରାୟ ୮୦ରୁ ୮୫% ମାମଲାରେ ଲକ୍ଷଣ ନାହିଁ କିମ୍ବା କ୍ୱଚିତ୍ ଲକ୍ଷଣ ଦେଖାଯାଇଥାଏ। ସେହି ରୋଗୀମାନେ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ନାହିଁ। ଘରେ କିମ୍ବା କୋଭିଡ୍ କେୟାର ସେଣ୍ଟରରେ ସେମାନଙ୍କର ଚିକିତ୍ସା କରାଯାଇପାରିବ ବୋଲି ଏସ୍‌ଓପିରେ କୁହାଯାଇଛି। ତେବେ କୋଭିଡ୍ ରୋଗୀଙ୍କ ଅକ୍ସିଜେନ୍ ସ୍ତର ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ପ୍ରତି ଗ୍ରାମରେ ପର୍ଯ୍ୟାପ୍ତ ସଂଖ୍ୟାରେ ପଲ୍ସ ଅକ୍ସିମିଟର ଏବଂ ଥର୍ମୋମିଟର ରହିବା ଆବଶ୍ୟକ। କୋଭିଡ୍ ପଜିଟିଭ୍ ରୋଗୀଙ୍କ ପରିବାରକୁ ଆଶା କିମ୍ବା ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମାଞ୍ଚଳ ସ୍ତରର ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଋଣରେ ପଲ୍ସ ଅକ୍ସିମିଟର ଏବଂ ଥର୍ମୋମିଟର ଯୋଗାଇ ଦିଆଯିବା ବ୍ୟବସ୍ଥା କରିବାକୁ ଏସ୍‌ଓପିରେ ସୁପାରିସ କରାଯାଇଛି। ପ୍ରତି ଥର ବ୍ୟବହାର ପରେ ଅକ୍ସିମିଟର ଓ ଥର୍ମୋମିଟରକୁ ଆଲ୍‌କୋହଲଯୁକ୍ତ ସାନିଟାଇଜର ଭିଜା କପଡ଼ା କିମ୍ବା ତୁଳାରେ ସାନିଟାଇଜ୍ କରିବାକୁ କୁହାଯାଇଛି।

ଆଇସୋଲେଶନ କିମ୍ବା କ୍ୱାରାଣ୍ଟାଇନ୍‌ରେ ଥିବା ରୋଗୀଙ୍କ ଘରକୁ ଆଗଧାଡ଼ିର କର୍ମୀ/ସ୍ୱେଚ୍ଛାସେବୀ/ଶିକ୍ଷକ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବେ। ଏଥିପାଇଁ ସେମାନେ ମେଡିକାଲ ମାସ୍କ ବ୍ୟବହାର କରିବା ସହ ଅନ୍ୟାନ୍ୟ ସାବଧାନତା ଅବଲମ୍ବନ କରିବେ। ସବୁ ମାମଲାରେ ହୋମ ଆଇସୋଲେଶନ କିଟ୍ ଯୋଗାଇଦିଆଯିବ। ଏଥିରେ ଆବଶ୍ୟକ ଔଷଧ ଯଥା ପାରାସିଟାମଲ ୫୦୦ ମିଲିଗ୍ରାମ, ଇଭରମେକ୍ଟିନ୍ ଟାବ୍‌ଲେଟ୍, କଫ୍ ଶିରପ୍, ମଲ୍ଟିଭିଟାମିନ ରହିବ। ଏଥିସହିତ ସାବଧାନତା ଓ ଔଷଧ ସେବନ ବିଧି, ହୋମ ଆଇସୋଲେଶନ ବେଳେ ରୋଗୀଙ୍କ ସ୍ଥିତି ଯାଞ୍ଚ କରିବା ଆଦି ବିବରଣୀ ରହିବ।

ସହରତଳି ଅଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ ପାଇଁ ତ୍ରିସ୍ତରୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯୋଜନା କରାଯାଇଛି। କୋଭିଡ୍ କେୟାର ସେଣ୍ଟର(ସିସିସି)ଗୁଡ଼ିକ ସାମାନ୍ୟ କିମ୍ବା ଆଦୌ ଲକ୍ଷଣ ନ ଥିବା ମାମଲାର ଚିକିତ୍ସା କରିବାକୁ ଥିବାବେଳେ ଡେଡିକେଟେଡ୍ କୋଭିଡ୍ ହେଲ୍‌ଥ ସେଣ୍ଟର (ଡିସିଏଚ୍‌ସି)ଗୁଡ଼ିକ ମଧ୍ୟମ ମାମଲା ଏବଂ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ (ଡିସିଏଚ୍) ଗୁରୁତର ମାମଲାଗୁଡ଼ିକ ପରିଚାଳନା କରିବ। ସିସିସିଗୁଡ଼ିକ ନିକଟବର୍ତ୍ତୀ ପିଏଚ୍‌ସି/ସିଏଚସି ତତ୍ତ୍ୱାବଧାନରେ ଖୋଲାଯାଇଥିବା ଅସ୍ଥାୟୀ ସୁବିଧା କେନ୍ଦ୍ର। ତାହା ସ୍ୱାସ୍ଥ୍ୟକେନ୍ଦ୍ର ନିକଟବର୍ତ୍ତୀ ସ୍କୁଲ୍, କମ୍ୟୁନିଟି ହଲ୍, ବିବାହ ମଣ୍ଡପ କିମ୍ବା ପଞ୍ଚାୟତ ବିଲ୍ଡିଂରେ ଖୋଲାଯାଇପାରିବ ଅଥବା ପଞ୍ଚାୟତ ଜମି ଓ ସ୍କୁଲ ପ୍ରାଙ୍ଗଣରେ ତମ୍ବୁ ପକାଇ କରାଯାଇପାରିବ। ରେଫରାଲ ପାଇଁ ସିସିସି ସହ ଏକାଧିକ ଡେଡିକେଟେଡ କୋଭିଡ୍ ହେଲ୍‌ଥ ସେଣ୍ଟର ଓ ଅନ୍ୟୁନ ଗୋଟିଏ କୋଭିଡ୍ ହସ୍ପିଟାଲର ଯୋଗାଯୋଗ ରହିବ। ସିସିସିଗୁଡ଼ିକରେ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ (ବିଏଲ୍‌ଏସ୍‌ଏ) ରହିବ, ଯେଉଁଥିରେ ୨୪ ଘଣ୍ଟା ପର୍ଯ୍ୟାପ୍ତ ଅକ୍ସିଜେନ ଉପଲବ୍ଧ ହେବ। ଏହିସବୁ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସବ୍‌ଡିଭିଜନାଲ ହସ୍ପିଟାଲଗୁଡ଼ିକ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ ସେଣ୍ଟର ବ୍ୟବସ୍ଥା କରିବେ। ଡିସିଏଚ୍‌ସିରେ ଅନ୍ୟୁନ ୩୦ ଶଯ୍ୟା ପାଇଁ ଯୋଜନା କରାଯାଇପାରିବ। ମାମଲା ବଢ଼ିଲେ କିମ୍ବା ବଢ଼ିବା ସମ୍ଭାବନା ଥିଲେ ଜିଲା କର୍ତ୍ତୃପକ୍ଷ ଉକ୍ତ ଶଯ୍ୟା ବଢ଼ାଇବା ବ୍ୟବସ୍ଥା କରିବେ। ଉକ୍ତ ସେଣ୍ଟରଗୁଡ଼ିକ ମଧ୍ୟମ ଲକ୍ଷଣ ଥିବା ରୋଗୀ (ଯେଉଁମାନେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବେ, ମିନିଟ ପ୍ରତି ଶ୍ୱାସକ୍ରିୟା ହାର ୨୪ରୁ ଅଧିକ ଥିବ ଓ ସାଚୁରେଶନ ୯୦ରୁ ୯୪ ମଧ୍ୟରେ ରହୁଥିବ)ଙ୍କ ଚିକିତ୍ସା କରିବେ। ସେହିପରି ଜିଲା ହସ୍ପିଟାଲ କିମ୍ବା ଅନ୍ୟ ସ୍ୱୀକୃତିପ୍ରାପ୍ତ ଘରୋଇ ହସ୍ପିଟାଲଗୁଡ଼ିକୁ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲରେ ପରିଣତ କରାଯିବାକୁ କୁହାଯାଇଛି। ଏହାବ୍ୟତୀତ ଉପଖଣ୍ଡ କିମ୍ବା ବ୍ଲକ୍ ସ୍ତରରେ ଥିବା ହସ୍ପିଟାଲରେ ଆବଶ୍ୟକ ସୁବିଧା ଥିଲେ ଏହାକୁ ଡେଡିକେଟେଡ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏସ୍‌ଓପିରେ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ କ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ସବୁ କଥାକୁ ଭଲରୂପେ ବିଚାର ପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନର ସୂଚନା ପ୍ରାପ୍ତ ହେବ। ମୁଖ୍ୟ ଭାବରେ ଏକାଧିକ ଗ୍ରହ ଆପଣଙ୍କ କଥାବାର୍ତ୍ତାକୁ ଅନିୟନ୍ତ୍ରିତ କରିପାରନ୍ତି।

**ବୃଷ** ଉଦ୍ଦେଶ୍ୟମୂଳକ ଭାବେ ସମ୍ପର୍କୀୟମାନଙ୍କ ସହ ବେଶ୍ ବନ୍ଧୁତା ଜମାଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନ ପୂରାଇବା ଭଲ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ** ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇ ପାରନ୍ତି। ନିଜର କୃତୀ ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁମାନଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାର ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ମିଳେ।

**କର୍କଟ** ଅନାଗତ ସମସ୍ୟା ବିଷୟ ଚିନ୍ତାକରି ମନରେ ସରସତା ଆଗଭଳି ରହିବ ନାହିଁ। ନିର୍ମାଣ, ମାଲିମକଦ୍ଦମା, କ୍ରୟବାଣିଜ୍ୟ, ବ୍ୟବସାୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନରେ କିଛି ସମସ୍ୟା ଦେଖାଦେବ, କିନ୍ତୁ ସେଥିରୁ ସହଜରେ ମୁକୁଳି ଯିବେ।

**ସିଂହ** ପ୍ରତ୍ୟେକ ପରିସ୍ଥିତିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ପାଇବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ପ୍ରତିବନ୍ଧକ ମଧ୍ୟରେ ଗତି କରିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଯିବାରୁ ଏକପ୍ରକାର ଖୁସି ହେବେ।

**ତୁଳା** ବିଭିନ୍ନ ଅସୁବିଧାରେ ପଡ଼ି ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅନ୍ୟମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ରହିନପାରେ। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ଏହାର ଠିକ୍ ବିପରୀତ ଫଳ ପାଇବେ।

**ଧନୁ** ଆଜି ସକାଳୁ ସକାଳୁ ଏଣୁତେଣୁ ଗୁଡ଼ାଏ ଚିନ୍ତା କରି ବିବ୍ରତ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ସରକାରୀ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଯାତ୍ରା କରିବାକୁ ପଡିପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଉନ୍ନତି ଘଟିବାର ଶତପ୍ରତିଶତ ସମ୍ଭାବନା ରହିଛି।

**ମକର** ଆଜି ହଠାତ୍ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ଅପରାହ୍ନେ ଟେନ୍‌ସନ କମିଯିବା ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି। କ୍ରୋଧବଶତଃ ଯାହା ପଡିଲା ତାହା କହି ପକାଇବେ। ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ପରିବହନ, ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମୀନ** ଆଜି ଦିନଟିରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ। ଚେଷ୍ଟା କରୁଥିବା କାମରେ ସନ୍ଧ୍ୟାରେ ସଫଳତା ଲାଭ କରି ଆନନ୍ଦ ଅନୁଭବ କରିବେ। ସମସ୍ୟା ବିଜଡ଼ିତ ରହିଲେ ମଧ୍ୟ ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ବୈଶାଖ ଶୁକ୍ଳ ୫ମୀଯୁକ୍ତ ଷଷ୍ଠୀ ସୋମବାର, ମେ ୧୭ ତାରିଖ, ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ, ବିଶ୍ୱ ଦୂରସଞ୍ଚାର ଦିବସ, ଦାର୍ଶନିକ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୧।୨୦ ପର୍ଯ୍ୟନ୍ତ ପୁନର୍ବସୁ/କର୍କଟ, ମିଥୁନ ରାଶିର ଘାତବାର, ଷଷ୍ଠୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୮।୪୧ ଗତେ ଘ.୧୦।୨୫ ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩।୪୫ ଗତେ ଘ.୦୪।୨୯ ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪।୩୪ ଗତେ ଘ.୦୬।୧୨ମି. ମଧ୍ୟେ ରାହୁକାଳ।


**classifieds Everyday** 0674-2580101, 2549302

**AFFIDAVIT**

Affidavit before Executive Magistrate, Dhenkanal on dtd. 13.04.21, I declared that my wife Sasmita Mahabhoi's original date of birth is 02.01.1985 as per the HSC certificate. But in my service record/documents it wrongly mention as 15.11.1985. Henceforth the date of birth my wife treated as 02.01.1985 for all official purposes. Santosh Kumar Mahabhoi, S/o. Ramakanta Mahabhoi, Village-Kendupasi, PO-Saanda, PS- Parjanga, Dist-Dhenkanal.
D-70325

**ଜନ୍ମଦିନ ଶୁଭେଚ୍ଛା**



ଆରାଧ୍ୟା ଦଳେଇ (ସୋନୁ)
ନୂଆପାଟଣା, ନରସିଂହପୁର, କଟକ
ଶୁଭେଚ୍ଛୁ:- ତୋର ଷଷ୍ଠ ଜନ୍ମ ବାର୍ଷିକ ଉତ୍ସବରେ ବାବା: (ଗଦାଧର ଦଳେଇ), ମାମା: (ମନୋରମା ବେହେରା), ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡ଼ୀ, ମାଉସୀ, ପରେଶ, ନରେଶ, ରାହୁଲ, ଟିକିନା, ଲୁସି, ଖୁସି, ରାକେଶ, ଭାଉଜ, ସନ୍ଧ୍ୟା ଓ ଦଳେଇ ପରିବାରବର୍ଗ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଶୁଭ କାମନା କରୁଛୁ।
ଧ-୨୦୭୨୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ୨୬ ଶ୍ରମିକଙ୍କୁ ଛାଡି ଚାଲିଗଲେ ଇଟାଭାଟି ମାଲିକ

ବୈପାରୀଗୁଡା,(ଡି.ଏନ୍.ଏ.)- ପଡୋଶୀ ଆନ୍ଧ୍ରରୁ ଫେରିଥିବା ଶ୍ରମିକ ଏବେ ଚିନ୍ତାର କାରଣ ପାଲଟିଛନ୍ତି। ରବିବାର ଆନ୍ଧ୍ରର କୋଟାବାଲସାଠାରେ ଏକ ଇଟାଭାଟିରେ କାମ କରୁଥିବା ୨୬ ଜଣ ଶ୍ରମିକଙ୍କୁ ସଂପୃକ୍ତ ମାଲିକ ଗାଡିରେ ଆଣି ଏଠାରୁ ୨ କିମି ଦୂର ଗୌଡଗଡା ଛକ ନିକଟରେ ଛାଡି ଚାଲିଯାଇଥିଲେ। ଶ୍ରମିକମାନେ ଚାଲି ଚାଲି ଘରକୁ ଫେରୁଥିବା ଦେଖି ଥାନା ଅଧିକାରୀ ରଘୁନାଥ ମାଝି ସେମାନଙ୍କୁ ଅଟକାଇ ସେମାନଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ପରେ ବ୍ଲକ ପ୍ରାସନ ସହାୟତାରେ ସେମାନଙ୍କୁ ଗାଡି ଯୋଗେ ବାଲିଗାଁ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧ ଜଣ ବ୍ଲକର ବାଲିଗାଁ,ଚିପାକର ସହ ଅନ୍ୟ ଏକ ପଞ୍ଚାୟତର ବୋଲି ଜଣାପଡିଛି। ଅନ୍ୟ ୨ ଜଣ କନ୍ଦରା ଏବଂ ଅନ୍ୟ ୩ ଜଣ ମାଲକାନାଗିରି ଜିଲାର ଶ୍ରମିକ ରହିଛନ୍ତି।

## ନବରଙ୍ଗପୁରରେ ଉପରମୁହାଁ କୋଭିଡ୍ ଗ୍ରାଫ୍ ଦିନକରେ ୪୧୭ ସଂକ୍ରମିତ

ନବରଙ୍ଗପୁର,୧୬ା୫(ବି.ପ୍ର.)- ଅମାନିଆ ଓ ସଚେତନତା ଅଭାବରୁ ଦିନକୁ ଦିନ ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ରବିବାର ୪୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଉମରକୋଟ ପୌରାଞ୍ଚଳରୁ ୩୭ ଓ ବ୍ଲକରୁ ୮୧, ନବରଙ୍ଗପୁର ପୌରାଞ୍ଚଳରୁ ୭୦ ଓ ବ୍ଲକରୁ ୨୫, ଝରିଗାଁ ବ୍ଲକରୁ ୫୭, ରାଇଘରରୁ ୩୯, ଚନ୍ଦାହାଣ୍ଡିରୁ ୨୭ , ଡାବୁଗାଁରୁ ୧୩ , ପାପଡାହାଣ୍ଡିରୁ ୮, କୋଷାଗୁମୁଡ଼ାରୁ ୧୨, ନନ୍ଦାହାଣ୍ଡିରୁ ୩୨, ତେନ୍ତୁଳିଖୁଣ୍ଟି ବ୍ଲକରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲାରେ ମୋଟ ୩୨୧୩ ଆକ୍ରାନ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୃହ ସଙ୍ଗରୋଧରେ ୩୦୪୩ ଜଣ ଅଛନ୍ତି।

## କନିଷ୍ଠ ଯନ୍ତ୍ରୀ ଜାଣି ନାହାନ୍ତି କାମ ହେଉଥିବା ସ୍ଥାନର ଠିକଣା

- ନିମ୍ନମାନର କାମ ଅଭିଯୋଗ
- ପୌରସଂସ୍ଥା ଅଧିକାରୀଙ୍କୁ ଜଣାଇଲେ ମଧ ମିଳୁନି ସୁଫଳ

ନବରଙ୍ଗପୁର,୧୬ା୫(ବି.ପ୍ର.)

ନବରଙ୍ଗପୁର ପୌରାଞ୍ଚଳର ଆସାମ କଲୋନୀ ମୈତ୍ରୀ ବିହାର ୩ ନମ୍ବର ଲେନ୍‌ରେ ପୌରସଂସ୍ଥା ପକ୍ଷରୁ କଂକ୍ରିଟ୍ ରୋଡ୍ ଓ ଡ୍ରେନ୍ କାମ ଚାଲିଛି। କିଛିଦିନ ହେବ ଏଠାରେ କାମ ଆରମ୍ଭ ହୋଇଛି। କିନ୍ତୁ ଠିକାଦାର କିମ୍ବା ପୌରସଂସ୍ଥାର କୌଣସି ଅଧିକାରୀ ଏଠାକୁ କାମ ଦେଖିବାକୁ ଆସୁ ନାହାନ୍ତି। ଫଳରେ ନିମ୍ନମାନର କାମ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଏ ନେଇ ପୌରସଂସ୍ଥା ଅଧିକାରୀଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳୁନି ବୋଲି ସେ କହିଛନ୍ତି। ନିୟମାନୁଯାୟୀ, କାମ ପାଖରେ ଏହାର ବ୍ୟୟ ଅଟକଳ, ନିର୍ମାଣ ଆରମ୍ଭ ଓ ଶେଷ ସମୟ, ଠିକାଦାରଙ୍କ ନାମ, କେଉଁ ବିଭାଗ ଅଧୀନରେ କାମ ହେଉଛି ତାହା ଉଲ୍ଲେଖ ରହି ଏକ ଫଳକ ଲାଗିବା କଥା। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ବିନା ସୂଚନା ଫଳକରେ କାମ ଚାଲିଛି। ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣଧୀନ କାର୍ଯ୍ୟକୁ ଜଣେ ଠିକାଦାର ୧୪.୯୯ ପ୍ରତିଶତ କମ୍‌ରେ ପାଇଥିବା ବେଳେ ଉକ୍ତ କାର୍ଯ୍ୟକୁ ଅନ୍ୟ ଦୁଇଜଣ ଯୁବକ ସମ୍ପାଦନ କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ଭକ୍ତଙ୍କୁ ପଚାରିବାରୁ କେଉଁ ସ୍ଥାନର କାମ ବୋଲି ପ୍ରଶ୍ନ କରିଥିଲେ। କାମର ଠିକଣା କହିବା ପରେ ସେ ଉକ୍ତ ସ୍ଥାନର ଫଟୋ ଓ ଭିଡିଓ ମାଗିଥିଲେ। ସେ ସବୁ ଦେଖିବା ପରେ ନିଜେ ଯାଇ କାମ ଦେଖିବି ବୋଲି ସେ କହିଥିଲେ। ଉନ୍ନୟନ କାମ ଚାଲିଥିବାବେଳେ କନିଷ୍ଠ ଯନ୍ତ୍ରୀ ସେ ସ୍ଥାନର ଠିକଣା ଜାଣି ନ ଥିବା ଓ ସେଠାକାର ଭିଡିଓ, ଫୋଟ ମାଗିବା ଅତି ଦୁର୍ଭାଗ୍ୟ ଜନକ। ଏ ଦିଗରେ ଜିଲାପାଳ ଓ ଜିଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଗୁରୁତ୍ୱ ପ୍ରଦାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।


ମୈତ୍ରୀ ବିହାର ୩ ନମ୍ବର ଲେନ୍‌ରେ କାମ ଚାଲିଛି।

## ୮୦ ହଜାର ଲୋକଙ୍କୁ ୨ ଡାକ୍ତର

ଚନ୍ଦାହାଣ୍ଡି, ୧୬ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ କରୋନା ସଂକ୍ରମିତ ବଢୁଛନ୍ତି। ଏପରି ସ୍ଥିତିରେ ଡାକ୍ତର ଅଭାବ ଲୋକଙ୍କ ଚିନ୍ତାକୁ ଆହୁରି ବଢାଉଛି। ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନି। ଏଣୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବରୁ ତିନି ଜଣ ଡାକ୍ତର ଥିଲେ। ସେମାନଙ୍କ ମଧ୍ୟରୁ କିଛିଦିନ ଆଗରୁ ଜଣେ ଡାକ୍ତରଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। ଅନ୍ୟ ୨ଜଣଙ୍କ ମଧ୍ୟରୁ ଡାକ୍ତର ମନୀଷ ପୁରୋହିତ କିଛିଦିନ ତଳେ କରୋନାରେ ସଂକ୍ରମିତ ହୋଇ ସଙ୍ଗରୋଧରେ ଥିଲେ। ଏହାପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡକ୍ଟର ସଂଗ୍ରାମ କେଶରୀ ସାହୁଙ୍କ ଉପରେ ସିସିସି ସାଙ୍ଗକୁ ହସ୍ପିଟାଲ୍ ଆଉଟ୍‌ଡୋର ଦାୟିତ୍ୱ ରହିଥିଲା। ଶୁକ୍ରବାର ଡାକ୍ତର ମନୀଷ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକର ୮୦ ହଜାର ଲୋକଙ୍କ ସ୍ୱାସ୍ଥ୍ୟସେବା ଏହି ୨ଜଣଙ୍କ ଉପରେ ନ୍ୟସ୍ତ। ବ୍ଲକରେ ସଂଖ୍ୟାଧିକ ଡାକ୍ତର ପଦବୀ ଖାଲି ରହିଛି। ତାହା ପୂରଣ କରିବାକୁ ବାରମ୍ବାର ଦାବି ହେଉଥିଲେ ମଧ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ। କରୋନା ଭଳି ସମୟରେ ଅଧିକ ସଂଖ୍ୟକ ଡାକ୍ତର ଆବଶ୍ୟକତା ରହିଛି। ଖାଲିଥିବା ଡାକ୍ତର ପଦବୀ ପୂରଣ ହେଲେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଗାଁ ଗାଁ ବୁଲି ବାର୍ତ୍ତା ଦେଉଛି ସଚେତନତା ରଥ


ଲୋକମାନଙ୍କୁ ଠିକ୍‌ଭାବେ ହାତ ଧୋଇବା ଶିଖାଯାଉଛି।

ମୁନିଗୁଡା, ୧୬ା୫(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡା ବ୍ଲକର ବିଭିନ୍ନ ଗ୍ରାମରେ ଏକ କରୋନା ସଚେତନତା ରଥ ବୁଲି ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଚାର କରୁଛି। ହର୍ଷ ଟ୍ରଷ୍ଟ ପକ୍ଷରୁ ବାହାରିଥିବା ଏହି ରଥ ଟିମ୍ ଲିଡର ଘନଶ୍ୟାମ ବାରିକଙ୍କ ତତ୍ତ୍ୱାବଧାନରେ ଗାଁରୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରୁଛି। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ମାନିବା, ସାମାଜିକ ଦୂରତା ରକ୍ଷା କରିବା, ଭଲଭାବେ ହାତ ଧୋଇବା, ମାସ୍କ ପିନ୍ଧିବା, ଲକ୍ଷଣ ଥିଲେ ଡାକ୍ତରଖାନା ଯାଇ କରୋନା ଟେଷ୍ଟ କରାଇବାକୁ ବାର୍ତ୍ତା ପ୍ରଚାର କରାଯାଉଛି। ୧୮ରୁ ୪୫ ବର୍ଷ ବୟସ୍କମାନେ କରୋନା ଟିକା ନେବାକୁ ରେଜଷ୍ଟ୍ରେଶନ୍ କରନ୍ତୁ ବୋଲି ସଚତନତ କରାଯାଉଛି ବୋଲି ଜିଲା ସଂଯୋଜକ ଶରତ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ହର୍ଷ ଟ୍ରଷ୍ଟର ଉଦ୍ଧବ ସାହୁ, ଲକ୍ଷ୍ମୀ ନାରାୟଣ ରାଓ, ଧ୍ରୁବ ଚରଣ କୁଲମ ପେଟା, ପୁଷ୍ପାଜଳି, କରୁଣା କୁସଲିଆ, ଭୁବନେଶ୍ୱର ପୁଟେଲ, ରଞ୍ଜନ ନାଗ ପ୍ରମୁଖ ସହାୟତା କରିଥିଲେ।

## ରାୟଗଡ଼ା ଜିଲାରୁ ୨୪୫ ପଜିଟିଭ

ରାୟଗଡ଼ା ଅଫିସ,୧୬ା୫

ରାୟଗଡ଼ା ଜିଲାରେ ମାଡ଼ିଚାଲିଛି କରୋନା ସଂକ୍ରମଣ। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଶନିବାର ଜିଲାରୁ ୧୩୭ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହାର ୨୪ ଘଣ୍ଟା ମଧ୍ୟରେ ପୁଣି ୨୪୫ ଜଣ ପଜିଟିଭ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। ନୂତନ ପଜିଟିଭଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୫୭, ରାୟଗଡ଼ା ଗ୍ରାମାଞ୍ଚଳରୁ ୨୩, ଗୁଡାରିରୁ ୪୧, ରାମନାଗୁଡ଼ାରୁ ୩୪, ଗୁଣୁପୁର ସହରାଞ୍ଚଳରୁ ୨୬, ଗୁଣପୁର ଗ୍ରାମାଞ୍ଚଳରୁ ୧୦, ମୁନିଗୁଡ଼ାରୁ ୨୧, କୋଲନରାରୁ ୧୦, ପଦ୍ମପୁରରୁ ୬, ବିଷମକଟକରୁ ୫, କାଶୀପୁରରୁ ୫ ଏବଂ କଲ୍ୟାଣସିଂହପୁରରୁ ୪ ଏବଂ ଚନ୍ଦ୍ରପୁର ବ୍ଲକ୍‌ରୁ ୩ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨୮୦୯ରେ ପହଞ୍ଚିଛି। ସେହିପରି ୧୪୩୮ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଲଗାତର କରୋନାଜନିତ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଜିଲାରୁ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଥିବା ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ଆଶ୍ଚର୍ଯ୍ୟର ବିଷୟ ରବିବାର ଘୋଷଣା ହୋଇଥିବା ୩ ମୃତକଙ୍କ ଗତ ୧୧ ତାରିଖରୁ ରାୟଗଡ଼ା ଜିଲା ଜେକେପୁର କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଲାଣି। ତେବେ ମୃତ୍ୟୁର ୫ଦିନ ପରେ ଏ ନେଇ ସୂଚନା ଦିଆଯାଇଛି।

## ଚିଟ୍‌ଫଣ୍ଡ ନାମରେ ଟଙ୍କା ହଡପ ଘଟଣାରେ ବାପ ପୁଅ ଗିରଫ

କାଲିମେଲା,୧୬ା୫(ଡ.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ପୋଲିସ ଚିଟ୍‌ଫଣ୍ଡ ଟଙ୍କା ହଡପ ଘଟଣାରେ ବାପ ପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ଏମଭି–୯୦ ଗ୍ରାମର ଅନୁପ ଶାହା(୪୦) ଓ ତାଙ୍କ ବାପା ଅମଲ ଶାହା (୬୫) । ସ୍ଥାନୀୟ ବୁଦୁଗୁଡ ଗ୍ରାମର କାନ୍ତି ପୁଲାୟାଙ୍କ ସ୍ତ୍ରୀ ପାର୍ବତୀୟା ବାଇ (୪୭) କାଲିମେଲା ଥାନାରେ ଅଭଗେଯାଗ କରିଥିଲେ ଯେ, ତାଙ୍କ ପୁଅ କାନ୍ତି ରମେଶ ୨୦୧୦ରେ ଛତିଶଗଡ ରାଜ୍ୟରେ ପୋଲିସ ଚାକିରି କରୁଥିବା ସମୟରେ ମାଓବାଦୀ ହାମଲାରେ ଶହୀଦ ହୋଇଥିଲେ। ଏନେଇ ସେତେବେଳେ ରେମଶଙ୍କ ମାଆବାପାଙ୍କୁ ଛତଶଗଡ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ମିଳିଥିଲା। ଏହି ଟଙ୍କା ସମ୍ପର୍କରେ ଏମ୍‌ଭି–୯୦ ଗ୍ରାମର ଅନୁପ ଜାଣଥିଲେ। ପରେ ସେ କାନ୍ତି ପୁଲାୟା ଓ ପାର୍ବତୀୟା ବାଇଙ୍କୁ ଘରୋଇ ଚିଟ୍‌ଫଣ୍ଡ ସଂସ୍ଥାରେ ଟଙ୍କା ରଖିଲେ ଅଧିକ ଅର୍ଥ ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ଏହି ଚିଟ୍‌ଫଣ୍ଡ ସଂସ୍ଥାର ଏଜେଣ୍ଟ ଥିବା ଅନୁପଙ୍କ କଥାକୁ ବିଶ୍ୱାସ କରି ୮ ଲକ୍ଷ ଟଙ୍କା କାନ୍ତି ପୁଲେୟା ତାଙ୍କ ଆକାଉଣ୍ଟରୁ ଅନୁପ ଓ ଅମଲ ଶାହାଙ୍କ ଆକାଉଣ୍ଟକୁ ୨୦୧୨ରେ ଟଙ୍କା ଟ୍ରାନସଫର କରିଥିଲେ। ଉକ୍ତ ଟଙ୍କାକୁ ଚିଟଫଣ୍ଡରେ ନ ବାନ୍ଧି ବାପ ପୁଅ ହଡପ କରିଥିଲେ। ବୃଦ୍ଧ ଦମ୍ପତିଙ୍କୁ ଏବାବଦରେ କୋଣସି ରସିଦ ଅନୁପ ଦେଇ ନଥିଲେ।। ଏମାନେ ଟଙ୍କା ଫେରାଇ ଦେବାକୁ କହିବାରୁ ବାପପୁଅ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବକୁ ଧମକ ଦେଇଥିଲେ। ଦମ୍ପତି ନ୍ୟାୟ ପାଇଁ ୧୦ା୩ା୨୧ରେ କାଲିମେଲା ଥାନାର ଦ୍ୱାରସ୍ଥ ହୋଇଥିଲେ।। ଏନେଇ କାଲିମେଲା ପୋଲିସ ୬୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲଶ। ରବିବାର ସମ୍ପୃକ୍ତ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଜଗଦିଶ ବାରା କହିଛନ୍ତି।

## ୱାର୍ଲ୍ଡ ହାଇପରଟେନ୍‌ସନ ଡେ’

# କରୋନା ଓ ଉଚ୍ଚ ରକ୍ତଚାପ

ଏବେ କରୋନାର ଦ୍ୱିତୀୟ ଲହର ଯୋଗୁ ଦେଶରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ନୀରବ ଘାତକ ଭାବେ ଆଖ୍ୟାୟିତ ଉଚ୍ଚ ରକ୍ତଚାପ ବି କରୋନା ସଂକ୍ରମଣ ଆଶଙ୍କାକୁ ବଢାଉଛି। ଡାଇବେଟିସ୍, ହୃଦ୍‌ରୋଗ, କିଡ୍‌ନୀ, ମେଦବହୁଳ, ଦୀର୍ଘକାଳିକ ଶ୍ୱାସରୋଗ, ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ଅଧିକ ହେଉଥିବା ଅନୁଧ୍ୟାନରୁ ଜଣାଯାଇଛି। ଏବେ ମଧ କୋଭିଡ–୧୯ ସଂକ୍ରମିତଙ୍କଠାରେ ଉଚ୍ଚ ରକ୍ତଚାପ ଅଧିକ ପରିଲକ୍ଷିତ ହେଉଛି।

ଜଣେ ବ୍ୟକ୍ତିର ସାଧାରଣ ରକ୍ତ ଚାପ ହେଉଛି ୧୨୦/୮୦ ଏମଏମ ଏଚଜି। ଅନ୍ୟପକ୍ଷରେ ଏହି ରକ୍ତଚାପ ଯଦି ୧୨୦ରୁ୧୨୯/୮୦ ଏମଏମ ଏଚଜି ହେଲା ତାହାକୁ ଉଚ୍ଚ ରକ୍ତଚାପ, ୧୩୦ରୁ୧୩୯/୮୦ରୁ୯୦କୁଅତ୍ୟଧିକଉଚ୍ଚ ରକ୍ତଚାପ (ଲେଭୁଲ–୧), ୧୪୦/୯୦ରୁ ଅଧିକ ହେଲେ ଅତ୍ୟଧିକ ଉଚ୍ଚ ରକ୍ତଚାପ (ଲେଭୁଲ–୨) ଏବଂ ୧୮୦/୧୨୦ରୁ ଅଧିକକୁ ଉଦ୍‌ବେଗଜନକ ଉଚ୍ଚ ରକ୍ତଚାପ ବୋଲି କୁହାଯାଏ। କିଡ୍‌ନୀ,ଡାଇବେଟିସ, ଥାଇରଏଡ୍, ହୃଦରୋଗ ଆଦିରେ ସାଧାରଣ ରକ୍ତଚାପ ଭାବେ ୧୧୦/୭୦ ଏମଏମ ଏଚଜିକୁ ନିଆଯାଇଛି।

ରକ୍ତଚାପ ଥରେ ଅଧିକ ବୋଲି ଜଣାପଡ଼ିଲେ ଔଷଧ ବ୍ୟବହାର ସହିତ କେତେକ କଥା ମାନି ଚଳିବାକୁ ପଡ଼ିଥାଏ। ପ୍ରଥମତଃ ଲୁଣ କମ୍ ଖାଇବେ। ଡାଇବେଟିସକୁ ନିୟନ୍ତ୍ରଣରେ ରଖିବେ। ଚର୍ବିଜାତୀୟ ଖାଦ୍ୟ ଖାଇବେ ନାହିଁ। ନିୟମିତ ବ୍ୟାୟାମ, ଯୋଗ ଏବଂ ପ୍ରାଣାୟାମ କରିବେ। ଶବାସନ ମଧ ରକ୍ତଚାପ ହ୍ରାସ କରିଥାଏ। ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। ପ୍ରତି ଘଣ୍ଟାରେ ବସି ନ ରହି ଟିକେ ଚଲାବୁଲା କରନ୍ତୁ। ପ୍ରତିଦିନ ଅତିକମରେ ୪୦ ମିନିଟ୍ ବ୍ୟାୟାମ କରନ୍ତୁ। ଅତିକମରେ ୬–୭ ଘଣ୍ଟା ଶୁଅନ୍ତୁ। ଲିଫ୍ଟ ବ୍ୟବହାର ନ କରି ଶିଢ଼ି ଓ ପାହାଚ ଚଢ଼ି ଯିବାଆସିବା କରନ୍ତୁ। ଏଥିସହ ସବୁଜ ପନିପରିବା, ଟଟକା ଫଳମୂଳ, କୋଳି, କ୍ଷୀର, ଓଟ୍, ମିଲ୍, କଦଳୀ, ଚୂନା ମାଛ, ଶାଗ, ଭେଣ୍ଡି, କଲରା, ଜହ୍ନି, ମୁଗଡାଲି, କୋଳଥ ଡାଲି, ବାଜରା, ପୋହା, ପିଆଜ, ରସୁଣ, ଅମୃତଭଣ୍ଡା, ଅଁଳା, ଘୋଳ ଦହି, ସବୁଜ ଚଣା ହେଉଛି ଏହି ରୋଗୀଙ୍କ ପାଇଁ ଉପାଦେୟ ଖାଦ୍ୟ। ତେଣୁ ଯଦି ଆପଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ଚେକ୍ କରିନିଅନ୍ତୁ ଏବଂ ଔଷଧ ଖାଇବା ସହିତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

**–ଡା. ରାମଚନ୍ଦ୍ର ରାଉତ**
ମୋ : ୯୪୩୭୭୪୨୪୯୯



### ଏ ବର୍ଷର ସ୍ଲୋଗାନ

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ରୋଗ ମଧ୍ୟରୁ ଉଚ୍ଚ ରକ୍ତଚାପ ଅନ୍ୟତମ। ଓଜନ ବୃଦ୍ଧି, ଅସନ୍ତୁଳିତ ଖାଦ୍ୟପେୟ ଏବଂ ଜୀବନଶୈଳୀ, ନିଶାଦ୍ରବ୍ୟ ସେବନ ଏହାର ପ୍ରମୁଖ କାରଣ। ତେଣୁ ଏ ନେଇ ସଚେତନତା ସୃଷ୍ଟି ଲାଗି ୨୦୦୬ଠାରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ୱାର୍ଲ୍ଡ ହାଇପରଟେନ୍‌ସନ ଡେ’ (ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ) ଭାବରେ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଘୋଷିତ ସ୍ଲୋଗାନଟି ହେଲା, ‘ନିଜର ରକ୍ତଚାପ ମାପନ୍ତୁ, ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ’।

### କିପରି କରିବେ ନିୟନ୍ତ୍ରଣ

୨୦୦୬ରୁ ପ୍ରତିବର୍ଷ ମେ’ ୧୭ ତାରିଖକୁ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଭାବେ ପାଳନ କରାଯାଉଅଛି। ଏ ବିଷୟରେ ସଚେତନ କରାଇବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ତେବେ ଉଚ୍ଚ ରକ୍ତଚାପ ଦ୍ୱାରା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଖରାପ ହେବାର ଆଶଙ୍କା ଥାଏ, ଯେପରି କି ମସ୍ତିଷ୍କ, ହୃତ୍‌ପିଣ୍ଡ, ବୃକ୍କ, ଆଖି ଇତ୍ୟାଦି। ତେଣୁ ଉଚ୍ଚ ରକ୍ତଚାପ ଥିବା ରୋଗୀ ନିୟମିତ ଡାକ୍ତରୀ ପରୀକ୍ଷା କରାଇବା ଜରୁରୀ। ଉଚ୍ଚ ରକ୍ତଚାପ ହେବା ପାଇଁ ଜେନେଟିକ୍, ଅସନ୍ତୁଳିତ ଖାଦ୍ୟପେୟ, ମେଦବହୁଳତା, ବ୍ୟାୟାମ ଅଭାବ, ମଦ୍ୟ ଏବଂ ସିଗାରେଟ୍ ସେବନ ଇତ୍ୟାଦି କାରଣ ମୁଖ୍ୟତଃ ଦାୟୀ। ଡାଇବେଟିସ ଏବଂ କିଡ୍‌ନୀ ରୋଗୀଙ୍କୁ ମଧ ଉଚ୍ଚ ରକ୍ତଚାପ ହେବାର ଆଶଙ୍କା ଅଧିକ ଥାଏ। ବିଭିନ୍ନ ପ୍ରକାରର ଔଷଧ ଦ୍ୱାରା ଉଚ୍ଚ ରକ୍ତଚାପର ଚିକିତ୍ସା କରାଯାଇଥାଏ। ତେଣୁ ଅବହେଳା ନ କରି ତୁରନ୍ତ ଏବଂ ନିୟମିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କରାଇ ନେବା ଆବଶ୍ୟକ। ‘ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ୍ କ୍ୟୁଅର’ ତେଣୁ ଯେପରି ଜଣଙ୍କୁ ଉଚ୍ଚ ରକ୍ତଚାପ ନ ହୁଏ, ସେଦିଗରେ ବିଶେଷ ଧ୍ୟାନ ଦେବା ଜରୁରୀ। ଯେପରି କି – ନିୟମିତ ବ୍ୟାୟାମ କରିବା, ଅଧିକ ଚର୍ବିଯୁକ୍ତ ଖାଦ୍ୟ ନ ଖାଇବା, ନିଶା ସେବନଠୁ ଦୂରେଇ ରହିବା, ଠିକ୍ ସମୟରେ ସନ୍ତୁଳିତ ଆହାର କରିବା, ଉପଯୁକ୍ତ ନିଦ୍ରା, ମାନସିକ ଚାପ ଓ ଅବସାଦଠାରୁ ଦୂରେଇ ରହିବା, ସମୟ ଅନ୍ତରାଳରେ ରକ୍ତଚାପ, ରକ୍ତଶର୍କରା, ଲିପିଡି ପ୍ରୋଫାଇଲ, ୟୁରିଆ କ୍ରିଏଟିନ୍ ଇତ୍ୟାଦି ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

**– ଡା. ମୃଣ୍ମୟ କୁମାର ମହାନ୍ତି**
(ଏମ୍‌ରଜେନ୍‌ସି ମେଡିସିନ୍ ବିଶେଷଜ୍ଞ),
ସିଲ୍‌ଭରସିଟି ହସ୍ପିଟାଲ, ଚାଉଳିଆଗଞ୍ଜ, କଟକ

### ଆୟୁର୍ବେଦୀୟ ଉପଚାର

- ରୋଗୀ ଦୈନିକ ସକାଳେ ଖାଲି ପେଟରେ ରସୁଣ ୨/୩ ପୁଡା (କଞ୍ଚା) ଚୋବାଇ ଖାଇବା ଆବଶ୍ୟକ।
- ନିମ୍ବ ପତ୍ର ୫ଟି ଏବଂ ତୁଳସୀ ପତ୍ର ୧୦/୧୨ଟି ଦୈନିକ ସକାଳେ ଏବଂ ଖାଲି ପେଟରେ ସଜନା ପତ୍ର ରସ ୨/୩ ଚାମଚ ସେବନ କରନ୍ତୁ।
- ସକାଳେ ଏବଂ ସନ୍ଧ୍ୟାରେ ଖାଇବା ପୂର୍ବରୁ ଅର୍ଜୁନ ଛାଲି ରସ ୩ ଚାମଚ ଏକ କପ ଉଷୁମ କ୍ଷୀର ସହ ମିଶାଇ ପିଅନ୍ତୁ।
- ସର୍ପଗନ୍ଧା, ଜଟାମାଂସୀ, ଅର୍ଜୁନ, ଅଶ୍ୱଗନ୍ଧା ମାତ୍ରାନୁଯାୟୀ ଚୂର୍ଣ୍ଣ ସେବନ କରନ୍ତୁ।
- ମୁଣ୍ଡରେ ମଧ୍ୟମ ନାରାୟଣ ତୈଳ, ସର୍ପଗନ୍ଧା ତୈଳ ବା ହିମସାଗର ତୈଳ ମାଲିସ କଲେ ସୁଫଳ ମିଳିଥାଏ।

**–ଡା. ଆଶିଷ ବାନାର୍ଜୀ**
ମୋ : ୯୮୬୧୩୭୪୩୮୫









ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ।। —ଶ୍ରୀମା



# ଦୃଷ୍ଟିଭଙ୍ଗ ହେଲାଣି

କରୋନା ମହାମାରୀଜନିତ ସ୍ଥିତିକୁ ପରିଚାଳନା କରିବାରେ ଭାରତ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା ଦେଶର କୋଣ ଅନୁକୋଣରେ ଆଲୋଚନା ହେଉଛି। ସେପ୍ଟେମ୍ବର ୨୦୨୦ରେ କୋଭିଡ୍‌-୧୯ ଭାରତରେ ଶୀର୍ଷ ଛୁଇଁଥିଲା ସତ, କିନ୍ତୁ ତାହାର ପ୍ରଭାବ ପରବର୍ତ୍ତୀ ସମୟରେ ହ୍ରାସ ପାଇ ନ ଥିଲା। ଅପରପକ୍ଷରେ ସଂଖ୍ୟା କମାଇବାକୁ ସବୁ ରାଜ୍ୟ ଓ କେନ୍ଦ୍ର ସରକାର ମିଥ୍ୟାର ଆଶ୍ରୟ ନେଲେ। ଗୋଟିଏପଟେ ପରୀକ୍ଷା କମାଇ ଦେଲେ ଏବଂ ଅନ୍ୟପଟେ ମୃତ୍ୟୁସଂଖ୍ୟାକୁ ହ୍ରାସ କରାଇଲେ। ମୃତ୍ୟୁସଂଖ୍ୟା କମାଇବାର ସହଜ ଉପାୟ ହେଲା କରୋନାଜନିତ କହିବା ପରିବର୍ତ୍ତେ ଅନ୍ୟ ଯେକୌଣସି ସ୍ୱାସ୍ଥ୍ୟଗତ କାରଣ ଦର୍ଶାଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ବିରୋଧରେ ହୋଇଥିବା ଯୁଦ୍ଧରେ ଭାରତ ସଫଳ ହୋଇଛି ବୋଲି କହି କୋହଳ ମନୋଭାବ ସୃଷ୍ଟି କରାଇଦେଲେ। ଏଥିସହିତ ଗଣମାଧ୍ୟମରେ ଆଲୋଚନା କରାଗଲା ଯେ, ଭାରତରେ କରୋନା ଅସଫଳ ହେବାର ମୁଖ୍ୟକାରଣ ହେଉଛି ଭାରତୀୟଙ୍କ ଅପରିଷ୍କାର ଜୀବନଶୈଳୀ। ବାରମ୍ବାର କୁହାଗଲା ଯେ, ଆମର ରୋଗ ପ୍ରତିରୋଧକ ଶକ୍ତି ମଇଳା ବାତାବରଣରୁ ସୃଷ୍ଟି ହୋଇଛି। ଏଭଳି ଅବାଞ୍ଛିତ କଥାକୁ ଶିକ୍ଷିତ ଭାରତୀୟମାନେ ମଧ୍ୟ ସ୍ୱୀକାର କରିଗଲେ।

ଏବେ ପରିସ୍ଥିତି ଅଣାୟତ୍ତ। ବିଭିନ୍ନ ଗଣମାଧ୍ୟମରେ ଫଟୋ ଓ ଭିଡିଓରେ ଦର୍ଶାଯାଉଛି, ଯେଉଁଥିରେ ହସ୍ପିଟାଲ ବେଡ୍‌ ଏବଂ ଅମ୍ଳଜାନ ପାଇବା ପାଇଁ ଅନେକ ଶହ ଲୋକଙ୍କ ଧାଡ଼ି ଲାଗିଛି। ଗଙ୍ଗାରେ ବହୁ ମୃତଦେହ ଭାସୁଛି। ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ନଦୀକୂଳ ବାଲି ଭିତରୁ ଅନେକ ହଜାର ଶବ ବାହାରୁଛି। ଏଥିସହିତ ସରକାରଙ୍କ ପାଖରେ ଟିକାର ସମ୍ପୂର୍ଣ୍ଣ ଅଭାବ ଯୋଗୁ ସାଧାରଣ ନାଗରିକର ମୋଦିଙ୍କ ଉପରେ ବିଶ୍ୱାସ ତୁଟିଯିବା ସ୍ୱାଭାବିକ। ଏତିକି ବେଳେ ମୋଦି ତାଙ୍କ କେନ୍ଦ୍ର ସରକାର ଅଧୀନ ଦିଲ୍ଲୀ ପୋଲିସକୁ ଲଗାଇ ଦେଶର ରାଜଧାନୀର କେତେକ ସ୍ଥାନରେ ମୋଦି ବିରୋଧୀ ପୋଷ୍ଟର ଲଗାଉଥିବା ଯୁବକଙ୍କୁ ଗିରଫ କରାଉଛନ୍ତି। ଏଥିରୁ ବୁଝାପଡୁଛି ଯେ, କେନ୍ଦ୍ର ସରକାର ଓ ଦେଶର ପ୍ରଧାନମନ୍ତ୍ରୀ ନିଜର ଆବଶ୍ୟକ ଲକ୍ଷ୍ୟଠାରୁ ଦୂରେଇ ଗଲେଣି। ଏବେ ସମୟ ନୁହେଁ ରାଜନୈତିକ ବିରୋଧୀଙ୍କ ସହ ଲଢ଼ିବାର। ବାରମ୍ବାର କୁହାଯାଉଛି ଯେ, ମୋଦିଙ୍କ ବିକଳ୍ପ ନାହିଁ। ଯଦି ତାହା ସତ ହୋଇଥାଏ, ତେବେ ରାସ୍ତାକଡ଼ରେ ପୋଷ୍ଟର ମାରୁଥିବା ଯୁବକଙ୍କୁ ଗିରଫ କରିବାର ପ୍ରୟୋଜନ ହୁଅନ୍ତା ନାହିଁ।

ସମସ୍ୟା ହେଉଛି 'ନେଡ଼ି ଗୁଡ଼ କହୁଣିକୁ ବହିଗଲାଣି'। ମୋଦି ଏବଂ ତାଙ୍କ ସହଯୋଗୀମାନେ ଏହି ସଙ୍କଟ ସମୟରେ ମାପି ହୋଇଗଲେଣି। ଦକ୍ଷ ନେତୃତ୍ୱ ସାଧାରଣ ସମୟରେ ଜଣାପଡ଼େ ନାହିଁ। ସଙ୍କଟ ସମୟରେ ନେତୃତ୍ୱର ଦୂରଦୃଷ୍ଟି ଏବଂ ଶାନ୍ତ ମାନସିକତା ଲୋକଙ୍କ ଜୀବନ ବଞ୍ଚାଇଦିଏ। ମୋଦି ଜଣେ ଏଭଳି ବ୍ୟକ୍ତି, ଯାହାଙ୍କ କ୍ଷମତା ସରକାରୀ କଳରୁ ବାହାରୁଛି। ନେତା ଭାବରେ ତାଙ୍କର ଲୋକଙ୍କ ପ୍ରତି ସହାନୁଭୂତି ନାହିଁ ବୋଲି ସମସ୍ତେ ଜାଣିଗଲେଣି।

ଏବେ ସୋସିଆଲ ମିଡିଆରେ ସାଧାରଣରେ ମୋଦି ସରକାରଙ୍କ ବିଫଳତା ନେଇ ଆଲୋଚନା ହେଉଛି। ଦେଶରେ ମହାମାରୀ ଦୈନିକ ଅନେକ ହଜାର ଲୋକଙ୍କ ପ୍ରାଣ ନେଉଛି। ଡାକ୍ତରଖାନାରେ ଶଯ୍ୟା, ଅମ୍ଳଜାନ, ଭେଣ୍ଟିଲେଟର ଅଭାବ ଦେଖାଦେଇଥିବା ବେଳେ ରୋଗୀଙ୍କୁ ଔଷଧ ମିଳୁନାହିଁ। ହେଲେ ମୋଦି ୨୦,୦୦୦ କୋଟି ଟଙ୍କା ବ୍ୟୟ କରି ନୂଆ ପାର୍ଲାମେଣ୍ଟ ଓ ପ୍ରଧାନମନ୍ତ୍ରୀଙ୍କ ଆବାସ ନିର୍ମାଣ କରିବାରେ ବ୍ୟସ୍ତ। ଦିଲ୍ଲୀର ସବୁଠାରୁ ସୁନ୍ଦର ଅଞ୍ଚଳକୁ ଭାଙ୍ଗିଦେଇ ସେ ତାଙ୍କର ସ୍ୱପ୍ନ ସାକାର କରିବାରେ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ଦ୍ୱାରା ଭାରତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଧ୍ୱଂସ କରିଦେଉଛନ୍ତି। ମୋଦି ଚାହୁଁଛନ୍ତି ତାଙ୍କ ଶାସନ କାଳରେ ସେଣ୍ଟ୍ରାଲ ଭିଷ୍ଟା ଭଳି ଭିତ୍ତିଭୂମି ସୃଷ୍ଟି କରି ସବୁଦିନ ପାଇଁ ଇତିହାସରେ ରହିବାକୁ। ଇତିହାସରେ ଲିପିବଦ୍ଧ ହେବାକୁ ଇଚ୍ଛୁକ ଥିଲେ ମନ୍ଦ କାମ କରିବା ପରିବର୍ତ୍ତେ ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା। ଯେଉଁ ସରକାର ୨୦୨୦ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଭାକ୍ସିନ ପାଇଁ ନିର୍ମାତାମାନଙ୍କ ପାଖରେ ଚୁକ୍ତି କରି ନ ଥିଲେ, ସେହି ସରକାରରେ ଆନ୍ତରିକତାର ଅଭାବ ସ୍ପଷ୍ଟ ଭାବେ ଜଣାପଡୁଛି। ଦିଲ୍ଲୀରେ ମୋଦି ବିରୋଧୀ ପୋଷ୍ଟରରେ ଲେଖାଯାଇଛି -'କାହିଁକି ଆମ ପିଲାଙ୍କ ଟିକାକୁ ବିଦେଶକୁ ପଠାଇଦେଇଥିଲ'। ଏହାର ଜବାବ ସକାରାତ୍ମକ କାର୍ଯ୍ୟ ମାଧ୍ୟମରେ କରାଯାଇପାରିଥାନ୍ତା। ତାହା ନ ହୋଇଲା। ମୋଦିଙ୍କ ପୋଲିସ ସେହି ଯୁବକଙ୍କୁ ଗିରଫ କଲା। ଏବେ କେବଳ ଗଣତନ୍ତ୍ର ନୁହେଁ, ମୋଦି ଆମ ସମସ୍ତଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କଲେଣି।

## ସାପ୍ତାହିକ ପଞ୍ଜିକା

**ମେ ୧୦ :** ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ନିର୍ବାଚିତ।
➢ଆସ୍ଥା ଭୋଟରେ ହାରିଲେ ନେପାଳ ପ୍ରଧାନମନ୍ତ୍ରୀ ଜେ.ପି. ଶର୍ମାଓଲି।
**ମେ ୧୧:** ଗଙ୍ଗାରେ ଭାସୁଛି ଶତାଧିକ ମୃତଦେହ।
➢ଅକ୍ସିଜେନ ଅଭାବରୁ ଗୋଆରେ ୨୬ ଓ ତିରୁପତିରେ ୧୩ ମୃତ।
➢ଭାରତରୁ ଟୁଇଟର ନେଲା ୧୧୦ କୋଟି।
**ମେ ୧୨:** ୨ରୁ ୧୮ ବର୍ଷୀୟଙ୍କଠାରେ ହେବ କୋଭାକ୍ସିନ ପରୀକ୍ଷା।
**ମେ ୧୩ :** ଆସାମର ନଗାଓଁ ଜିଲା ପାର୍ବତ୍ୟାଞ୍ଚଳରେ ବଜ୍ରପାତରେ ୧୮ ହାତୀ ମୃତ।
➢ଇସ୍ରାଏଲ ଏବଂ ହମାସ ଚରମପନ୍ଥୀଙ୍କ ମଧ୍ୟରେ ସଂଘର୍ଷରେ ୯୦ ନିହତ।
**ମେ ୧୪ :** ରାଜ୍ୟକୁ ଫଙ୍ଗସ୍ ଚିନ୍ତା ଘାରିଲା। ସରକାର ଗଠନ କଲେ ରାଜ୍ୟସ୍ତରୀୟ କମିଟି।
➢ସ୍ପୁଟନିକ ଡୋଜ ପିଛା ୯୫୦ ଟଙ୍କା।
**ମେ ୧୫ :** ବାଇଡେନଙ୍କ ବରିଷ୍ଠ ଉପଦେଷ୍ଟା ହେଲେ ନୀରା ଟଣ୍ଡନ।
➢ମଙ୍ଗଳରେ ରୋଭର ଅବତରଣ କରିବାରେ ଚାଇନା ସଫଳ। ବିଶ୍ୱରେ ଏହି ଦେଶ ତୃତୀୟ।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | 6 | | 2 | 3 | |
| 3 | 4 | | | | | | | |
| 2 | | 6 | | | | | | 5 |
| | | | 5 | | 7 | | | |
| | 7 | | | 4 | 6 | | | 8 |
| | | | | 8 | | 3 | | |
| | | | 8 | 2 | | 6 | | 1 |
| 1 | | | | | 4 | | 2 | |
| | | | | | 3 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 3 | 6 | 8 | 5 | 2 |
| 8 | 5 | 9 | 1 | 4 | 2 | 7 | 6 | 3 |
| 3 | 6 | 2 | 7 | 5 | 8 | 9 | 4 | 1 |
| 9 | 8 | 6 | 5 | 7 | 1 | 3 | 2 | 4 |
| 5 | 4 | 7 | 3 | 2 | 9 | 6 | 1 | 8 |
| 1 | 2 | 3 | 8 | 6 | 4 | 5 | 7 | 9 |
| 7 | 1 | 5 | 4 | 9 | 3 | 2 | 8 | 6 |
| 6 | 9 | 8 | 2 | 1 | 5 | 4 | 3 | 7 |
| 2 | 3 | 4 | 6 | 8 | 7 | 1 | 9 | 5 |

ଗତକାଲିର ଉତ୍ତର

# ବିଡ଼ମ୍ବନା



ଉପେନ୍ଦ୍ର ବିଶ୍ୱାଳ

୭୫ ବର୍ଷ ପୂର୍ବର ଏକ ଘଟଣା। ବ୍ରିଟିଶ୍ ଶାସକଙ୍କ ଦ୍ୱାରା ଭାରତକୁ କ୍ଷମତା ହସ୍ତାନ୍ତରର ବିରୋଧ କରୁଥିଲେ ଉଇନ୍‌ଷ୍ଟନ ଚର୍ଚ୍ଚିଲ। ବିଦ୍ରୂପଭରା ସେ ଯେଉଁ ମନ୍ତବ୍ୟ ରଖିଥିଲେ ତାହାର ସଂକ୍ଷିପ୍ତ ସାରାଂଶ ହେଲା- ଇଣ୍ଡିଆକୁ ସ୍ୱାଧୀନତା ଦେଲେ ଅବସ୍ଥା ଆହୁରି ବିଗିଡ଼ିଯିବ। ଦିନେ ଏମିତି ସ୍ଥିତି ଆସିବ, ସେ ଦେଶରେ ପାଣି, ପବନ ବି ବିକ୍ରି ହେବ। ସେ ଦିନର ସେ ମର୍ମଭେଦୀ କଟାକ୍ଷ ଏକପ୍ରକାର ସତ୍ୟ ସାବ୍ୟସ୍ତ ହୋଇଛି ଆଜି। ପାଣି ତ କେବେଠୁ ବିକ୍ରି ଚାଲିଛି ଆଉ ପବନ (ଅମ୍ଳଜାନ) ବି ଆଜି ବିକ୍ରି ହେଉଛି କଳା ବଜାରରେ। ବାସ୍ତବରେ ଚର୍ଚ୍ଚିଲଙ୍କ ଏମିତି ଏକ ଶକ୍ତ ଚଟକଣା ଯେମିତି ଅପମାନ ଓ ଅବସାଦଭରା, ସେମିତି ହୃଦୟବିଦାରକ ଓ ବିଡ଼ମ୍ବନା ମଧ୍ୟ। ସ୍ୱାଧୀନତାର ସେ ସମୟ ଥିଲା ସମ୍ଭାବନାମୟ ବେଳାଟିଏ ଆଗକୁ ଆଗେଇ ଯିବାର। ସମୟ ଓ ସୁଯୋଗ ବି ହାତଠାରି ଆମକୁ ଡାକୁଥିଲା ଭାରତ ଓ ଭାରତୀୟତାକୁ ଉଦ୍ଭାସିତ କରିବାକୁ। କିନ୍ତୁ ଦୁର୍ଭାଗ୍ୟ, ଦେଶକୁ ମିଳିଲାନି ସଠିକ୍ ନେତୃତ୍ୱ ଓ ଦିଗ୍‌ଦର୍ଶନ। ଫଳତଃ ଦିଶାହୀନ ହେଲା ଦେଶ। ତା' ନ ହୋଇଥିଲେ ସ୍ୱାଧୀନତାର ୫୦ ବର୍ଷ ଭିତରେ ଦେଶରେ ୨ଟିରୁ ଅଧିକ ଏମ୍ସ କଲେଜ କ'ଣ ପ୍ରତିଷ୍ଠା ହୋଇ ପାରିନଥାନ୍ତା? ଦେଶର ଭବିଷ୍ୟତ ଯେମିତି ନିର୍ଭରକରେ ଲୋକ ଚରିତ୍ର ଉପରେ, ସେମିତି ବି ନିର୍ଭର କରେ ନେତୃତ୍ୱର ପରାକାଷ୍ଠା ଓ ପାରଦର୍ଶିତା ଉପରେ। ବରଂ ଦକ୍ଷ ଓ ଦୃଢ଼ମନା ନେତୃତ୍ୱ ସକ୍ଷମ ହୁଏ ଜନ ମାନସିକତା ତିଆରି କରିବାରେ। ତାଙ୍କ ଆଦର୍ଶ ଆଚରଣ ଅନେକଙ୍କ ପାଇଁ ଅନୁକରଣୀୟ ପାଲଟିଯାଏ।

ଏବେ ଆସିବା ଆଜିର ସ୍ଥିତିକୁ। ଛୁଆକୁ ପଦାରେ ଶୁଆଇ ଡାହାଣୀକୁ ଦୋଷ ଦେବା ପରି ଆମ ସ୍ଥିତି ଆଜି ସେମିତି ନୁହଁ କି? ୧୩୫ କୋଟି ଲୋକସଂଖ୍ୟାର ବିଶାଳ ଭୂଖଣ୍ଡରେ କରୋନାକୁ ହରେଇବା ଯେ କେତେ କାଠିକର ପାଠ, ତାହା ଜାଣି ମଧ୍ୟ ସରକାରଙ୍କଠାରୁ ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ନିଶ୍ଚିନ୍ତ ରହିଲେ। ଫଳତଃ ଦେଶ ଭୋଗୁଛି ନାହିଁନଥିବା ଦୁର୍ଦ୍ଦଶା। ଦିଲ୍ଲୀ ସମେତ ସବୁ ବଡ଼ ବଡ଼ ସହରରେ ଶୁଭୁଛି ଅମ୍ଳଜାନ ପାଇଁ ଆର୍ତ୍ତଡାକ। ଶରୀର ଆବଶ୍ୟକ କରୁଥିବା ଅମ୍ଳଜାନ ଯଦି ଠିକ୍‌ସେ ପାଉଥା'ନ୍ତା, ତେବେ ଆମେ କ'ଣ ଏମିତି ଅବସ୍ଥା ଭୋଗୁଥା'ନ୍ତୁ? ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ବୃଦ୍ଧି ସହିତ ଅମ୍ଳଜାନ ହ୍ରାସ ପାଇଁ ଦାୟୀ କିଏ? ବାୟୁମଣ୍ଡଳ ଧାରଣ କରୁଥିବା ପ୍ରକୃତିଦତ୍ତ ୨୦.୯୫ ଭାଗ ଅମ୍ଳଜାନ ତ ଜୀବଜଗତ ପାଇଁ ଯଥେଷ୍ଟ। ଗତ କେଇବର୍ଷ ଧରି ଦିଲ୍ଲୀ ପାଲଟିଛି ବିଶ୍ୱର ପ୍ରମୁଖ ପ୍ରଦୂଷିତ ସହର। ଦିନବେଳା ବି ରାତି ଅନ୍ଧକାର ପରି ଆକାଶକୁ ଆଚ୍ଛନ୍ନ କରି ରଖୁଛି ଅଙ୍ଗାରକାମ୍ଳର ଗହଳ ଆସ୍ତରଣ, ଯେଉଁଥିପାଇଁ କି ଅନେକ ଥର ବାତିଲ ହୋଇଛି କ୍ରିକେଟ୍ ଖେଳ। ପୁନଶ୍ଚ ଦିଲ୍ଲୀ ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକରେ ବିପୁଳ ପରିମାଣର ଜୀବାଶ୍ମ ଦହନ ଫଳରେ ଅଙ୍ଗରକାମ୍ଳ ବୃଦ୍ଧି ସହିତ ଅମ୍ଳଜାନର ସ୍ତରକୁ ହ୍ରାସ କରିଚାଲିଛି। କାରଣ ମାଇଲ ମାଇଲ ବ୍ୟାପୀ କ୍ଷେତର ନଡ଼ା ସବୁ ଦହନ ପାଇଁ ତ ଅମ୍ଳଜାନ ଜରୁରୀ। ଏହା ବିରୋଧରେ ସୁପ୍ରିମକୋର୍ଟ ବି ବିଷୋଦ୍‌ଗାର କରିଛନ୍ତି କେତେଥର। ପୁଣି କାର୍ଯ୍ୟାଳୟରୁ ଭାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟକ୍ତିଟିଏ ଶୀତତାପ ନିୟନ୍ତ୍ରିତ ନିବୁଜ କୋଠରି ଭିତରେ ଆବଦ୍ଧ ହୋଇ ରହିଲେ, ଆବଶ୍ୟକ ଅମ୍ଳଜାନ ପାଇବ କେଉଁଠୁ ଏ ଶରୀର। କାହିଁ ଦିଲ୍ଲୀ ପରି ପଲ୍ଲୀବାସିନ୍ଦା ତ ଭୋଗୁନାହାନ୍ତି ଏପରି ଦୁର୍ଦ୍ଦଶା? ଦୁନିଆକୁ ମଇଳା କରିବୁ ଆମେ, ତଜ୍ଜନିତ ସମସ୍ୟା ଦେଖାଦେଲେ ଦୋଷ ହେଉଛି ସରକାରଙ୍କର। ପାଦରେ ଜୋତା ନ ପିନ୍ଧି ଆମେ ରାସ୍ତା ଚାଲିବୁ। ପାଦକୁ କଷ୍ଟ ହେଲେ ସରକାରଙ୍କ ଉପରେ ବର୍ଷିବୁ। ଲାଲଝଣ୍ଡା ଧରି ବାହାରି ପଡ଼ିବୁ। ସରକାରଙ୍କଠାରେ ଦାବି କରିବୁ- ଘାସର ଗାଲିଚାରେ ରାସ୍ତାସବୁ ଆଚ୍ଛାଦିତ କର। ନହେଲେ ନିଆଁ (ଟାୟାର) ଜଳିବ।

ଏବେ ଆସିବା ଅନ୍ୟ ଏକ ମହତର ଦିଗକୁ। ଏଇଠି ଏକ ପ୍ରଶ୍ନଟିଏ। ବଞ୍ଚିବା ଆଗ ନା ବଢ଼ିବା ଆଗ। ବଞ୍ଚି ରହିଲେ ତ ଆଗକୁ ବଢ଼ିବା ପାଇଁ ବାଟ ଖୋଜିବା। କିଏ ଆମକୁ କହିଥିଲା ଯେଉଁ ଡାଳରେ ବସୁଛ, ସେଇ ଡାଳର ମୂଳକୁ ହାଣିବାକୁ? ବିକାଶ(?)ର ଦ୍ୱାହିଦେଇ କୋଟି କୋଟି ସଂଖ୍ୟାର ବୃକ୍ଷସମ୍ପଦ, ଯାହାକି ଆମ ଜୀବନନାଡ଼ିକା, ତାକୁ ଧ୍ୱଂସ କରିବାର ମାନେ କ'ଣ? ଜଣେ ବ୍ୟକ୍ତି ବାର୍ଷିକ ଯେତିକି ଅମ୍ଳଜାନ ଗ୍ରହଣ କରେ, ୮ଟି ବଡ଼ ବଡ଼ ବୃକ୍ଷ ତାକୁ ଭରଣା କରିଥା'ନ୍ତି। ଗଛଟିଏ ନ ବଢ଼େଇ ତାକୁ ଗଡ଼େଇବା ମୂଢ଼ତା ନୁହଁକି? ଆମ ଶରୀରକୁ ଅମ୍ଳଜାନ ଯେତେ ଯିବ, ରକ୍ତ ସଞ୍ଚାଳନ ସେତେ ସୁଗମ ଓ ସ୍ୱାସ୍ଥ୍ୟପ୍ରଦ ହେବ। ଅମ୍ଳଜାନସ୍ତର ହ୍ରାସ ପାଇ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବଢ଼ିଲେ ଫୁସ୍‌ଫୁସ୍‌ରେ ମଧ୍ୟ ଅଙ୍ଗାରକାମ୍ଳ ଗଚ୍ଛିତ ହୋଇଥାଏ। ଫଳତଃ ରକ୍ତପ୍ରବାହରେ ତାହା ଜମା ହୋଇଯାଏ। ଯେଉଁଥିପାଇଁ କି ରକ୍ତ ଜମାଟ, ହୃଦ୍‌ଘାତଜନିତ ସମସ୍ୟା ସହିତ ଶ୍ୱାସକ୍ରିୟାରେ ଭୀଷଣ ଅସୁବିଧା ହୁଏ, ଯାହାକୁ ଡାକ୍ତରୀ ଭାଷାରେ Hypercapnia କୁହନ୍ତି। ତା'ପରଠୁ ଆରମ୍ଭ ହୋଇଯାଏ ସାଂଘାତିକ ଫୁସ୍‌ଫୁସ୍‌ଜନିତ ରୋଗ (COPD)। ଏଭଳି ଭୟଙ୍କର ସଙ୍କଟରେ ପଡ଼ି ଆମେ ଯେମିତି କଲବଲ ନ ହେବୁ, ସେଥିପାଇଁ ଦୂରଦ୍ରଷ୍ଟା ଆମ ମୁନି ଋଷିମାନେ ଆମକୁ ଏପରି ବିପତ୍ତିଠାରୁ ଦୂରେଇ ରହିବାକୁ ବାଟ ବତେଇ ଯାଇଥିଲେ। କିନ୍ତୁ ବିଦେଶୀମୁହାଁ ଆମେ ଭାରତୀୟମାନେ ତାକୁ ବେଖାତିର କରିଚାଲିଲୁ। ଗଛ ଗୁଳ୍ମ ଆଦିକୁ ବି ଧର୍ମନିରପେକ୍ଷତାର ମାପଦଣ୍ଡରେ ବିଭକ୍ତ କରିଦେଲୁ। ତା' ନ ହୋଇଥିଲେ ବର, ଅଶ୍ୱତ୍ଥ, ନିମ୍ବ, ଅଶୋକ, ଜାମୁ ଆଦି ଅତ୍ୟଧିକ ଉପଯୋଗୀ ଗଛଗୁଡ଼ିକୁ ଏଡ଼େଇ ଦେଇ ଆମ ଧର୍ମନିରପେକ୍ଷ ସରକାରମାନେ କ'ଣ ୟୁକାଲିପଟାସ, ଆକାଶୀ ଆଦି ଗଛଗୁଡ଼ିକୁ ରୋପଣ କରିଥାଆନ୍ତେ କି? ବିଦେଶୀ ଅନୁରକ୍ତମାନେ ବୁଝିବାକୁ କେବେ ପ୍ରୟାସ କରିନାହାନ୍ତି ଆମ ପୂର୍ବଜ ଋଷି ବିଜ୍ଞାନୀଙ୍କର ବିଜ୍ଞତା ଓ ଦୂରଦର୍ଶିତାକୁ। ଆଜିର ଯେଉଁ ବିଜ୍ଞାନ ଜଗତ ତୁଳସୀ, ଅଶ୍ୱତ୍ଥ, ବର ଆଦି ଗଛକୁ ବାୟୁଶୋଧକ ଓ ଅମ୍ଳଜାନ ଉତ୍ପାଦକ ବୋଲି ଘୋଷଣା କରୁଛି, ତାହାର କାହିଁ କେଉଁ ଅନାଦି କାଳରୁ ଆମେ ଉପଲବ୍ଧି କରିଆସିଛୁ ତାହାର ଉତ୍କର୍ଷତାକୁ। ସେମାନେ ବି ଜାଣିଥିଲେ ଆଲୋକ ସଂଶ୍ଳେଷଣ ସମ୍ବନ୍ଧେ। ଉଦ୍ଭିଦ ଜଗତ ତିନିପ୍ରକାର (C୩, C୪, CAM) ଆଲୋକ ସଂଶ୍ଳେଷଣ ପଦ୍ଧତିରେ ଜୀବନ ଧାରଣ କରିବାରେ ସକ୍ଷମ ହୁଅନ୍ତି। ତନ୍ମଧ୍ୟରୁ CAM (Crassulacean Acid Metabolism) ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଏହି ପ୍ରକ୍ରିୟା ଦ୍ୱାରା ସୂର୍ଯ୍ୟାଲୋକ ଅଭାବରେ ମଧ୍ୟ ତୁଳସୀ, ଅଶ୍ୱତ୍ଥ, ବର, ନିମ୍ବ, ଅଶୋକ, ଜାମୁ ଆଦି ୬ଟି ଗଛ ବାୟୁମଣ୍ଡଳକୁ ସର୍ବାଧିକ ସମୟ (୧୮ରୁ ୨୪ ଘଣ୍ଟା) ଅମ୍ଳଜାନ ଦାନ କରିଥାଆନ୍ତି। ତୁଳସୀ ତ ୨୦ ଘଣ୍ଟା ଅମ୍ଳଜାନ ଦେବା ସହିତ ୪ ଘଣ୍ଟା ସର୍ବାଧିକ ମୂଲ୍ୟବାନ୍, ଓଜୋନ ଗ୍ୟାସ ଛାଡ଼ିଥାଏ; ଯେଉଁଥିପାଇଁ କି ଜାତିସଂଘ ବି ସେପ୍ଟେମ୍ବର ୧୬, ଓଜୋନ ଦିବସରେ ତୁଳସୀଗଛ ରୋପିବାକୁ ପ୍ରେରିତ କରିଆସୁଛି। ବିଜ୍ଞାନର ଗୂଢ଼ ରହସ୍ୟକୁ ସମସ୍ତେ ବୁଝିପାରିବେ ନାହିଁ ବୋଲି ଉପରୋକ୍ତ ଗଛଗୁଡ଼ିକୁ ସେଥିପାଇଁ ଆମ ଧର୍ମୀୟ ବିଶ୍ୱାସ ଓ ଭାବନା ସହିତ ସେମାନେ ଯୋଡ଼ି ଯାଇଛନ୍ତି। ହେତୁବାଦୀମାନେ ଭାରତର ଏ ଭବ୍ୟ ଭାବଧାରାକୁ କେବେ ବୁଝିବେ କେଜାଣି? ଏକ ସୁଖମୟ ନିରାମୟ ବିଶ୍ୱ ଗଢ଼ିବାକୁ ସେମାନେ ସଦା ପ୍ରୟାସ ପ୍ରଯତ୍ନ ପ୍ରାର୍ଥନା କରୁଥିଲେ। ସେଥିପାଇଁ ଗାଇଲେ ''ଯଥଃ ନ ସର୍ମିଜଜଗଦ ଅୟକ୍ଷମ ସୁମନା(ଅସତ ବିଶ୍ୱଂପୁଷ୍ଟ ଗ୍ରାମେଅସ୍ମିନ ନାତୁରମ୍ (ଯଜୁର୍ବେଦ) ଅର୍ଥାତ୍ ସାରା ବିଶ୍ୱ ରୋଗଶୂନ୍ୟ ଏବଂ ସୁସ୍ଥ ହେଉ। ବିଶ୍ୱର ସମସ୍ତେ ହୃଷ୍ଟପୁଷ୍ଟ ତଥା ନୀରୋଗ ରୁହନ୍ତୁ''। ସେଇଥିପାଇଁ ତ ତାଙ୍କର ପରବର୍ତ୍ତୀ ପିଢ଼ି, ଅମୃତର ସନ୍ତାନମାନଙ୍କୁ ଆହ୍ୱାନ ଦେଇ କହି ଯାଇଛନ୍ତି ''ହେ ବତ୍ସମାନେ! ତୁମେ ଏମିତି କାମ କର, ଯେମିତି କି ସମୀର ମଧୁରତା ବା ସୁଖ ଆଣିବା ହେବ। ଧାବମାନ ନଦୀଗୁଡ଼ିକ ସୁଖ ଆଣିବା ହେବେ। ଗୁଳ୍ମଲତା ଓ ବୃକ୍ଷରାଜି ଦିବାରାତ୍ର ସୁଖ ପ୍ରଦାନ କରିବେ। ଧରାପୃଷ୍ଠର ଧୂଳିକଣା ସମେତ ସ୍ୱର୍ଗ ଓ ମର୍ତ୍ତ୍ୟ ଆମକୁ ସୁଖ ପ୍ରଦାନ କରିବେ। ସୂର୍ଯ୍ୟ ଦେବତା କୋମଳ କିରଣ ଦେଇ ଆମ ପ୍ରତି ସୁଖ ବୃଷ୍ଟି କରିବେ। ଗୋମାତା ଆମ ପାଇଁ ସୁଖ, ସମୃଦ୍ଧି ଆଣନ୍ତୁ'' (ମଧୁବାତା ଋତାୟତେ ...ଗାବୋ ଭବନ୍ତୁ ନଃ, ତୈତ୍ତିରେୟ ଆରଣ୍ୟକ)। ଯେଉଁକଥା କହି ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ଓ ଗବେଷକମାନେ ଆଜି ଆମକୁ ସତର୍କ କରାଉଛନ୍ତି। ଆନ୍ତର୍ଜାତିକ ବିଜ୍ଞାନ ଓ ଗବେଷଣା ମଞ୍ଚ IPBES ଅଧୀନରେ କାର୍ଯ୍ୟରତ ଗବେଷକ ପ୍ରଫେସର ଜୋଶେଫ ସିଟଲେ, ସାଣ୍ଡ୍ରା ଡିଆଜ୍, ଏଡ୍‌ୱାର୍ଡ ବ୍ରୋଣ୍ଡିଜିଓ ଓ ଡକ୍ଟର ପିଟର ଦାସଜାକ ଚେତାବନୀ ଦେଇଛନ୍ତି ଯେ, ଆମେ ଏବେଠୁ ସଚେତନ ନ ହେଲେ ଡାଇନୋସର ଭଳି ମଣିଷ ସମାଜ ବି ଦିନେ ଲୋପ ପାଇଯିବ। ଏଣୁ ସାବଧାନ।

ଗୋଡିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩,
unbiswal୦୫@gmail.com

# ଗୃହିଣୀଙ୍କ ଶ୍ରମର ଅବମୂଲ୍ୟାୟନ କାହିଁକି



ଇପ୍ସିତା ମହାନ୍ତି

ମହିଳା ବା ନାରୀମାନେ ହେଉଛନ୍ତି ସମସ୍ତ ଶକ୍ତିର କେନ୍ଦ୍ରବିନ୍ଦୁ। ଏମାନଙ୍କୁ ବାଦ୍ ଦେଇ କେବଳ ପରିବାରର ନୁହେଁ; ସମାଜ, ଅଞ୍ଚଳ, ରାଜ୍ୟ ଓ ରାଷ୍ଟ୍ରର ପ୍ରଗତି ବିଷୟରେ ଆଦୌ ଚିନ୍ତା କରାଯାଇ ନ ପାରେ। ଏମାନେ ମହାକାଶରେ ପାଦ ଦେଇ ସାରିଲେଣି। ତଥାପି ମହିଳାମାନେ ଆଜି ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା ଦେଖାଯାଉଛି। ଗୃହିଣୀମାନଙ୍କ ପାଇଁ ଦୁର୍ଘଟଣା ସମ୍ବନ୍ଧୀୟ କ୍ଷତିପୂରଣ ଧାର୍ଯ୍ୟ କଲାବେଳେ ନ୍ୟାୟାଳୟକୁ ସେମାନଙ୍କ ଗୃହକାର୍ଯ୍ୟର ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି କିଛି ଦିନ ତଳେ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାର ଶୁଣାଣି ଅବସରରେ ପ୍ରକାଶ କରିଥିଲେ। ଏଥିସହ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ, କ୍ଷତିପୂରଣ ସମ୍ପର୍କିତ ମାମଲାରେ ଗୃହିଣୀମାନଙ୍କର କାଳ୍ପନିକ ଆୟ ସ୍ଥିର କରିବା ଦ୍ୱାରା ଆମ ଆଇନ, ବିଚାର ବ୍ୟବସ୍ଥା ଓ ନ୍ୟାୟପାଳିକା ଯେ ସେମାନଙ୍କ ଶ୍ରମ, ସେବା ଏବଂ ବଳିଦାନକୁ ଗୁରୁତ୍ୱ ଦିଅନ୍ତି, ଏ କଥାକୁ କେବଳ ଗୃହିଣୀମାନେ ଅନୁଭବ କରିବେ ନାହିଁ ବରଂ ସମାଜକୁ ମଧ୍ୟ ଏହା ଏକ ଭଲ ବାର୍ତ୍ତା ପ୍ରଦାନ କରିବ।

ସରକାରୀ ଭାବେ ହୋଇଥିବା ଅଧ୍ୟୟନରେ ଆଜି ମଧ୍ୟ ଗୃହିଣୀମାନଙ୍କୁ ଏକ ଅଣ-ଉତ୍ପାଦନକାରୀ ଶ୍ରେଣୀଙ୍କ ବର୍ଗରେ ଗଣତି କରାଯାଏ। କେବଳ ଏତିକି ନୁହେଁ, ଗୃହିଣୀମାନଙ୍କର କାର୍ଯ୍ୟକଳାପକୁ କାର୍ଯ୍ୟ ଭାବରେ ମଧ୍ୟ ବିବେଚନା କରାଯାଏ ନାହିଁ। ୟୁନିସେଫ୍ ଦ୍ୱାରା ପ୍ରକାଶିତ 'ବାଳିକାମାନଙ୍କ ପାଇଁ ସଂଖ୍ୟାକୁ ଏକତ୍ର କରିବା, ସମୀକ୍ଷା କରିବା ଏବଂ ୨୦୩୦ ପରର ଦୂରଦୃଷ୍ଟି' ଶୀର୍ଷକ ରିପୋର୍ଟ ଦର୍ଶାଉଅଛି ଯେ ଏମାନଙ୍କ ଉପରେ ଘରୋଇ କାମର ଭାର ବହୁତ କମ୍ ବୟସରୁ ହିଁ ପଡୁଅଛି। ପୁଣି ଏହି ତଥ୍ୟ ଅନୁସାରେ ୫ରୁ ୯ବର୍ଷ ବୟସର ଝିଅମାନେ ନିଜ ବୟସର ପୁଅମାନଙ୍କ ଅପେକ୍ଷା ଦୈନିକ ୩୦%ରୁ ଅଧିକ ସମୟ କାମ କରୁଥିବା ଜଣାଯାଏ। ଏକ ଜାତୀୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଆମ ଦେଶର ୧୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଅଧିକାଂଶ ମହିଳା ଆଜି ଘରୋଇ କାର୍ଯ୍ୟରେ ନିଜର ବହୁମୂଲ୍ୟ ସମୟକୁ ଅତିବାହିତ କରିଚାଲିଛନ୍ତି। ଗ୍ରାମାଞ୍ଚଳର ୬୦% ଏବଂ ସହରାଞ୍ଚଳର ୬୪% ମହିଳା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ୬୦ବର୍ଷ ବୟସରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରୁ ପ୍ରାୟ ଏକ ଚତୁର୍ଥାଂଶ ମହିଳାଙ୍କ ସର୍ବାଧିକ ସମୟ ନିଜ ପରିଣତ ବୟସରେ ଘରୋଇ କାର୍ଯ୍ୟରେ କଟିବା ଆମ ପାଇଁ ଯେତିକି ଚିନ୍ତାଜନକ, ସେତିକି ଗର୍ବର ବିଷୟ।

ପୁରୁଷମୁଖ୍ୟ ସମାଜର ବିଶ୍ୱାସରେ ମହିଳାମାନେ କେବଳ ସେବା ପାଇଁ ହିଁ ଜନ୍ମ ନେଇଛନ୍ତି। ଏହି ଚିନ୍ତାଧାରା ଆଜି ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣକୁ ପରିବ୍ୟାପ୍ତ ହୋଇଚାଲିଛି। ଏସବୁ କଥା ମହିଳାମାନଙ୍କର କର୍ତ୍ତବ୍ୟ, ଦାୟିତ୍ୱବୋଧତା ସହ ବିଭିନ୍ନ ଭୂମିକାରୁ ସ୍ପଷ୍ଟ ରୂପେ ବାରି ହୋଇପଡ଼େ। ମହିଳାମାନଙ୍କର କାର୍ଯ୍ୟକୁ କେବଳ ଅର୍ଥନୈତିକ ଗଣନାରେ ନୁହେଁ, ଭାବପ୍ରବଣତା କ୍ଷେତ୍ରରେ ମଧ୍ୟ ଅମୂଳକ ଭାବେ ବିବେଚନା କରାଯାଉଛି। ଏହା ହେଉଛି ଏମାନଙ୍କର ଅବୈତନିକ ଘରୋଇ କାର୍ଯ୍ୟ ସହ ଜଡ଼ିତ ଏକ କଠୋର ସତ୍ୟ ଏବଂ ଯେଉଁଥିରେ ବାସ୍ତବିକତା ମଧ୍ୟ ରହିଅଛି। ମହିଳାମାନେ ଘରେ ରହିବା ସମୟରେ କିଛି କରନ୍ତି ନାହିଁ ବୋଲି ସେମାନଙ୍କ ମନରେ ନିରନ୍ତର ଭାବେ ବିଶ୍ୱାସ ଜନ୍ମା ଯାଉଛି। ତେଣୁ ଆମ୍ଭେ ମଧ୍ୟ ନିଜେ କିଛି କରୁନାହୁଁ ବୋଲି ମହିଳାମାନେ ସ୍ୱୟଂ ଭାବି ନେଇଛନ୍ତି।

ଉତ୍ତରାଖଣ୍ଡର ମହିଳାମାନେ କୌଣସି ବି କାମ କରୁନଥିବା ମାଉଣ୍ଟେନ୍ ରିସର୍ଚ୍ଚ ଜର୍ନାଲ୍ ଦ୍ୱାରା ସମ୍ପାଦିତ ଏକ ଅଧ୍ୟୟନରେ ପ୍ରକାଶ ପାଇଛି। କିନ୍ତୁ ଏ ସମ୍ବନ୍ଧୀୟ ସବିଶେଷ ତଥ୍ୟ ସଂଗ୍ରହ କରି ତାହାକୁ ବିଶ୍ଳେଷଣ କରିବାରୁ ଜଣାପଡ଼ିଥିଲା, ଏଠାକାର ପରିବାରର ପୁରୁଷମାନେ ଦୈନିକ ହାରାହାରି ୯ ଘଣ୍ଟା କାର୍ଯ୍ୟ କରୁଥିବାବେଳେ ମହିଳାମାନେ ୧୬ ଘଣ୍ଟା କାର୍ଯ୍ୟ କରିଚାଲିଛନ୍ତି। ଏମାନଙ୍କର ଏସବୁ କାର୍ଯ୍ୟକୁ ସଠିକ୍ ଭାବେ ମୂଲ୍ୟାୟନ କରି ଯଦି ସର୍ବନିମ୍ନ ଦୈନିକ ମଜୁରି ପ୍ରଦାନର ବ୍ୟବସ୍ଥା କରାଯାଏ; ତା'ହେଲେ ପାରିଶ୍ରମିକ ବାବଦରେ ପୁରୁଷମାନେ ଦୈନିକ ୧୨୮ଟଙ୍କା ଏବଂ ମହିଳାମାନେ ଦିନକୁ ୨୨୮ଟଙ୍କା ପାଇବେ ବୋଲି କୁହାଯାଇଛି। ଅର୍ଥାତ୍ ଏ କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ୧୦୦ ଟଙ୍କା ମଜୁରି ପାଇବାର ଦାବିଦାର ଅଟନ୍ତି। ବିଶ୍ୱ ଅର୍ଥନୈତିକ ମଞ୍ଚର ବିଶ୍ୱସ୍ତରୀୟ ଲିଙ୍ଗଗତ ପ୍ରଭେଦ ରିପୋର୍ଟ ଅନୁଯାୟୀ ଜନ ଗଣନାରେ ଅଣ-ରୋଜଗାର ବର୍ଗରେ ଲିପିବଦ୍ଧ କରାଯାଇଥିବା ଏହି ବର୍ଗର ଗୃହିଣୀମାନେ ଦୈନିକ ୩୫୦ ମିନିଟ୍‌ର ସମୟ ଅବୈତନିକ ଘରୋଇ କାର୍ଯ୍ୟରେ ବିତାଇଥାନ୍ତି। ମାତ୍ର ଏଥିପାଇଁ ଏମାନେ କୌଣସି ପ୍ରକାରର ଆର୍ଥିକ ଲାଭ କିମ୍ବା ପ୍ରୋତ୍ସାହନ ପାଆନ୍ତିନାହିଁ। ଅକ୍ଟୋବର ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟ କହୁଛି, ଭାରତୀୟ ମହିଳାମାନେ ଦିନକୁ ହାରାହାରି ୨୪୩ ମିନିଟ ଅବୈତନିକ କାର୍ଯ୍ୟ କରନ୍ତି, ଅପରପକ୍ଷେ ପୁରୁଷମାନେ ମାତ୍ର ୨୫ ମିନିଟ ଏଭଳି କାର୍ଯ୍ୟ କରିଥାଆନ୍ତି।

ସମ୍ପ୍ରତି କେତେକ ଦେଶ ଏବଂ ଅନୁଷ୍ଠାନ ଘରୋଇ ଅବୈତନିକ କାର୍ଯ୍ୟର ମୂଲ୍ୟାୟନ ପାଇଁ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରିବା ଆରମ୍ଭ କରି ଦେଇଛନ୍ତି। ଏହି ପଦ୍ଧତିଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସମୟ ବ୍ୟବହାରର ସର୍ବେକ୍ଷଣ। ଜଣେ ମହିଳା ଯେତେ ସମୟ ଅବୈତନିକ ଘରୋଇ କାର୍ଯ୍ୟ ପାଇଁ ଦେଇଥାଆନ୍ତି, ସେତିକି ସମୟ ଯଦି ସେ ବେତନଯୁକ୍ତ କାର୍ଯ୍ୟ ପାଇଁ ଦେବେ, ତା'ହେଲେ ତାଙ୍କୁ ଏ ବାବଦରେ କେତେ ପାରିଶ୍ରମିକ ମିଳିବ? ତା'ର ହିସାବ ଏହି ପଦ୍ଧତି ଦ୍ୱାରା ସହଜରେ ମୂଲ୍ୟାୟନ କରାଯାଇପାରିବ। କେତେକ ଦେଶ ଏହି ଅବୈତନିକ କାର୍ଯ୍ୟକୁ ହିସାବ କରିବା ପାଇଁ ବଜାର ବଦଳ ବା ବିନିମୟ ମୂଲ୍ୟ ନାମକ ସିଦ୍ଧାନ୍ତକୁ ବ୍ୟବହାର କରିଥା'ନ୍ତି। ଘରମାନଙ୍କରେ ଯେଉଁସବୁ କାର୍ଯ୍ୟ ଅବୈତନିକ ରୂପେ ଗୃହିଣୀଙ୍କ ଦ୍ୱାରା ହେଉଅଛି, ସେହି ସେବାଗୁଡ଼ିକୁ ଯଦି ବଜାର ମାଧ୍ୟମରେ ଉପଲବ୍ଧ କରାଯାଏ; ତେବେ ଏଥିପାଇଁ ପାରିଶ୍ରମିକ ବାବଦକୁ କେତେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ, ସେ ବିଷୟରେ ଏହି ସିଦ୍ଧାନ୍ତ ମାଧ୍ୟମରେ ଜାଣିବାକୁ ଚେଷ୍ଟା କରାଯାଇଥାଏ। ୱାଶିଂଟନ୍‌ସ୍ଥିତ ଅନ୍ତର୍ଜାତୀୟ ମହିଳା ଅନୁସନ୍ଧାନ କେନ୍ଦ୍ର, ମଧ୍ୟ ଆମେରିକାସ୍ଥ ଗ୍ୱାଟେମାଲାଠାରେ ସମୟର ବ୍ୟବହାର ସର୍ବେକ୍ଷଣ ପଦ୍ଧତି ଅବଲମ୍ବନ କରି ଯେଉଁ ନିଷ୍କର୍ଷରେ ଉପନୀତ ହୋଇଥିଲେ, ସେଥିରୁ ଜଣାଯାଇଛି ଯେ, ସେଠାକାର ପ୍ରାୟ ୭୦% ଘରୋଇ କାର୍ଯ୍ୟ ମହିଳାଙ୍କ ଦ୍ୱାରା ବିନା ବେତନ ବା ପାରିଶ୍ରମିକରେ ସମ୍ପାଦିତ ହେଉଅଛି।

ଏସବୁ ଦୃଷ୍ଟିରୁ ଦିନକୁଦିନ ଗୃହିଣୀମାନଙ୍କ କାର୍ଯ୍ୟକଳାପ କିଭଳି ଭାବେ ଅବମୂଲ୍ୟାୟନ ହୋଇ ଚାଲିଛି, ତାହା ଏ ସମସ୍ତ ଅଧ୍ୟୟନ ଦର୍ଶାଇବାରେ ସମର୍ଥ ଅଟନ୍ତି। ବର୍ତ୍ତମାନ ମହିଳାମାନଙ୍କର ଅବୈତନିକ ଘରୋଇ କାର୍ଯ୍ୟକୁ ଅର୍ଥନୈତିକ ଉତ୍ପାଦନ ହିସାବରେ ଗଣତି କରାଯିବାର ସମୟ ଆସିଯାଇଛି। ଆମ ଦେଶରେ ଘରୋଇ ମହିଳାଙ୍କ କାର୍ଯ୍ୟର ଅର୍ଥନୈତିକ ମୂଲ୍ୟକୁ ସ୍ୱୀକାର ନ କରିବା ପ୍ରବୃତ୍ତି ଦେଶକୁ ପଛକୁ ଠେଲି ଦେଇପାରେ। ମେକ୍କିନ୍ସ ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍ ନିଜ ଗବେଷଣାତ୍ମକ ତଥ୍ୟରୁ ଜାଣିବାକୁ ପାଇଛି ଯେ, ଅବୈତନିକ ଘରୋଇ କାର୍ଯ୍ୟର ଗଣନାକୁ ଯଦି ଦୈନିକ ସର୍ବନିମ୍ନ ବେତନର ମାନଦଣ୍ଡ ଆଧାରରେ ହିସାବ କରାଯାଏ, ତେବେ ଏହା ଆମ ଦେଶ ଭାରତର ସମସ୍ତ ଘରୋଇ ଉତ୍ପାଦନ ବା ଜିଡିପିରେ ୩୯% ବୃଦ୍ଧି ଘଟାଇବାରେ ସମର୍ଥ ହେବ।

- ବୈପାରୀଗୁଡ଼ା, କୋରାପୁଟ
ମୋ- ୬୩୭୦୬୭୯୪୦୫
imohanty.1991@gmail.com

## ଏଇ ଭାରତରେ

ଗୋଟିଏ ବର୍ଷରେ ୨ ଲକ୍ଷ ୩୦ ହଜାର କେ.ଜି. ଆମ୍ବ ଉତ୍ପାଦନ କରିବା କମ୍ କଥା ନୁହେଁ। ଗୁଜରାଟର ରାଜେଶ ଶାହାଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। କଲମୀ ଗଛରୁ ନୁହେଁ, ଅତି ପୁରୁଣା ବା ବୁଢ଼ା ଗଛରୁ ସେ ଆମ୍ବ ଉତ୍ପାଦନ କରି ରେକର୍ଡ କରିଛନ୍ତି। ଶାହାଙ୍କ ଆମ୍ବ ବଗିଚାରେ ପାଖାପାଖି ୬୦୦ ଅତି ପୁରୁଣା ଆମ୍ବଗଛ ଅଛି। ଏଗୁଡିକ ସବୁ ୮୦ରୁ ୧୨୫ ବର୍ଷ ପୁରୁଣା। ଶାହା ଗ୍ରୀଡ଼୍‌ଲିଂ ପଦ୍ଧତି (ଶାଖା କିମ୍ବା ଗଣ୍ଡିର ଚାରିପାଖରେ ଗୋଲ କରି ଖୋଳି ଛଡାଇ ଦିଆଯାଏ)ରେ ଅଧିକ ଆମ୍ବ ଅମଳ କରୁଛନ୍ତି। ଭଲସାଦରୁ ୪୫ କି.ମି. ଦୂର ଉମରଗାମ ବ୍ଲକର ଫାନସା ଗାଁରେ ୬୫ ଏକର ଆମ୍ବ ଫାର୍ମ ତାଙ୍କ ଜେଜେବାପା କରିଥିଲେ। ୧୮୦ ବର୍ଷ ପୂର୍ବେ ତାଙ୍କ ପୂର୍ବପୁରୁଷ ରାଜସ୍ଥାନରୁ ଭଲସାଦ୍‌କୁ ଆସିଥିଲେ ଓ ଆମ୍ବ ଚାଷ ଆରମ୍ଭ କରିଥିଲେ। ଏବେ ବଗିଚାରେ ୧୦୦ଟି ୧୨୫ ବର୍ଷର ଓ ୫୦୦ଟି ୮୦ ବର୍ଷର ଆମ୍ବଗଛ ଅଛି। ଏହାସବୁ ଆଲଫୋନ୍‌ସୋ ଓ କେଶର କିସମ ଆମ୍ବଗଛ। ଶାହାଙ୍କ ବୟସ ଏବେ ୬୧। ସେ ୧୫ ବର୍ଷ ବୟସରେ ଆମ୍ବଚାଷ ପ୍ରତି ଆଗ୍ରହୀ ହୋଇଥିଲେ। ତାଙ୍କ ପୁରୁଣା ବଗିଚାରେ ଥିବା ଗଛ ବ୍ୟତୀତ ନିଜେ ୧୨୦୦ ଆଲଫୋନ୍‌ସ କିସମର ଆମ୍ବଗଛ କଲମୀ କରି ଲଗାଇବା ସହ ମଞ୍ଜିରୁ ଗଛ କରି ୧୭୦୦ ଗଛ ରୋପଣ କରିଛନ୍ତି। ଆମ୍ବ ଚାଷରୁ ପ୍ରଚୁର ଉତ୍ପାଦନ କରୁଥିବାରୁ ଗୁଜରାଟ ସରକାର ତାଙ୍କୁ 'କୃଷି ନା ଚାଷୀ' ଉପାଧି ଦେଇଛନ୍ତି। ଏହାବାଦ୍ କେନ୍ଦ୍ର କୃଷି ମନ୍ତ୍ରାଳୟ ତରଫରୁ ତାଙ୍କୁ ପୁରସ୍କୃତ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୯୬

- ଦକ୍ଷ ପାର୍ଲାମେଣ୍ଟାରିଆନ ବିଜେପିର ବରିଷ୍ଠ ନେତା ଅଟଳ ବିହାରୀ ବାଜପେୟୀ ଦେଶର ଦଶମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।
- ଆସାମର କୋକ୍ରାଝର ଜିଲାରେ ଅଜ୍ଞାତ ବୋଡୋ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୦ ବ୍ୟକ୍ତି ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ମଣିଷ ଦୁଃଖ ଭୋଗୁଛି

ମହାଶୟ,

ଆଜିର ତଥାକଥିତ ବିଜ୍ଞାନୀ ଓ ବିକାଶୋନ୍ମୁଖୀ ମାନବ ନିଜର ଅପରିଣାମଦର୍ଶୀ କ୍ରିୟାକଳାପ ଦ୍ୱାରା ନିଜ ସହିତ ସମଗ୍ର ଜୀବଜଗତକୁ ବିନାଶ ଆଡ଼କୁ ଟାଣିନେଉଛି। ଚନ୍ଦ୍ରପୃଷ୍ଠରେ ପାଦ ଦେବା, ମହାକାଶରେ ଆଧିପତ୍ୟ ବିସ୍ତାର କରିବା ଏବଂ ମଙ୍ଗଳ ପରି ଅନ୍ୟ ଗ୍ରହମାନଙ୍କରେ ଅନୁସନ୍ଧାନ କରି ଆତ୍ମଗର୍ବରେ ଉତ୍‌ଫୁଲ୍ଲିତ ହେଉଛି। କିନ୍ତୁ ନିଜ ବାସ ସ୍ଥାନ ଧରିତ୍ରୀ ମା'ର କୋଳରେ କିପରି ଜୀବନଯାପନ କଲେ ସମଗ୍ର ଜୀବଜଗତ ପାଇଁ କଲ୍ୟାଣକର ହେବ ତାହା ଜାଣି ଆତ୍ମଗର୍ବ ଅହଂର ବଶବର୍ତ୍ତୀ ହୋଇ ଉପେକ୍ଷା କରିଚାଲିଛି। ଫଳତଃ ଜୀବନ ଧାରଣର ମୌଳିକ ଉପାଦାନଗୁଡ଼ିକର ଶୁଦ୍ଧତା ଓ ଉପଲବ୍ଧତା କ୍ରମଶଃ ହ୍ରାସ ପାଇ ଏକ ବିଷମୟ ସ୍ଥିତିରେ ପହଞ୍ଚିସାରିଲାଣି। ମା' କୋଳ ଛାଡ଼ି ଚନ୍ଦ୍ରପୃଷ୍ଠ ଓ ମଙ୍ଗଳ ପୃଷ୍ଠରେ ବାସସ୍ଥାନର ଯୋଜନା କରୁଛି। ଏହା ମିଥ୍ୟାଚାର ନୁହେଁ ତ ଆଉ କ'ଣ? ମଣିଷ ଗୋ, ଜଳ ଓ ଜଙ୍ଗଲ ସମ୍ପଦକୁ ଅବହେଳା କରି ଦୁଃଖ ଭୋଗୁଛି।

-ଶର୍ମିଷ୍ଠା ନାୟକ, ରାଜକନିକା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ପୂଜିବାକୁ ଲଭେଁ ଅଧିକାର,
ହେବାକୁ ତୁମରି ଅଘର୍ଯ୍ୟ
ଏ ଜୀବନ ରତ୍ନ ଅଭିସାର।
-(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



**ବରୀ,୧୬।୫(ଡି.ଏନ.ଏ.):** ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ଚରଣ ଧଳଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୯ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଧଳ ୧୨।୧୨।୧୯୧୨ରେ ଜନ୍ମଗ୍ରହଣ କରିଥିଲେ। ସେ ଭାରତ ଛାଡ଼ ଆନ୍ଦୋଳନ, ଲବଣ ସତ୍ୟାଗ୍ରହରେ ମା’ ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ରହ୍ମପୁର କାରାଗାରରେ ଦୁଇ ସପ୍ତାହରୁ ଅଧିକ ବନ୍ଦୀ ଜୀବନ ବିତାଇଥିଲେ। ଏତଦ୍‌ବ୍ୟତୀତ ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାରେ ବରୀ ଅଞ୍ଚଳର ଲୋକମାନଙ୍କୁ ସାମିଲ କରାଇବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରାକ୍ତନ ବିଧାୟକ ଦେବାଶିଷ ନାୟକ, ବରୀ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧକ୍ଷା ସୁଭାସିନୀ ଶର୍ମା, ଉପାଧକ୍ଷ ରମେଶ ଚନ୍ଦ୍ର ଭଞ୍ଜ, ସରପଞ୍ଚ ଶ୍ରୀଧର ଧଳ ଓ ବରୀଶ୍ରୀର ସମ୍ପାଦକ ସୁମନ୍ତ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଖବରଦାତା ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ତାଙ୍କ ବାସଭବନକୁ ଯାଇ ଏହି ଦିବଂଗତ ସଂଗ୍ରାମୀଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ପାଣିରେ ବୁଡ଼ି ୨ ମୃତ

**ପାରଳାଖେମୁଣ୍ଡି/ଗୋଷାଣୀ,୧୬।୫(ଡି.ଏନ୍.ଏ.):** ଗଜପତି ଜିଲାରେ ପୋଖରୀ, ନଦୀରେ ବୁଡ଼ିଯାଇ ନାବାଳକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମୋହନା ଥାନା ବାହାଡାପଦା ଗ୍ରାମର ମିଖାଏଲ ଶବରଙ୍କ ପୁଅ ଆଲୋକ (୧୬) ଓ ଗୋଷାଣୀ ବ୍ଲକର ବି.ବାଲକ୍ରିଷ୍ଣା (୧୮)। ଶନିବାର ଅପରାହ୍ନ ୩ଟାରେ ଆଲୋକ ବାହାରକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ଗ୍ରାମର ପୋଖରୀ ହୁଡ଼ାରେ ଆଲୋକଙ୍କ ପୋଷାକ ପଡିଥିବା ଦେଖିଥିଲେ। ମୋହନା ଦମକଳ କେନ୍ଦ୍ର ଓଆଇସି ତାରାକାନ୍ତ ମହାପାତ୍ର ଏବଂ ତାଙ୍କ ଟିମ ପହଞ୍ଚି ପ୍ରାୟ ୧ ଘଣ୍ଟା ଧରି ଅପରେଶନ ପରେ ପୋଖରୀରୁ ଆଲୋକଙ୍କ ମୃତଦେହ ବାହାର କରିଥିଲେ। ଚନ୍ଦ୍ରଗିରି ପୋଲିସ ଫାଣ୍ଡି ଅଧିକାରୀ ନିରଞ୍ଜନ ପାଣିଗ୍ରାହୀ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି। ସେହିପରି ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ ବାଲକ୍ରିଷ୍ଣା ଶନିବାର ଗୋଷାଣୀ ବ୍ଲକ ଅନ୍ତର୍ଗତ ମାଛମରା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ରବିବାର ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ସେ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବିଭାଗୀୟ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରି ବାଲକ୍ରିଷ୍ଣାଙ୍କ ମୃତଦେହକୁ ବାହାର କରିଥିଲେ। ଗୁରାଣ୍ଡି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନା ପଠାଇଛି। ଏ ନେଇ ନଂ. ୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରିଣୀ ମମତା କୁମାରୀ ପଣ୍ଡା କହିଛନ୍ତି।

### ଅନାଥାଶ୍ରମରେ ୧୦ କରୋନା ପଜିଟିଭ

**ଝାରସୁଗୁଡା ଅଫିସ୍,୧୬।୫:** ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ବଢ଼ିଚାଲିଛି। ଜିଲାରେ ପ୍ରତିଦିନ ସାଢେ ୩ ଶହରୁ ସାଢେ ୪ଶହ ପଜିଟିଭ ସଂଖ୍ୟା ରହୁଛି। ଏଥିମଧ୍ୟରେ ଜିଲାରେ ଥିବା ବିଭିନ୍ନ ଅନୁଷ୍ଠାନରେ ଗୋଷ୍ଠୀ ସଂକ୍ରମଣ ଦେଖିବାକୁ ମିଳୁଛି। ଗତ ଶନିବାର ଝାରସୁଗୁଡା ଉପକାରାଗାରରେ ୬୮ଜଣ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ହେବା ପରେ କାରାଗାର ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ଏହାର ଗୋଟିଏ ଦିନ ପରେ ରବିବାର ପୁଣି ବେଲପାହାଡ ଗର୍ଗାଖାଇ ସ୍ଥିତ ଠକ୍କର ବାବା ସେବା ସଦନ ଅନାଥାଶ୍ରମରେ ୧୦ଜଣ ଅନ୍ତେବାସୀ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ ଅନ୍ତେବାସୀ ବାଳକ ଓ ୪ଜଣ କର୍ମଚାରୀ ରହିଛନ୍ତି। ଏହା ଜଣାପଡିବା ପରେ ଜିଲା ଶିଶୁ ସୁରକ୍ଷା ସମିତି ତରଫରୁ ସମସ୍ତ ପଜିଟିଭଙ୍କୁ ବେଲପାହାଡ କୋଭିଡ୍ କେୟାର ସେଣ୍ଟରକୁ ଅଣାଯାଇ ଚିକିତ୍ସା କରାଯାଉଛି।

# ଅସୁରକ୍ଷିତ ଖଣି, ପାଣି

■ ଖଣି, ଡମ୍ପ ଦୂରତା ମାତ୍ର ୧୦ ମିଟର

■ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ ଡିଜିଏମ୍‌ଏସ୍

ଯାଜପୁର ଅଫିସ,୧୬।୫

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଓସ୍ତପାଳ ଫେକର ମାଇନ୍ସ କର୍ତ୍ତୃପକ୍ଷ ସୁରକ୍ଷା ନିୟମକୁ ଉଲ୍ଲଂଘନ କରିଛନ୍ତି। ଖଣି ଗର୍ତ୍ତ ଧାରଠାରୁ ପ୍ରାୟ ୧୦୦ ମିଟର ଦୂର ପରିବର୍ତ୍ତେ ମାତ୍ର ୧୦ ମିଟର ଦୂରତାରେ ଡମ୍ପ ରହିଛି। ତେଣୁ ନିୟମିତ ବ୍ୟବଧାନରେ ଡମ୍ପପିଟ୍ ଖସୁଛି। ଏହିକ୍ରମରେ ଅଧିକାଂଶ ସ୍ଥାନ ଅସୁରକ୍ଷିତ ରହିଥିବାରୁ ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି(ଡିଜିଏମ୍‌ଏସ୍) ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଖଣି ସୁରକ୍ଷା ନିର୍ଦ୍ଦେଶକ(ଭୁବନେଶ୍ୱର କ୍ଷେତ୍ର)ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ୧୬।୪।୨୦୨୧ ତାରିଖରେ ଅଞ୍ଚଳବାସୀଙ୍କ ଅଭିଯୋଗ କ୍ରମେ ଏହି ନିର୍ଦ୍ଦେଶ ହୋଇଛି। ଏହାସହ ଅଭିଯୋଗ ଅନୁସାରେ ଖଣି ଭିତରେ ଦୀର୍ଘଦିନ ଧରି ଜମି ରହିଥିବା ନିକେଲ ମିଶ୍ରିତ ପାଣିକୁ ବିଶୋଧନ କରା ନ ଯାଇ ବାହାରେ ଛାଡ଼ି ଦିଆଯାଇଥିବାରୁ ଡମଶାଳା ନାଳା ପାଣି ବିଷାକ୍ତ ହୋଇପଡ଼ିଛି। ଫଳରେ ଏହି ନାଳା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସୁକିନ୍ଦା ଖଣି ଅଞ୍ଚଳର ଓସ୍ତପାଳ ଓ କଳରଙ୍ଗୀ ଅଟାଠାରେ ଫେକର ସଂସ୍ଥାର ୨ଟି କ୍ରୋମାଇଟ୍ ଖଣି ରହିଛି। ବେଦାନ୍ତ ଲି଼. କମ୍ପାନୀ ଜାନୁୟାରୀ ୨୦୨୦ରେ ଏଗୁଡ଼ିକର ମାଲିକାନା ସ୍ୱତ୍ୱ ହାସଲ କରିଛି। ଏହି ଦୁଇ କ୍ରୋମାଇଟ ଖଣିରେ ଗତ ଅକ୍ଟୋବର ୨୦୨୦ରୁ ଖଣିଜ ପଦାର୍ଥ ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ପୂର୍ବରୁ ଦୀର୍ଘଦିନ ଧରି ଓସ୍ତପାଳ କ୍ରୋମାଇଟ ଖଣି ମଧ୍ୟରେ ଜଳସ୍ତର ବୃଦ୍ଧି ଘଟିଥିଲା। ବେଦାନ୍ତ କମ୍ପାନୀ ତା’ର ଖଣି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏହି ଜଳକୁ ନିଷ୍କାସନ କରିବା ଆବଶ୍ୟକ ହେଉଥିଲା। ହେଲେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପତ୍ରସଂଖ୍ୟା ୨୪୩୦/୪।୨।୨୦୧୬ର ସମସ୍ତ ନିୟମକୁ ବେଖାତିର କରି ଗତବର୍ଷ ନଭେମ୍ବରରୁ ଜାନୁୟାରୀ ୨୦୨୧ ମଧ୍ୟରେ ଖଣିର ସମସ୍ତ ଜଳକୁ ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ଜରିଆରେ ବିଶୋଧନ ନ କରି ୧୫ ଲକ୍ଷ ଲିଟରରୁ ଉର୍ଦ୍ଧ୍ୱ ବିଷାକ୍ତ ପାଣି ନିଷ୍କାସନ କରାଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଧିବାସୀ ଲମ୍ବୋଧର ମହନ୍ତ, ପରେଶ ମହନ୍ତ, ଗୀତାଞ୍ଜଳି ମହନ୍ତ, ରାଜାରାମ ମାରାଣ୍ଡି, ଦେବେନ୍ଦ୍ର ମହାନ୍ତ ପ୍ରମୁଖ ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀମାନେ ଖଣି କର୍ତ୍ତୃପକ୍ଷଙ୍କ ସହିତ ସାଲିସ ଯୋଗୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଏହି ଖଣିଦ୍ୱୟରେ ପୁରୁଣା ଇଟିପି ଯନ୍ତ୍ରରେ ବିଶୋଧନ କାର୍ଯ୍ୟ ଚାଲିଥିବାରୁ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଅଧିକ ଜଟିଳ ହେବାରେ ଲାଗିଛି। କଳରଙ୍ଗୀ, ପୁରିଆଝର, ବରଗଜି, ବୁରୁରାପୁଡୁ, କୁମାରଡିହି, ରଥାଁସୋଳ, କୃଷ୍ଣପୁର ଆଦି ଗ୍ରାମବାସୀ ଏହି ବିଷାକ୍ତ ପାଣିରେ ପ୍ରଭାବିତ ହୋଇଛନ୍ତି। ଆଗକୁ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଡମଶାଳା ନଦୀ ମଧ୍ୟକୁ କ୍ରୋମିୟମ ଓ ବିଭିନ୍ନ କେମିକାଲ ମିଶା ଦୂଷିତ ଜଳ ଛଡ଼ା ଯିବା ନେଇ ପୂର୍ବରୁ ଅଞ୍ଚଳବାସୀ ଅନେକ ଥର ଅଭିଯୋଗ କରିଛନ୍ତି। କିନ୍ତୁ ଏସ୍‌ପିସିବି କେବଳ ଜଳ ନମୁନା ପରୀକ୍ଷା କରିବାରେ ସୀମିତ ରହିଛି। କୌଣସି ପ୍ରଦୂଷଣକାରୀ ଖଣି ସଂସ୍ଥା ଉପରେ ଏସ୍‌ପିସିବି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁନାହିଁ। ଜଳ ପ୍ରଦୂଷଣ ସମ୍ପର୍କରେ ଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷେ ଖଣି ଓ ଡମ୍ପ ମଧ୍ୟରେ ଦୂରତା କମ୍ ରହୁଥିବାରୁ ପୂର୍ବରୁ ଡମ୍ପ ଖସିଥିବା ନଜିର ରହିଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଯାଇଛି। ତେଣୁ ଖଣି ସୁରକ୍ଷା ନିର୍ଦ୍ଦେଶକ ଉପଯୁକ୍ତ ଯାଞ୍ଚ କରି ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।



## ହରିୟାଣାବାସୀଙ୍କ ଲାଗି ୫୦୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଭିଡ୍ କେୟାର ସେଣ୍ଟରକୁ ଲୋକାର୍ପଣ ଅବସରରେ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର, ୧୬।୫(ବ୍ୟୁରୋ):** କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ହେଉଥିବାରୁ ହରିୟାଣାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ପାନିପଥଠାରେ ଇଣ୍ଡିଆନ ଅଏଲ ପକ୍ଷରୁ ୫୦୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ଲୋକାର୍ପଣ କରାଯାଇଛି। ଗୁରୁ ତେଜ୍ ବାହାଦୁର ସଞ୍ଜୀବନୀ ହସ୍ପିଟାଲ୍‌କୁ ଇଣ୍ଡିଆନ ଅଏଲ ମାଗଣାରେ ଦୈନିକ ୧୫ ମେଟ୍ରିକ୍ ଟନ୍ ଅକ୍ସିଜେନ୍ ଯୋଗାଇବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରବିବାର ଧର୍ମେନ୍ଦ୍ର ଏବଂ ହରିୟାଣା ସ୍ୱାସ୍ଥ୍ୟ ମନ୍ତ୍ରୀ ଅନିଲ ବିଜ୍‌ଙ୍କ ଉପସ୍ଥିତିରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଇଣ୍ଡିଆନ ଅଏଲର ଏହି କୋଭିଡ୍ ବେଡ୍ ସହ ତେଜ୍ ବାହାଦୁର ସଞ୍ଜୀବନୀ ହସ୍ପିଟାଲର ଲୋକାର୍ପଣ କରିଛନ୍ତି। ପାନିପଥର କୋଭିଡ୍ କେୟାର ସେଣ୍ଟରରେ ନିୟୋଜିତ ଡାକ୍ତରମାନଙ୍କ ପାଇଁ ନିକଟବର୍ତ୍ତୀ ହୋଟେଲରେ ଇଣ୍ଡିଆନ ଅଏଲ ପକ୍ଷରୁ ଆଗାମୀ ୬ ମାସ ପାଇଁ ୫୦ଟି ରୁମ୍‌ର ବ୍ୟବସ୍ଥା କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## କୋଭିଡ୍ ଅବରୋଧକୁ ବିରୋଧ କରି ଆକ୍ରମଣ

**ବଳଙ୍ଗା,୧୬।୫(ଡି.ଏନ୍.ଏ.):** ପୁରୀ ଜିଲା ବଳଙ୍ଗା ଥାନା କୁଅଁରପୁର ଗ୍ରାମରେ କୋଭିଡ୍ ନିୟମ ଉଲ୍ଲଂଘନ କରିବା ସହ ବିରୋଧ କରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ମିଳନ କୁମାର ପରିଡ଼ା। ପୋଲିସ ନଂ. ୧୧୩/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୁଅଁରପୁର ଗ୍ରାମରେ ୩୩ଜଣ ପଜିଟିଭ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ଗ୍ରାମକୁ ନିଷିଦ୍ଧାଞ୍ଚଳ ଘୋଷଣା ସହ ପ୍ରବେଶ ପଥକୁ ସିଲ କରି ଦିଆଯାଇଛି। ହେଲେ ନିକଟସ୍ଥ ଦଶମାଣ ସାହିର ୩ଜଣ ଯୁବକ ଏହାକୁ ନ ମାନି ବାହାରକୁ ଯିବାକୁ ଚେଷ୍ଟା କରିଥିଲେ। ଏଥିରେ ମହାଦେବ ସାହିର ପ୍ରସନ୍ନ ସ୍ୱାଇଁ ପ୍ରତିବାଦ କରିବାରେ ଯୁବକମାନେ ଲୁହାରଡରେ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରସନ୍ନଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆକ୍ରମଣକାରୀ ଯୁବକଙ୍କ ମଧ୍ୟରୁ ମିଳନଙ୍କୁ ଗିରଫ କରିଥିଲା। ପ୍ରସନ୍ନ ବର୍ତ୍ତମାନ ଚିକିତ୍ସାଧିନ ଥିବା ବେଳେ ଏନେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଅନ୍ୟପଟେ ଅଭିଯୋଗ ପରେ ଅନ୍ୟ ୨ଜଣ ଯୁବକ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

**MILK UNION SAMBALPUR**
**VEHICLE REQUIRED ON HIRE**
TATAACE or similar type vehicle required on Hire for Mahada to Boxmar Milk Route running both morning & evening covering 186 K.M.
Interested Parties may purchase and submit Tenders by **25.05.2021**,
Tender Paper Cost- **Rs. 200/- + GST, EMD- Rs. 2,000/-**



ରବିବାର ଶଟ୍‌ଡାଉନ ଯୋଗୁ ଭୁବନେଶ୍ୱର ରାଜମହଲ ଛକ ରୋଡ୍ ଶୂନ୍‌ଶାନ।

## କଣ୍ଟେନମେଣ୍ଟ ଜୋନ୍‌ରେ ଗୋଟିଏ ଦିନରେ ୪ ମୃତ

■ ଗାଁରେ ପଡ଼ିଛି ଏକ ମୃତଦେହ

■ ଶେଷକୃତ୍ୟ ପାଇଁ ଜିଲା ପ୍ରଶାସନର ଉଦ୍ୟମ

ଓଡ଼ଗାଁ,୧୬।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗିରିଡୋପଲ୍ଲୀ ପଞ୍ଚାୟତ ଝାଡ଼ସାହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଉକ୍ତ ଗ୍ରାମର ପ୍ରାୟ ୪୬ ଜଣ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ତହସିଲଦାର ସେହି ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ। ରବିବାର ଉକ୍ତ କଣ୍ଟେନମେଣ୍ଟ ଜୋନ୍‌ରୁ ୪ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ୭୫ବର୍ଷ ବୟସ୍କ ବୃଦ୍ଧ ଜ୍ୱରରେ ଆକ୍ରାନ୍ତ ହୋଇ ଗାଁରେ ପ୍ରାଣ ହରାଇଛନ୍ତି। ଜଣେ ୫୨ ବର୍ଷୀୟ ମହିଳା ଘରେ ଆଇସୋଲେଶନରେ ରହିଥିଲେ। ଜ୍ୱର ହେବାରୁ ତାଙ୍କୁ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହି ଗ୍ରାମର ଗୋଲକ ବିହାରୀ ପ୍ରଧାନ(୬୩)ଙ୍କୁ ଜ୍ୱର ହେବାରୁ ପଡ଼ୋଶୀ ଗଞ୍ଜାମ ଜିଲାକୁ ତାଙ୍କ ଝିଅ ଜ୍ୱାଇଁ ଚିକିତ୍ସା ପାଇଁ ନେଉଥିଲେ। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ହେବା ପରେ ସମ୍ପର୍କୀୟମାନେ ତାଙ୍କ ମୃତଦେହ ଗାଁକୁ ଫେରାଇ ଆଣିଥିଲେ। କରୋନା ଭୟରେ ସମ୍ପର୍କୀୟମାନେ ତାଙ୍କ ମୃତଦେହ ସତ୍କାର କରିବାକୁ ଅମଙ୍ଗ ହେଉଥିବା ଜଣାପଡିଛି। ଫଳରେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ଗାଁ ଦାଣ୍ଡରେ ପଡିରହିଥିବା ସମିତି ସଭ୍ୟ ବିଜନ ପାଇକରାୟ ସୂଚନା ଦେଇଛନ୍ତି। ସେ ଏନେଇ ସ୍ଥାନୀୟ ପ୍ରଶାସନର ସହଯୋଗ ଲୋଡିଥିବା କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କୁ ପଚାରିବାରୁ ଖୁବ୍ କମ୍ ସମୟ ମଧ୍ୟରେ ଆମ୍ବୁଲାନ୍ସ ଆସୁଛି। ସରକାରୀ ନିୟମାନୁସାରେ ନୟାଗଡ଼ ପୌର କର୍ମଚାରୀଙ୍କ ଦ୍ୱାରା ଶବ ସତ୍କାର କରାଯିବ ବୋଲି ସେ କହିଛନ୍ତି।

## ବଜ୍ରପାତରେ ଯୁବକ ମୃତ

ସୁନ୍ଦରଗଡ଼,୧୬।୫(ଡି.ଏନ.ଏ.)

ସୁନ୍ଦରଗଡ଼ ସଦର ବ୍ଲକ ଧରୁଆଡିହି ଥାନା ଅନ୍ତର୍ଗତ ମଝାପଡା ତେଲିମାଲ ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କ ନାମ ସନାତନ ହେମ୍ବ୍ରମ(୨୩)। ଯୁବକ ଜଣକ ଅପରାହ୍ନ ପ୍ରାୟ ୨ଟା ବେଳକୁ ଗାଧୋଇ ସାରି ପୋଖରୀ ତୁଠରେ ଛିଡା ହୋଇଥିଲେ। ଏହି ସମୟରେ ଘଡଘଡି ସହିତ ପବନ ହୋଇଥିଲା। ଫଳରେ ସେ ଅଚେତ ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମଝାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବରପାଇ ଧରୁଆଡିହି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## କୋଭିଡ୍ ପରିଚାଳନାରେ ସରକାରଙ୍କ ତ୍ରୁଟି ଦର୍ଶାଇଲା ଭାଜପା

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

କରୋନାର ୨ୟ ଲହର ଯୋଗୁ ଅନ୍ୟ ରାଜ୍ୟଗୁଡିକରେ ଲକ୍‌ଡାଉନ କଟକଣା ଜାରି ରହିଛି। ଏହି କାରଣରୁ ଅନ୍ୟ ରାଜ୍ୟଗୁଡିକରୁ ପ୍ରବାସୀ ଓଡ଼ିଆ ଶ୍ରମିକ ପୁଣି ଥରେ ଫେରିଲେଣି। ଗତଥର କରୋନା ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ପ୍ରବାସୀଙ୍କ ଆଗମନ କାରଣରୁ ସଂକ୍ରମଣ ବ୍ୟାପିଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ରାଜ୍ୟ ସରକାର ସେଥିରୁ କିଛି ଶିଖିପାରିଲେ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ସମୀର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରବିବାର କହିଛନ୍ତି ଯେ, ଏବେ ପ୍ରବାସୀ ରାଜ୍ୟକୁ ଫେରିବା ପରେ ସେମାନଙ୍କର ଟେଷ୍ଟିଂ ହେଉନାହିଁ କି ସଙ୍ଗରୋଧରେ ରଖାଯାଉନି। ସଂକ୍ରମଣର ୨ୟ ଲହରରେ ଗତ କିଛିଦିନ ହେଲା ଓଡ଼ିଶାରୁ ଦୈନିକ ୧୦ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଯଦି ବର୍ତ୍ତମାନଠାରୁ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗକୁ ସ୍ଥିତି ଆହୁରି ସାଂଘାତିକ ହେବ। ରାଜ୍ୟ ସରକାର ଏହି ପରିସ୍ଥିତିରେ ରାଜ୍ୟର ସମସ୍ତ ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀଙ୍କୁ ସବୁପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ପ୍ରଦାନ କରିବା ସହ ସମସ୍ତଙ୍କର ଟେଷ୍ଟିଂ ବ୍ୟବସ୍ଥା କରନ୍ତୁ। ଗତବର୍ଷ ଗ୍ରାମାଞ୍ଚଳରେ ସଙ୍ଗରୋଧର ବ୍ୟବସ୍ଥା ହୋଇଥିଲା। ଏଥର ସ୍ଥିତି ଅଧିକ ଭୟାବହ ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳରେ ସଙ୍ଗରୋଧ ପ୍ରସଙ୍ଗରେ ତତ୍ପରତା ପ୍ରକାଶ ପାଉନାହିଁ। ଟେଷ୍ଟିଂ ରିପୋର୍ଟ ଆସିବାକୁ ୫ରୁ ୬ ଦିନ ଲାଗୁଛି ଏବଂ ଏହା ଭିତରେ ସଂକ୍ରମିତ ବ୍ୟକ୍ତି ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସିଯାଉଛନ୍ତି। ତେଣୁ ତୁରନ୍ତ ରିପୋର୍ଟ ପ୍ରଦାନ ସହ ଟେକ୍ନୋଲୋଜିକୁ ବ୍ୟବହାର କରି ଡିଜିଟାଲ ଉପାୟ/ମୋବାଇଲରେ ଟେଷ୍ଟିଂ ରିପୋର୍ଟ କେମିତି ମିଳିବ ସେନେଇ ବ୍ୟବସ୍ଥା କରିବାକୁ ସମୀର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ଟିକାଦାନ ସ୍ଥାନରେ ଅବ୍ୟବସ୍ଥା ବଡ଼ ସମସ୍ୟା ସୃଷ୍ଟି କରିଛି। ରାଜ୍ୟରେ ଡୋର ଟୁ ଡୋର ଟେଷ୍ଟିଂ କିପରି ହୋଇପାରିବ ସେନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସମୀର ଦାବି କରିଛନ୍ତି। ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହାରକୁ ହ୍ରାସ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାକୁ ଗ୍ରହଣ କରି ‘କୋଭିଡ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟି’ ଗଠନ କରାଯାଉ ବୋଲି ସେ କହିଛନ୍ତି।

## ସରକାରଙ୍କ ପଦକ୍ଷେପକୁ ପ୍ରଶଂସା

**କୋଭିଡ ପରିଚାଳନା ସମୀକ୍ଷା ବୈଠକ କଲା ବିଜେଡି**

ଭୁବନେଶ୍ୱର, ୧୬।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜେଡିର ସାମାଜିକ ଅନୁଷ୍ଠାନ ‘ଓଡିଶା ମୋ ପରିବାର’ ସମସ୍ତ ସାମାଜିକ କାର୍ଯ୍ୟକୁ ରାଜ୍ୟରେ ତ୍ୱରାନ୍ୱିତ କରୁଛି। ଏହି ପରିପ୍ରେକ୍ଷୀରେ ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟମକେଶ ରାୟଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବ୍ୟମକେଶ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ବିଜେଡିର ଓଡିଶା ମୋ ପରିବାରର ସମସ୍ତ ସାମାଜିକ କାର୍ଯ୍ୟ ଯଥା, ଜୀବନବିନ୍ଦୁ ରକ୍ତଦାନ, ପ୍ଲାଜମା ସଂଗ୍ରହ, କୋଭିଡ ସହାୟତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ। କୋଭିଡ ପରିଚାଳନା ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ଯୁବ ବ୍ୟାପାର ଦାୟିତ୍ୱରେ ଥିବା ପ୍ରଣବ ବଳବନ୍ତରାୟ କହିଛନ୍ତି, କୋଭିଡ-୧୯ର ପ୍ରଥମ ଏବଂ ଦ୍ୱିତୀୟ ଲହର ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଧାରରେ ରାଜ୍ୟ ସରକାର କୋବିଡ ହସ୍ପିଟାଲ ଠାରୁ ଆରମ୍ଭ କରି ଟିକାକରଣ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପରିଚାଳନାରେ ଠିକ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ସରକାରଙ୍କ ଦ୍ୱାରା ଗ୍ଲୋବାଲ ଅନଲାଇନ୍ ଟେଣ୍ଡର ମାଧ୍ୟମରେ ୩ କୋଟି ୮୦ ଲକ୍ଷ କୋଭିଡ ଟିକା କ୍ରୟ କରିବାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ପ୍ରଶଂସା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଅନ୍ୟ ଯୁବ ନେତାମାନେ ସାମିଲ ହୋଇଥିଲେ।

## ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବାଲିକୁଦା,୧୬।୫(ସ୍ୱ.ପ୍ର.):** ଚେନ୍ନାଇର ଏକ କମ୍ପାନୀରେ ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶରେ ରଙ୍ଗ ଦେଉଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣଡିହି ଗାଁର ଶଙ୍କର ପାତ୍ରଙ୍କ ପୁଅ ବିପ୍ଳବ(୨୦)। କମ୍ପାନୀରେ ଥିନର ଯୋଗେ ସେ ମେଶିନଗୁଡ଼ିକୁ ସଫା କରୁଥିବାବେଳେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ବିପ୍ଳବ ପୋଡ଼ି ହୋଇଯାଇଥିଲେ ବୋଲି ସେଠାରେ କାମ କରୁଥିବା ସହଯୋଗୀମାନେ କହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିପ୍ଳବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରିଛି। ସୋମବାର ଗ୍ରାମରେ ବିପ୍ଳବଙ୍କ ମୃତଦେହ ପହଞ୍ଚିବ ବୋଲି ପରିବାର ଲୋକେ କହିଛନ୍ତି।

## ରାଜୀବ ସତାଭଙ୍କ ବିୟୋଗରେ ପିସିସିର ଶୋକ

ଭୁବନେଶ୍ୱର, ୧୬।୫(ବ୍ୟୁରୋ)



ରାଜ୍ୟରେ କରୋନା ମହାମାରୀ ଏବେ ଭୟଙ୍କର ପରିସ୍ଥିତିରେ ପହଞ୍ଚିଛି। ଏହାର ମୁକାବିଲା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରବିବାର ଡକାଯାଇଥିବା ହେବାକୁ ଥିବା ଏକ ଜରୁରୀ ବୈଠକକୁ ସ୍ଥଗିତ ରଖାଯାଇଛି। ପୂର୍ବତନ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ରାଜୀବ ସତାଭଙ୍କ ବିୟୋଗ ଯୋଗୁ ବୈଠକକୁ ବାତିଲ କରି ଶୋକସଭା କରାଯାଇଛି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରସ୍ତାବ କ୍ରମେ ଉପସ୍ଥିତ ଥିବା ସମସ୍ତଙ୍କ ସହମତିରେ ଶୋକସଭା ଅନୁଷ୍ଠିତ ହୋଇଛି। ଶୋକସଭାରେ ସତାଭଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ନିରଞ୍ଜନ ଗଭୀର ଶୋକବ୍ୟକ୍ତ କରି ସ୍ୱର୍ଗତ ରାଜୀବ ସତାଭଙ୍କ ଅକାଳ ବିୟୋଗ କଂଗ୍ରେସ ପରିବାରକୁ ମର୍ମାହତ କରିଛି ବୋଲି କହିଛନ୍ତି। ସମାଜର ଉନ୍ନତି ପାଇଁ ସ୍ୱର୍ଗତ ସତାଭଙ୍କ ନିରନ୍ତର ପରିଶ୍ରମ ଅତୁଳନୀୟ। ତାଙ୍କର ଏହି ପ୍ରୟାସ କଂଗ୍ରେସକୁ ଯୁବଗୋଷ୍ଠୀଙ୍କ ନିକଟରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲା ଏବଂ ଭବିଷ୍ୟତରେ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଚେଲ୍ଲାକୁମାର କହିଛନ୍ତି, କଂଗ୍ରେସ ଜଣେ ସଚ୍ଚା ଯୁବନେତାଙ୍କୁ ହରାଇଲା। ଛାତ୍ର ଜୀବନରୁ ରାଜନୀତିରେ ବିଭିନ୍ନ ପଦପଦବୀରେ ରହି ନିଷ୍ଠାର ସହ ସୁଚାରୁରୂପେ କାର୍ଯ୍ୟକରି ଆସୁଥିଲେ। ଭାରତରେ କଂଗ୍ରେସ ଦଳକୁ ଲୋକାଭିମୁଖୀ ଓ ସୁସଙ୍ଗଠିତ କରିବା ଲାଗି ସର୍ବଦା ସେ ଚେଷ୍ଟା ଜାରି ରଖିଥିଲେ ବୋଲି ଚେଲ୍ଲାକୁମାର କହିଛନ୍ତି। ହେବାକୁ ଥିବା ବୈଠକ ସୋମବାର ଅନୁଷ୍ଠିତ ହେବ ବୋଲି ନିରଞ୍ଜନ କହିଛନ୍ତି।

**ପିଡିଏସ ସାମଗ୍ରୀ ବଣ୍ଟନ ବେଳେ କୋଭିଡ୍ ନିୟମକୁ ଅଣଦେଖା**

ମାଲକାନଗିରି,(ଡି.ଏନ.ଏ.)-ମାଲକାନଗିରି ଜିଲା ସଦରଠାରୁ ୧୦ କିମି ଦୂର ଗୌଡାଗୁଡା ପଞ୍ଚାୟତର କାର୍ଯ୍ୟାଳୟରେ ପିଡ଼ିଏସ ସାମଗ୍ରୀ ନେବା ବେଳେ କୋଭିଡ୍ ନିୟମକୁ ଅଣଦେଖା କରାଯାଇଛି। ସରପଞ୍ଚ ଓ ଜିଆରଏସ ଲୋକଙ୍କୁ ସାମଗ୍ରୀ ଦେବା ପୂର୍ବରୁ ସାମାଜିକ ଦୂରତା ରଖିବାକୁ ଅନୁରୋଧ କରିଥିଲେ ମଧ ଲୋକେ ଏହାକୁ ଫୁ କରି ଦେଇଛନ୍ତି। ଏଠାରେ ଲୋକଙ୍କ ମୁହଁରେ ମାସ୍କ ନ ଥିବା କି ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ଦେଖିବାକୁ ମିଳି ନ ଥିଲା। ଲୋକଙ୍କୁ କୋଭିଡ୍ ନିୟମ ସମ୍ପର୍କରେ ଯେତେ ସଚେତନ କଲେ ମଧ ସେମାନେ ଏ ଦିଗରେ ସଚେତନ ହେଉ ନ ଥିବାରୁ ଏହି ସଂକ୍ରମଣ ବୃଦ୍ଧି ପାଉଛି ବୋଲି ମତ ପ୍ରକାଶ ପାଉଛି।

## ସଂକ୍ଷେପରେ

### ଭଲିବଲ ଟୁର୍ଣ୍ଣାମେଣ୍ଟରେ ପୋଲିସ ଚଢ଼ାଉ

ଜୟପୁର, ୧୬।୫ (ନି.ପ୍ର.) - ଜୟପୁର ସଦର ଥାନା ଅନ୍ତର୍ଗତ ସିଆଡିମାଳ ଗ୍ରାମରେ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଉପରେ ରବିବାର ପୋଲିସ ଚଢ଼ାଉ କରିଛି। କୋଭିଡ ନିୟମ ଉଲ୍ଲଂଘନ କରି ଖେଳ ଚାଲୁଥିବାରୁ ଏହି ଚଢ଼ାଉ କରାଯାଇଥିଲା। ପୋଲିସ କୁ ଦେଖି ଖେଳାଳି ମାନେ ଖେଳ ପଡିଆରୁ ଚାଲିଯାଇଥିଲେ। ସେଠାରୁ ପୋଲିସ ୧୦ଟି ବାଇକ ଜବତ କରିଛି। ଖେଳାଳିମାନେ ଆସି ଜରିମାନା ଦେବା ପରେ ବାଇକ ନେବେ ବୋଲି ଥାନା ଅଧିକାରୀ ଅଦିତ୍ୟ ମହୁକୁଡ କହିଛନ୍ତି।

### ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ

ଜୟପୁର, ୧୬।୫ (ନି.ପ୍ର.)- ଅକ୍ଷୟତୃତୀୟା ଅବସରରେ ଜୟପୁରରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଲାଗି ପୂଜାର୍ଚ୍ଚନା କରି ରଥକାଠ ଅନୁକୂଳ ହୋଇଛି। ରଘୁନାଥ ମନ୍ଦିର ପରିସରରେ ରଥ ନିର୍ମାଣ ନେଇ କୋଭିଡ୍ ନିୟମ ଅନୁସାରେ ପୂଜା ପାଠ କରାଯାଇଥିଲା। ଜଗନ୍ନାଥଙ୍କ ମୁଖ୍ୟ ସେବାୟତ ଡମ୍ବରୁଧର ପଣ୍ଡା, ସେବାୟତ ଜଗନ୍ନାଥ ତ୍ରିପାଠୀ, ଶିବ ନାରାୟଣ ଗୌଡ, ପରିଛା ସିଦ୍ଧେଶ୍ୱର ଦାସ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ଦାସ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ।

### କୋରାପୁଟ: ୨୮୯ ପଜିଟିଭ ଚିହ୍ନଟ

କୋରାପୁଟ,୧୬।୫(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନା ସଂକ୍ରମଣ କମିବା ନାଁ ନେଉନି। ପ୍ରତ୍ୟହ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଜିଲାରେ ୨୮୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାର ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୬୨ ପଜିଟିଭ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୪୧, ସୁନାବେଡା ପୌରାଞ୍ଚଳରୁ ୨୯ ଓ କୋଟପାଡ ଏନ୍ଏସି ଅଞ୍ଚଳରୁ ୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାର ବୋରିଗୁମ୍ମା ବ୍ଲକରୁ ୨୫, ବୈପାରିଗୁଡା ବ୍ଲକରୁ ୬, ବନ୍ଧୁଗାଁ ବ୍ଲକରୁ ୨, ଦଶମନ୍ତପୁର ବ୍ଲକରୁ ୧୦, ଜୟପୁର ବ୍ଲକରୁ ୨୬, କୋରାପୁଟ ବ୍ଲକରୁ ୧୦, କୋଟପାଡ ବ୍ଲକରୁ ୬, କୁନ୍ଦୁରା ବ୍ଲକରୁ ୮, ଲମତାପୁଟ ବ୍ଲକରୁ ୭, ଲକ୍ଷ୍ମୀପୁର ବ୍ଲକରୁ ୧୨, ନନ୍ଦପୁର ବ୍ଲକରୁ ୬, ନାରାୟଣପାଟଣା ବ୍ଲକରୁ ୫, ପଟ୍ଟାଙ୍ଗି ବ୍ଲକରୁ ୧୨ ଓ ସେମିଳିଗୁଡା ବ୍ଲକ ଅଞ୍ଚଳରୁ ୧୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଯାଞ୍ଚ କଡ଼ାକଡ଼ି, ଅମାନିଆଙ୍କୁ ଜରିମାନା



କୋରାପୁଟ,୧୬।୫(ସ୍ୱ.ପ୍ର.)- ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍‌ର ଦ୍ୱିତୀୟ ଦିବସରେ ସହର ଶୁନଶାନ ରହିଥିଲା। ତେବେ କେତେଜଣ ଅମାନିଆ ଅଯଥାରେ ସହରରେ ବୁଲାବୁଲି କରି ପୋଲିସ ହାବୁଡରେ ପଡି ଜରିମାନା ଗଣିଛନ୍ତି। ଟାଉନଥାନା ପୋଲିସ ପକ୍ଷରୁ ଏସ୍‌ଡିପିଓ ଗୁଣନିଧି ମଲ୍ଲିକଙ୍କ ନେତୃତ୍ୱରେ ଟ୍ରାଫିକ ଛକଠାରେ ଯାଞ୍ଚ କରାଯାଉଥିଲା। ଏହି ସମୟରେ ବିନା କାରଣରେ ବାହାରେ ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# ମଶାଣିରେ ନିରୂପିତ ସ୍ଥାନରେ ନଳକୂପ ଖନନ ନ ହେବାରୁ ଅସନ୍ତୋଷ

ସେମିଳିଗୁଡ଼ା, ୧୬।୫(ସ୍ୱ.ପ୍ର.)

- ଗ୍ରାମବାସୀଙ୍କ ଅଭିଯୋଗ: ମନଇଚ୍ଛା ଖନନ କରିଛନ୍ତି ଯନ୍ତ୍ରୀ
- ୱାଟର ଲେଭଲ ସମସ୍ୟା ଥିଲା: ଯନ୍ତ୍ରୀ
- ନିଜ ଇଚ୍ଛାରେ ସ୍ଥାନ ବାଛି ନଳକୂପ ଖୋଳିଛନ୍ତି: ସରପଞ୍ଚ



ଚିହ୍ନଟ ସ୍ଥାନ ବାହାରେ ଖନନ ହୋଇଥିବା ନଳକୂପ ।

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଦଳେଇଗୁଡା ପଞ୍ଚାୟତର ୫ ନମ୍ବର ୱାର୍ଡ ଦୋଳିଆମ୍ବ ଏବଂ କଣ୍ଟାଗୁଡା ଉଭୟ ଗ୍ରାମରେ ଥିବା ମଶାଣିରେ ମୃତବ୍ୟକ୍ତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ ବେଳେ ପାନୀୟ ଜଳର ଅଭାବ ରହୁଥିଲା। ଏହି ଆବଶ୍ୟକତା ପୂରଣ ଲାଗି ସେଠାରେ ଏକ ନଳକୂପ ସ୍ଥାପନ ଲାଗି ବିଭିନ୍ନ ସମୟରେ ଗ୍ରାମବାସୀ ଦାବି କରି ଆସୁଥିଲେ। ସରପଞ୍ଚ ରାଜୁ ନାୟକଙ୍କ ପ୍ରୟାସରେ ନଳକୂପ ଖନନ ପାଇଁ ପଞ୍ଚାୟତ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇ ଆର୍‌ଡବ୍ଲ୍ୟୁଏସ୍ଏସ୍ କର୍ତ୍ତୃପକ୍ଷଙ୍କ ନିକଟରେ ପୈଠ କରାଯାଇଥିଲା ତେବେ ନଳକୂପ ଖନନ ପାଇଁ ଯେଉଁ ସ୍ଥାନ ନିରୂପଣ ହୋଇଥିଲା ସେଠାରେ ଖୋଳା ନ ଯାଇ ସେଠାରୁ ୧୫ ମିଟର ଦୂର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଖୋଳା ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ୱାର୍ଡମେମ୍ବର ସିଲମଣି ବେନିଆ, ଦୋଳିଆମ୍ବ ଗ୍ରାମ ସଭାପତି ସୁବାସ ଚନ୍ଦ୍ର ମହାନ୍ତି, ଗ୍ରାମ ମୁଖିଆ ଜନ ଡଙ୍ଗରି, ପ୍ରେମ ଟାକ୍ରି, ବିନୟ ମହାନନ୍ଦିଆ, ସୁନୀଲ କୁଳଦୀପ ପ୍ରମୁଖ ନଳକୂପ ଖନନ ଚିହ୍ନଟ ସ୍ଥାନରେ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ବିରୋଧ ନ କରିବାକୁ କେତେଜଣ ଯୁବକ ୱାର୍ଡମେମ୍ବର ବେନିଆ ଓ ଦୋଳିଆମ୍ବ ଗ୍ରାମ ସଭାପତି ମହାନ୍ତି ଉଭୟଙ୍କ ଘରେ ପହଞ୍ଚି ବିଭିନ୍ନ ଧମକଚମକ ଦେଇଛନ୍ତି। ନିରୂପିତ ସ୍ଥାନଠାରୁ ଅନ୍ୟତ୍ର ନଳକୂପ ଖନନକୁ ବିରୋଧ କରି ଉଭୟ ଗ୍ରାମର ଗ୍ରାମବାସୀ ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠଯନ୍ତ୍ରୀ ଗଙ୍ଗାଧର ସେଠୀଙ୍କ ବିରୋଧରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ସରପଞ୍ଚ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମଶାଣି ପରିସରର କେଉଁ ସ୍ଥାନରେ ନଳକୂପ ଖନନ ହେବ ସେନେଇ ସ୍ଥାନୀୟ ବାସିନ୍ଦା ଅବା ସରପଞ୍ଚ, ୱାର୍ଡମେମ୍ବର କାହାକୁ ନ ଜଣାଇ କନିଷ୍ଠଯନ୍ତ୍ରୀ ନିଜ ଇଚ୍ଛାରେ ସ୍ଥାନବାଛି ନଳକୂପ ଖୋଳିଥିଲେ। ଏହାକୁ ବିରୋଧ କରି ଯୁକ୍ତିତର୍କ ହେବାରୁ ଏବେ ନଳକୂପ ଖନନ ବନ୍ଦ ରହିଛି ବୋଲି ସେ କହିଥିଲେ। ଏନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଗ୍ରାମବାସୀଙ୍କ ପ୍ରସ୍ତାବ ମୁତାବକ ମଶାଣିରେ ଦୁଇ ତିନିଟି ସ୍ଥାନରେ ଡ୍ରଇଂ କରି ୱାଟର ଲେଭଲ ଚେକ୍ କରାଯାଇଥିଲା। ମାତ୍ର ପ୍ରସ୍ତାବିତ ସ୍ଥାନରେ ୱାଟର ଲେଭଲର ସମସ୍ୟା ରହିଥିଲା। ସେହି ସ୍ଥାନରେ ୱାଟର ଲେଭଲ ଫେଲ୍ୟୁୟର ହେବା ଭଳି ସମସ୍ୟା ଥିଲା। ଉକ୍ତ ସ୍ଥାନରୁ ମାତ୍ର ୧୫ ମିଟର ଦୂର ରୋଡ ନିକଟସ୍ଥ ଡ୍ରେନ୍ ସାଇଟରେ ୱାଟର ଲେଭଲ ଚେକ୍ କରି ଏହା ଠିକ୍ ଥିବାରୁ ସେଠାରେ ନଳକୂପ ଖୋଳାଯାଇଛି। ଏହା କାହାର ଘର ନିକଟରେ କିମ୍ବା କାହା ପଟ୍ଟା ଜମିରେ ଖୋଳା ଯାଇନାହିଁ। ସରକାରୀ ଜମିରେ ନଳକୂପ ଖୋଳା ଯାଇଥିବା ସେଠୀ କହିଥିଲେ।

# ଲକ୍ଷ୍ମୀନୃସିଂହଙ୍କ ଚନ୍ଦନ ବେଶ



ଚନ୍ଦନ ବେଶରେ ଲକ୍ଷ୍ମୀ ନୃସିଂହ ।

ଜୟପୁର, ୧୬।୫ (ନି.ପ୍ର.)

ଅକ୍ଷୟତୃତୀୟା ଅବସରରେ ଜୟପୁର କଣ୍ଡରାସାହିସ୍ଥିତ ଲକ୍ଷ୍ମୀନୃସିଂହ ଚନ୍ଦନ ବେଶରେ ସଜ୍ଜିତ ହୋଇଥିଲେ। ଅକ୍ଷୟତୃତୀୟା ନୀତି ସମ୍ପନ୍ନ ପରେ ଲକ୍ଷ୍ମୀନୃସିଂହ ସନ୍ଧ୍ୟାରେ ଚନ୍ଦନ ଲାଗି ବେଶ ହୋଇଥିଲେ। ଏହି ବେଶରେ ଠାକୁର ୧୦ ଦିନ ଦର୍ଶନ ଦେବେ। ଠାକୁରଙ୍କ ଏହି ବେଶକୁ ଅନ୍ନ ଶୟନ କୁହାଯାଏ ବୋଲି ପୂଜକ ସୁନୀଲ ଆଚାର୍ଯ୍ୟ କହିଛନ୍ତି। ଚଳିତବର୍ଷ କରୋନା ମହାମାରୀ ହେତୁ ଲକ୍‌ଡାଉନ, ଶଟ୍‌ଡାଉନ ଜାରି ରହିଥିବାରୁ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଏହି ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି।

# କରୋନା ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ ଉପରେ ଗୁରୁତ୍ୱ

ଗୁଣପୁର,୧୬।୫(ଡି.ଏନ୍.ଏ.)

**କୋଭିଡ୍ ପରିଚାଳନା ବୈଠକ**
- କରୋନା ସମ୍ପର୍କିତ ଔଷଧ କିଣୁଥିବା ଲୋକଙ୍କ ନାମ, ଠିକଣା ପ୍ରଶାସନକୁ ଦେବାକୁ ଔଷଧ ଦୋକାନ ମାଲିକଙ୍କୁ ଅନୁରୋଧ
- ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ

ରାୟଗଡା ଜିଲା ଗୁଣପୁର ସହରରେ କୋଭିଡ ପରିଚାଳନା ନେଇ ଏକ ଜରୁରୀ ବୈଠକ ଶନିବାର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରରେ କୋଭିଡ୍ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା।

ଗୁଣପୁର ସହରରେ ଥିବା ସମସ୍ତ ୱାର୍ଡକୁ ଭାଗ ଭାଗ କରି ୨୦ରୁ ୩୦ ଘରକୁ ନେଇ ଏକ ଅଞ୍ଚଳ ଗଠନ କରାଯିବ। ପୌର କର୍ମଚାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ସାଧାରଣ ଜନତାଙ୍କୁ ନେଇ କମିଟି ଗଠନ କରାଯାଇ ଉକ୍ତ ଅଞ୍ଚଳରେ ରହୁଥିବା ସମସ୍ତ ପରିବାରର ତଥ୍ୟ ପ୍ରଶାସନକୁ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସାହିମାନଙ୍କରେ କମିଟି ଗଠନ ପାଇଁ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ସମ୍ପର୍କିତ ଔଷଧ କିଣିବାକୁ ଆସୁଥିବା ବ୍ୟକ୍ତିଙ୍କ ନାମ, ଠିକଣା, ମୋବାଇଲ ନମ୍ବର ରଖି ତାହାକୁ ପ୍ରଶାସନ ନିକଟରେ ଦେବାକୁ ସହରର ସମସ୍ତ ଔଷଧ ଦୋକାନ ମାଲିକଙ୍କୁ ଅନୁରୋଧ କରାଯାଇଛି। ଗୁଣପୁର ପୌର କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କରି ସମସ୍ତ ତଥ୍ୟ ଉପଲବ୍ଧ କରିବାକୁ ନିଷ୍ପତ୍ତି ନିଆଯାଇଛି। ଉପଖଣ୍ଡ ଚିକିତ୍ସାଳୟରେ ପ୍ରତି ଏକ ଘଣ୍ଟାରେ ଜଣେ ଡାକ୍ତର ପରାମର୍ଶ ଦେବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, କଣ୍ଟାକଟ ଟ୍ରେସିଂ ଉପରେ ଉପଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ସୋମନାଥ ମିମୋରିଆଲ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲ କରିବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଆକ୍ରାନ୍ତ ଯେପରି ବାହାରେ ନ ବୁଲିବେ ସେଥିପ୍ରତି ଦୃଷ୍ଟି ଦେବାସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁଣପୁର ଥାନାଧିକାରୀ ମନୋଜ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶରତ ଚନ୍ଦ୍ର ନାୟକ, ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମାଜିକ କର୍ମୀ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଆବଶ୍ୟକତା ପୂରଣ ନେଇ ଘରୋଇ ହସ୍ପିଟାଲକୁ ବ୍ୟବହାର କରାଯାଉ: ବିଧାୟକ

ଜୟପୁର, ୧୬।୫(ନି.ପ୍ର.)

କୋରାପୁଟ ଜିଲାରେ କରୋନା ଦ୍ୱିତୀୟ ଲହର ଶୃଙ୍ଖଳା ଭାଙ୍ଗିବା ପାଇଁ ଶୀଘ୍ର ଜିଲାର ୬ ବ୍ଲକରେ ଲୋକଙ୍କୁ ଟିକା ଦେବାଲାଗି ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ କରୋନା ମହାମାରୀ ଉଗ୍ରରୂପ ଧାରଣା କରିଛି। ଜିଲାର ଜୟପୁର, କୋରାପୁଟ, ସୁନାବେଡା ପୌରାଞ୍ଚଳ, ସେମିଳିଗୁଡା ବ୍ଲକ, ଲକ୍ଷ୍ମୀପୁର ଓ ବୋରିଗୁମ୍ମା ବ୍ଲକରେ ସମଗ୍ର ଜିଲାର ଶତକଡା ୮୦ ଭାଗ କରୋନା ରୋଗୀ ଅଛନ୍ତି। ଏହିସବୁ ଅଞ୍ଚଳରେ କୋରନା ସଂକ୍ରମରରେ ରୋକ ଲଗାଇବା ପାଇଁ ଶୀଘ୍ର ଟିକା ଦେବା ଆରମ୍ଭ ହେବା ଆବଶ୍ୟକ। ଜୟପୁର ଜିଲା କୋଭିଡ ହସପିଟାଲରେ ବେଡ ସଂଖ୍ୟା କମିଯାଇଛି। ଜୟପୁରର ଗ୍ଲୋବାଲ ହସପିଟାଲ ଓ କୋରାପୁଟର ବିକାଶ ହସପିଟାଲରେ ଗୁରୁତର ରୋଗୀଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି। ଏନେଇ ସେ ମଧ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି। ଜିଲାରେ କରୋନା ରୋଗୀ ସଂଖ୍ୟା ବଢୁଥିବାରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଘରୋଇ ହସପିଟାଲକୁ ବ୍ୟବହାର କରିବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

### ମାଲକାନଗିରି: ୧୪୫ କରୋନା ସଂକ୍ରମିତ ଚିହ୍ନଟ


ମାଲକାନଗିରି,୧୬।୫(ଡି.ଏନ.ଏ.)

ମାଲକାନଗିରି ଜିଲାରେ ରବିବାର ୧୪୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୭୦୩କୁ ବୃଦ୍ଧି ପାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୬ ଜଣ, ବାଲିମେଳା ଏସଏସରୁ ଜଣେ, ମାଲକାନଗିରି ବ୍ଲକରୁ ୧୫, କୋରୁକୋଣ୍ଡା ବ୍ଲକରୁ ୯, ମାଥିଲି ବ୍ଲକରୁ ୩୫, ଖଇରପୁଟ ବ୍ଲକରୁ ୨୪, କାଲିମେଳା ବ୍ଲକରୁ ୨୦, ପଡ଼ିଆ ବ୍ଲକରୁ ୧୧ ଓ ଚିତ୍ରକୋଣ୍ଡା ବ୍ଲକରୁ ୯ ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ସୁଦ୍ଧା ଜିଲାର ସୀମାନ୍ତ ମୋଟୁ ଚେକ ପଏଣ୍ଟ ଦେଇ ୧୫ହଜାର ୬୦୦ ପ୍ରବାସୀ ମାଲକାନଗିରି ଜିଲାରେ ପ୍ରବେଶ କରିଛନ୍ତି।

# କରୋନାର ନିରାକରଣ, ପରିଚାଳନା ନେଇ ସଚେତନତା

ବିଷମକଟକ,୧୬।୫(ଡି.ଏନ୍.ଏ.)

**ମା' ମାର୍କମା କଲେଜ ଏନ୍ଏସ୍ଏସ୍ ପକ୍ଷରୁ ୱେବିନାର**




ରାୟଗଡ଼ା ଜିଲା ବିଷମକଟକସ୍ଥିତ ମାଁ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ଏନ୍ଏସ୍ଏସ୍ ଆନୁକୂଲ୍ୟରେ ରବିବାର କରୋନାର ଦ୍ୱିତୀୟ ଲହରକୁ ନେଇ ଏକ ଅନ୍‌ଲାଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ୱେବିନାରରେ କଲେଜର ଅଧ୍ୟକ୍ଷ ଲ୍ୟୁଟନାଣ୍ଟ ବି. ରବିଶଙ୍କର ଅଧ୍ୟକ୍ଷତା କରିଥିଲେ। ଏନ୍ଏସ୍ଏସ୍‌ର ରାୟଗଡ଼ା ଜିଲା ସଂଯୋଜିକା ଅର୍ଚ୍ଚନା ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସେହିପରି ବିଷମକଟକ ସିଏଚ୍‌ସିର ଚିକିତ୍ସକ ଡା. ଅଞ୍ଜନ କୁମାର କର ମୁଖ୍ୟବକ୍ତା ରୂପେ ଯୋଗଦେଇ କରୋନାର କାରଣ, ନିରାକରଣ ଓ ପରିଚାଳନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ରଖି ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଏବଂ ବାରମ୍ବାର ହାତ ଧୋଇବା ଉପରେ ଗୁରୁତ୍ୱାରୋପ କରିଥିଲେ। କରୋନା ସଂକ୍ରମିତ ଅବସ୍ଥାରେ ଏବଂ ଏହା ପରବର୍ତ୍ତି ସମୟରେ ନିଜ ସ୍ୱାସ୍ଥ୍ୟର କିପରି ଯତ୍ନ ନେବେ ସେ ବିଷୟରେ ସଚେତନ କରିଥିଲେ। ସେହିପରି ଟିକାକରଣକୁ ପ୍ରାଥମିକତା ଦେବା ସହ ଅସୁସ୍ଥତା ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ନିମନ୍ତେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ(ୟୁନିଟ-୩ ପୁରୁଷ ବିଭାଗ) ର ଅଧ୍ୟାପକ ଅଶ୍ୱିନୀ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ(ୟୁନିଟ-୨ ମହିଳା ବିଭାଗ) ଅଧ୍ୟାପିକା ଦୀପ୍ତିରାଣୀ ମିଶ୍ର ଧନ୍ୟବାଦ ଦେଇଥିଲେ। ୟୁନିଟ-୧ର କାର୍ଯ୍ୟକ୍ରମ ଅଧିକାରୀ ନିରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁକ୍ତଦୁଇର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ କୁମାର ଭଞ୍ଜ କୋଭିଡ୍ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ୱେବିନାରରେ କଲେଜର ୧୦୦ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ସାମିଲ ହୋଇଥିଲେ। ରାଜୁ ଗୌଡ଼, ଆକାଶ, ଉତ୍କଳ, ବାବୁଲା ଓ ଚନ୍ଦୁ ପ୍ରମୁଖ ଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଭୀମେଙ୍କୁ ମିଳିଲା ଭତ୍ତା

ଏମ୍‌ଭି-୭୯,୧୬।୫(ଡି.ଏନ.ଏ.)



ବିଏସଏସଓ ଭୀମେ ଓ ତାଙ୍କ ପୁଅକୁ ଭତ୍ତା ଦେଉଛନ୍ତି।

**ଧରିତ୍ରୀ ପ୍ରଭାବ**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଗିନିପାଲିଗୁଡ଼ା ଗ୍ରାମର ଭୀମେ କର୍ମା। ଦୁଇବର୍ଷ ତଳେ ସ୍ୱାମୀ ଜଗା କର୍ମାଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ ସେ ୬ବର୍ଷର ପୁଅକୁ ଧରି ବହୁ କଷ୍ଟରେ ଚଳୁଥିଲେ। ବିପଦସଙ୍କୁଳ ଅବସ୍ଥାରେ ଏକ ଭଙ୍ଗା କୁଡିଆ ଘରେ ରହୁଥିଲେ । ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତାଙ୍କ ନିକଟରେ ପହଞ୍ଚି ଥିଲା। ଭୀମେଙ୍କୁ କିଛି ରନ୍ଧାଖାଦ୍ୟ ଏବଂ ୧ବସ୍ତା ଚାଉଳ ଯୋଗାଇ ଦେଇଥିଲା। ରବିବାର ଭୀମେଙ୍କ ଘରେ ବିଏସଏସଓ କାରମ ଦେଶ ପହଞ୍ଚି ତାଙ୍କୁ ୫ଶହ ଟଙ୍କା ଭତ୍ତା ଯୋଗାଇ ଦେଇଛନ୍ତି। ତାଙ୍କ ଆଧାର କାର୍ଡରେ ରାଶନ କାର୍ଡ ଲିଙ୍କ ପରେ ଭୀମେଙ୍କୁ ରାଶନ ମିଳିବ ବୋଲି କାରମ କହିଛନ୍ତି। ଆଗାମୀ ଦିନରେ ଭୀମେଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଶାସନ ପକ୍ଷରୁ ମିଳିବ। ତାଙ୍କ ପୁଅ ହାତରେ ନିଆଁ ପଡ଼ି ପୋଡ଼ି ଯାଇଥିଲା। ଭୀମେ ବହୁତ କଷ୍ଟରେ ପୁଅର ହାତ ଭଲ କରିଥିଲେ। ମାତ୍ର ପୁଅର ବାମହାତର ଆଙ୍ଗୁଠିଗୁଡିକ ପାପୁଲି ସହିତ ଏବେ ସୁଦ୍ଧା ଲାଗିରହିଛି। ପିଲାଟି ମଧ ଭତ୍ତା ପାଇବାକୁ ଯୋଗ୍ୟ ଥିବାରୁ ତାକୁ ମଧ ଭତ୍ତା ବାବଦକୁ ପାଞ୍ଚ ଶହ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

### ରାଜ୍ୟ ସଂଖ୍ୟାଲଘୁ ସେଲ୍ ସମ୍ପାଦକଙ୍କ ସହାୟତାରେ ଗ୍ରାମକୁ ଆସିଲା ମୃତଦେହ

ମାଲକାନଗିରି,୧୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ ଗୁଟାଗୁଡା ଗ୍ରାମର ରଞ୍ଜିତା ମାଡକାମି (୧୭) ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲକୁ ନେଇଥିଲେ। ସେଠାରେ ଶନିବାର ରଞ୍ଜିତାଙ୍କ ମୃତ୍ୟୁ ହୋଇଥିଲା। ତେବେ କରୋନା କଟକଣା ଯୋଗୁ ରଞ୍ଜିତାଙ୍କ ମୃତଦେହ ଗ୍ରାମକୁ ଆଣିବା ଲାଗି ପରିବାର ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏନେଇ ମାଲକାନଗିରି ବିଜୁ ଯୁବ ଜନତା ଦଳ ସଭାପତି ଆତମା ରାବା ଜାଣିବା ପରେ ସେ ରାଜ୍ୟ ସଂଖ୍ୟାଲଘୁ ସେଲ୍ ସମ୍ପାଦକ ପଲ୍ଲବ୍ ଲିମା ଓ ଖଇରପୁଟ ବ୍ଲକ ବିଜୁ ଜନତା ଦଳ ବିଜିତ ସିଂଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇ ଉଭୟେ ରଞ୍ଜିତାଙ୍କ ମୃତଦେହ ନିଜ ଗ୍ରାମକୁ ଆଣିବା ବ୍ୟବସ୍ଥା କରିଥିଲେ। ଗ୍ରାମରେ ରଞ୍ଜିତାଙ୍କ ମୃତଦେହ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।

# ନିଜ ଗାଁ ରାସ୍ତା ତିଆରି କଲେ ଗ୍ରାମବାସୀ

ମାଲକାନଗିରି,୧୬।୫(ଡି.ଏନ.ଏ.)

**ଶୁଣିଲେନି ସରପଞ୍ଚ, ବିଡିଓ**



ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି।

ପ୍ରଶାସନ ନ ଶୁଣିବାରୁ ନିଜ ଗ୍ରାମ ରାସ୍ତା ନିର୍ମାଣ କରିଛନ୍ତି ଗ୍ରାମବାସୀ। ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ସେରପାଲି ପଞ୍ଚାୟତର ବାଲିଆଗୁଡା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଆରଡି ମୁଖ୍ୟ ସଡକଠାରୁ ଦେଢ଼ କିଲୋମିଟର ଦୂରରେ ଥିବା ବାଲିଆଗୁଡା ଗ୍ରାମ ରାସ୍ତା ଅବସ୍ଥା ଦୀର୍ଘ ଦିନ ଧରି ଶୋଚନୀୟ ହୋଇ ପଡିଥିଲା। ଖାଲ ଖମାରେ ଭରି ରହିଥିବାରୁ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଥିଲା। ଏନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚ, ବିଡିଓଙ୍କୁ ଜଣାଇଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଶେଷରେ ଗ୍ରାମବାସୀ ନିଜେ ରାସ୍ତା ତିଆରି କରିବାକୁ ନିଷ୍ପତ୍ତି ନେଇ ପ୍ରତି ପରିବାର ଅର୍ଥ ଓ ଶ୍ରମଦାନ କରି ରାସ୍ତା ନିର୍ମାଣ କରଥିଲେ। ଏ ସମ୍ପର୍କରେ ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏପରି ଅଭିଯୋଗ ମୋ ନିକଟକୁ ଆସି ନାହିଁ। ତେବେ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବି।

# ଗାଁ ଖେଳର ସ୍ଥାନ ନେଲାଣି ମୋବାଇଲ୍ ଗେମ୍

ଚନ୍ଦାହାଣ୍ଡି, ୧୬।୫(ଡି.ଏନ୍.ଏ.)

ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଯେତେ ଉନ୍ନତ ହେଉଛି ସେତେ ଅଧିକ ସଂଖ୍ୟାରେ କମ୍ପ୍ୟୁଟର ଗେମ୍‌ର ଚାହିଦା ବଢ଼ିବାରେ ଲାଗିଛି। ସମସ୍ତେ ଏବେ ମୋବାଇଲ ଗେମ୍‌ରେ ପାଗଳ। ପିଲାମାନେ ସ୍କୁଲରୁ ଫେରି ବହି ବସ୍ତାନି ରଖି ବାହାରକୁ ଯାଇ ଖେଳିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଶାରୀରିକ ଖେଳକୁଦ ପ୍ରାୟତଃ ଦେଖା ଯାଉନାହିଁ। ସନ୍ଧ୍ୟା ନଇଁଲେ ଗାଁ ଦାଣ୍ଡରେ ଯେଉଁ କବାଡି, କେଳିବାଡି ଲୁଚକାଳି, ଛୁ ଛୁଆଁଣି, ଖୋଖୋ ଖେଳ ଚାଲିଥିଲା ତାହା ଆଉ ଦେଖାଯାଉନି। ପର୍ବ ପର୍ବାଣି ଅନୁଯାୟୀ ଖେଳକୁଦ ମଧ ଆଉ ନାହିଁ। କୁମାର ପୂର୍ଣ୍ଣିମା ସମୟରେ ଝିଅମାନଙ୍କ ପୁଚିଖେଳ ବି ଆଉ ହେଉନି। ଗାଁ ଖେଳର ସ୍ଥାନ ଏବେ ମୋବାଇଲ୍ ଗେମ୍ ନେଇସାରିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

**ଏ ସମ୍ପର୍କରେ ଲୋକଙ୍କ ମତ**



"ପିଲାମାନେ ଏବେ ମୋବାଇଲ୍‌ରେ ବେଶି ଧ୍ୟାନ ଦେଉଛନ୍ତି। ମୋବାଇଲ୍ ଗେମ୍ ସେମାନଙ୍କୁ ଦିଗହରା କରିସାରିଛି। ଆମେ ସ୍କୁଲରୁ ଫେରି ସାଙ୍ଗମାନଙ୍କ ସହ ପଡିଆରେ ବିଭିନ୍ନ ଶାରୀରିକ ଖେଳ ଖେଳୁଥିଲୁ। ଏହା ଫଳରେ ଯେଉଁ ଭାଇଚାରା ସୃଷ୍ଟିହେଉଥିଲା ତାହା ଆଉ ନାହିଁ।

**-ସୁମନ୍ତ କୁମାର କୁଣ୍ଡୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ**



"ବିଜ୍ଞାନ ଯୁଗରେ ଆମେ ନିଜକୁ ପ୍ରଗତିଶୀଳ ଭାବିବା ଭୁଲ୍। ଯନ୍ତ୍ରଦ୍ୱାରା କାମ କରି ସମୟ ସିନା ବଞ୍ଚେଇ ପାରୁଛୁ କିନ୍ତୁ ଆୟୁଷ କମେଇ ଚାଲିଛୁ। ପୂର୍ବରୁ ଗାଁ ଦାଣ୍ଡରେ ପିଲାମାନେ ପୁଚି, ରୁମାଲ ଚୋରି ଆଦି ଖେଳ ଖେଳୁଥିଲେ। କିନ୍ତୁ ଆଜିର ଶୈଶବ ମୋବାଇଲ, କମ୍ପ୍ୟୁଟର ପାଖେ ବନ୍ଧା ପଡିଛି। ଯାହା ତାଙ୍କ ମସ୍ତିଷ୍କ ଓ ଶରୀର ଉପରେ ପ୍ରଭାବ ପକାଉଛି।

**-ପୁରୁଷୋତ୍ତମ ପାରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**



"କରୋନା ଯୋଗୁ ପିଲାମାନେ ଗୃହବନ୍ଦୀ ହୋଇ ରହିଛନ୍ତି। ସେମାନେ ନିଜ ଶୈଶବକୁ ହରାଇ ବସିଲେଣି। ଏହା ଶିଶୁ ଓ କିଶୋରମାନଙ୍କ ମାନସିକତା ଉପରେ ଗଭୀର ପ୍ରଭାବ ପକାଇଛି।

**-କ୍ଷେମରାଜ ବାଘ, କଂଗ୍ରେସ ନେତା**



"ପାରମ୍ପରିକ ଖେଳ ଏବେ ଲୁପ୍ତ ପ୍ରାୟ। ଫଳରେ ସାମାଜିକ ସନ୍ତୁଳନ ଏବେ ବିଗିଡି ଯାଉଛି। ଗୋଟିଏ ସାହିର ପିଲାମାନେ ପରସ୍ପରକୁ ଚିହ୍ନିପାରୁ ନାହାନ୍ତି। ଯୁବପିଢ଼ି ମାନସିକ ଅବସାଦର ଶିକାର ହେଉଛନ୍ତି। ଯାହା ସୁସ୍ଥ ସମାଜ ପାଇଁ ଆଦୌ ଶୁଭଙ୍କର ନୁହଁ।

**-କିଶୋର କୁମାର ଖମାରୀ, ଅବସରପ୍ରାପ୍ତ ବିଇଓ**



"ବିଦ୍ୟାଳୟରେ ପାରମ୍ପରିକ ଖେଳ ସମ୍ପର୍କରେ ଶିକ୍ଷାଦାନର ଆବଶ୍ୟକତା ଅଛି। କେବଳ ଓଡ଼ିଆ ମାଧ୍ୟମରେ ନୁହେଁ ଅନ୍ୟ ମାଧ୍ୟମରେ ପଢ଼ାଯାଉଥିବା ବିଦ୍ୟାଳୟରେ ମଧ ଏହି ଖେଳକୁଦକୁ ଗୁରୁତ୍ୱ ଦେବା ଉଚିତ।

**-ମହମ୍ମଦ ହୁସେନ, ଆଇନଜୀବୀ**

## ବିବାହରେ ଯୋଗଦେବା ପୂର୍ବରୁ ଆଣ୍ଟିଜେନ୍ ଟେଷ୍ଟ

**ଛତ୍ରପୁର,୧୬।୫(ଡି.ଏନ.ଏ.):** ଗଞ୍ଜାମ ଜିଲାରେ କରୋନାକୁ ନେଇ ସ୍ଥିତି ନିୟନ୍ତ୍ରଣରେ ରହିଛି। ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ ସହ ବହୁ ସଂଖ୍ୟକ ଲୋକଙ୍କ ପାଇଁ ବିବାହ ଆଦି କାର୍ଯ୍ୟକ୍ରମରେ ଭୋଜିଭାତ କରାଯାଉଛି। ଏଭଳି ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଭଳି ସମୟରେ ଜିଲାରେ କେହି ବିବାହ ଆୟୋଜନ କଲେ ପରିବାର ସଦସ୍ୟଙ୍କ ଆଣ୍ଟିଜେନ୍ ଟେଷ୍ଟର ସୁବିଧା କରାଇବାକୁ ସବୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଟେଷ୍ଟ ରିପୋର୍ଟରେ ବିବାହ ପାଇଁ ଅନୁମତି ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ରବିବାର କହିଛନ୍ତି। ବିନା ଅନୁମତିରେ ଭୋଜିଭାତ ନ କରିବାକୁ ଜିଲାପାଳ ପୁଣି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥିପାଇଁ କେହି କରୋନାରେ ସଂକ୍ରମିତ ହେବେ କିମ୍ବା ଜୀବନ ହରାଇବେ ସେଥିଲାଗି ଅସୁବିଧା ହେବ ବୋଲି କହିଥିଲେ। କରୋନା ସଂକ୍ରମଣ ବଢୁଥିବାରୁ କଟକଣା ମଧ୍ୟରେ ବିବାହ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିବାହ ଉତ୍ସବରେ ୫୦ ଲୋକ ଏକାଠି ହୋଇପାରିବେ। ଏଥିପାଇଁ ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନେବାକୁ ପଡିବ।

# ଆମ ମନ୍ଦିର ଐତିହ୍ୟର ସ୍ମାରକୀ

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଓଡ଼ିଆ ଜାତିର ଏଇ ଦୁର୍ଦ୍ଦିନ ବେଳେ ଆମ ଲୁଣ୍ଠିତ ଧନରେ ହେଉଡ଼ି ମାରୁଥିବା ମାନନୀୟମାନେ ଆମ ସାଂସ୍କୃତିକ ପରମ୍ପରା ମୂଳରେ ଚୋଟ ମାରି ଚାଲିଲେ। ଆମେ ଆମ ପରମ୍ପରା ଜାଣିବାକୁ ସେଇମାନଙ୍କ ଲେଖା ଉପରେ ନିର୍ଭର କଲୁ। ଯାକୁ ବୁଝିଥିଲେ ଶ୍ରୀ କୁଞ୍ଜବିହାରୀ ଦାଶ ଆପଣେ। ସେ ଲେଖିଲେ– ‘ଉତ୍କଳୀୟ ଭାସ୍କର୍ଯ୍ୟ ସମ୍ବନ୍ଧରେ ନିରପେକ୍ଷ ଅଭିମତ ପାଇବା ଏକ ବିଡ଼ମ୍ବନା।’

ଓଡ଼ିଆ ଜାତିର ଅମାବାସ୍ୟା ଦେଖି କେତେକ ପଡ଼ୋଶୀ ପଣ୍ଡିତ ଏହା ନିଜ ନିଜ ଦେଶର କୀର୍ତ୍ତି ବୋଲି ଦାବି କରିବାକୁ ଲଜ୍ଜାବୋଧ କରୁନାହାନ୍ତି। ବୋଧହୁଏ ସେମାନଙ୍କ ଦେଶର ରାଜାମାନେ ଅତି ପରୋପକାରୀ ଥିବାରୁ ନିଜ ଦେଶ ଛାଡି ଅନ୍ୟ ଦେଶରେ ମନ୍ଦିର ନିର୍ମାଣ କରାଇଥିଲେ। ଧନ୍ୟ ନିଃସ୍ୱାର୍ଥପରତା! ଧନ୍ୟ ବିଶ୍ୱପ୍ରେମ! ସମ୍ଭବ ହୋଇଥିଲେ ଏହି ତଥାକଥିତ ମନୀଷୀମାନେ ଓଡ଼ିଶାର ମନ୍ଦିରଗୁଡ଼ିକୁ ଟେକିନେଇ ନିଜ ଦେଶରେ ବସାଇ ସାରନ୍ତେଣି।

ଶାଳୀନତା ଭିତରେ ଆଉ କିପରି ଜଣେ ଶବ୍ଦ ପ୍ରୟୋଗ କରି ଲାଳିତ୍ୟ ଭାଷାରେ ସମାଲୋଚନା କରିପାରନ୍ତା!





ଶିଳ୍ପ ଚନ୍ଦ୍ରିକା ପୁସ୍ତକରେ ଅଙ୍କିତ ଗଜସିଂହ ଓ ରାହୁ ମସ୍ତକ ଚିତ୍ର।

ଶ୍ରୀଯୁକ୍ତ ଦାଶଙ୍କୁ ବାହାର ପଣ୍ଡିତଙ୍କ ଇତିହାସ କେତେ ବ୍ୟଥା ଦେଇଥିବ ତାଙ୍କ ଭାଷାରୁ ହିଁ ମାପି ହେବ। ତା’ ପରେ ପରେ ନିଜ ଜାତିର ଦୃଢ଼ ନିଷ୍ଠାକୁ ନେଇ ଯେଉଁ ବାର୍ତ୍ତା ଉଲ୍ଲେଖ କରିଛନ୍ତି ତାହା ଆମ ସମସ୍ତଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ଆଙ୍ଗୁଠି ଦେଖାଇଥିବା ପଣ୍ଡିତମାନଙ୍କ ପାଇଁ ସେତିକି ଲଜ୍ଜାଜନକ ନିଶ୍ଚୟ। ତାଙ୍କ ଭାଷାରେ–

‘ମନ୍ଦିର ନିର୍ମାଣ କ୍ଷଣିକ ରୂପ ସୃଜନ ଖିଆଲର ପରିତୃପ୍ତି ନୁହେଁ। ଏହା ସମଗ୍ର ଜାତିର ଯୁଗ ଯୁଗ ସାଧନାର ଅପୂର୍ବ ସିଦ୍ଧି। ଶିଳ୍ପ ନିପୁଣତା ହାସଲ କରିବାକୁ କେତେ ଅଧ୍ୟବସାୟ, ଏକାଗ୍ରନିଷ୍ଠା ଆବଶ୍ୟକ ହୋଇଥିବ କିଏ କଳ୍ପନା କରିବ?’

ଓଡ଼ିଆ ଶିଳ୍ପୀର ଏକାଗ୍ରନିଷ୍ଠା କିପରି ଉଚ୍ଚକୋଟୀର ଥିଲା ତାହା ଆମେ ସୂଚନା ପାଉଛେ। ‘ଏକାଗ୍ରନିଷ୍ଠା ସହିତ ଆତ୍ମତ୍ୟାଗର ମିଶ୍ରଣ ନ ହେଲେ ସଫଳତା ମିଳେ ନାହିଁ।’ ସ୍ପଷ୍ଟ ଭାଷାରେ ତାହା ପ୍ରତିପାଦନ କରିଛନ୍ତି ଶ୍ରୀଯୁକ୍ତ ଦାଶ। ‘ଉତ୍କଳୀୟ ମନ୍ଦିରଗୁଡ଼ିକ ଆତ୍ମତ୍ୟାଗର ପୂର୍ଣ୍ଣ ଦୃଷ୍ଟାନ୍ତ। ସବୁ ସୁଖ, ଶାନ୍ତି, ସୌଭାଗ୍ୟ, ମନୁଷ୍ୟ ବଳି ଦେଇଛି କଳାର ଚରଣରେ। ନିଜକୁ ହଜାଇ ଦେଇଛି ଦେବତାର ସୌନ୍ଦର୍ଯ୍ୟ ଭିତରେ, ସବୁ ଦେବତାର କାର୍ଯ୍ୟ, ମନୁଷ୍ୟ ନିମିତ୍ତ ମାତ୍ର। କଳା ବ୍ୟକ୍ତିଗତ ନୁହେଁ। ଜାତିର, ଦେଶର, ବିଶ୍ୱର ଏବଂ ଭଗବାନଙ୍କର। ତାଙ୍କରି ପ୍ରତିଭାରେ ତାଙ୍କୁ ହିଁ ଆଳତି କରାଯାଏ।’

ଆମେ କଳାକୁ ନେଇ ଯେଉଁ ଚିନ୍ତା ଓ ଚେତନାର କଥା ଏଠାରେ ଉପସ୍ଥାପନ କଲୁ, କୁଞ୍ଜବିହାରୀଙ୍କ ମନର କଥାକୁ ସମସ୍ତଙ୍କୁ ବାଣ୍ଟିଲୁ, ତାହାର ଉଦ୍ଦେଶ୍ୟ ଖୁବ୍ ସରଳ। ଶ୍ରେଷ୍ଠ ଶିଳ୍ପକଳା ସୃଷ୍ଟି କରିବାକୁ ଶିଳ୍ପୀର ଯେଉଁ ମନୋବୈଜ୍ଞାନିକ ଭାବାବେଗ ଥାଏ, ତାକୁ ପ୍ରଥମେ ପଢ଼ିବା କଥା। ଗଭୀର ମନନଶୀଳତାର କଥା ଇୟେ। ବାହାର ପଣ୍ଡିତ ଶିଳ୍ପୀର ତ୍ୟାଗ ଓ ନିଷ୍ଠାକୁ ଅଣେ ଅଂଶରେ ବୁଝିଥିଲେ ଲେଖିଥାନ୍ତେ ଯେ ଆମେ ସବୁ କରିନାହୁଁ ବୋଲି?

ଯେଉଁମାନେ ଆମର କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟକୁ ନେଇ ଆଲୋଚନା କରିଛନ୍ତି, ସେମାନଙ୍କ ଅନୁସନ୍ଧାନ ପ୍ରବୃତ୍ତିକୁ ଆମେ ଅଭିନନ୍ଦନ ଜଣାଇବା କଥା, ମାତ୍ର ଯେତେବେଳେ ଓଡ଼ିଆ ଶିଳ୍ପୀଙ୍କ ଦକ୍ଷତା ଉପରେ ସନ୍ଦେହ ପ୍ରକାଶ କଲେ, ଜାତିର ଗୌରବମୟ ଐତିହ୍ୟକୁ ଛଡାଇ ନେବାର ଉପକ୍ରମ ଲେଖିଲେ, ଆମ ଐତିହ୍ୟକୁ ବିକୃତ କରିବାକୁ ପଛାଇଲେ ନାହିଁ, ସେତେବେଳେ କି ଅଭିନନ୍ଦନ ଆମେ ଜଣାଇବା! ଓଡ଼ିଶାର ତଥା ଭାରତର କୋଡିଏ ପ୍ରକାର ଦେଉଳ ସମ୍ବନ୍ଧରେ ଯଦି ସାମାନ୍ୟ ଜ୍ଞାନ ଆହରଣ କରିଥାନ୍ତେ, ପାଞ୍ଚ ପ୍ରକାରର ଭାସ୍କର୍ଯ୍ୟର ରହସ୍ୟ ଅବଗତ ହୋଇ ଲେଖିଥାନ୍ତେ, ତେବେ ଲେଖକୀୟ ଦୃଷ୍ଟିଭଙ୍ଗୀ ତାଙ୍କର ବଦଳି ଯାଇଥାନ୍ତା।

ଏ ଜାତିର ଜଣେ ନମସ୍ୟ ଶିଳ୍ପୀ ନିଜ ଲିଖିତ ‘ଶିଳ୍ପ ଚନ୍ଦ୍ରିକା’ ପୁସ୍ତକରେ ୨୦ ପ୍ରକାର ମନ୍ଦିରର ନାମ ତାଲିକା ଦେଇଛନ୍ତି। ନବାକ୍ଷରୀ ବୃତ୍ତରେ ଦେଇଥିବା ବର୍ଣ୍ଣନା ଆମେ ଅବିକଳ ଦେଉଅଛୁ–

**ଦେଉଳ ଯେ ବିଂଶ ପ୍ରକାର, ବର୍ଣ୍ଣିମା**
**ତାହା ଶୁଣ ଧୀର।**
**ବୀର ଚାଳ ଯେ ନାହା ଚାଳ, ପୁଣି ହିଁ**
**ଫୁଲବନ୍ଧ ଚାଳ।**
**ଖଣ୍ଡିବନ୍ଧ ଯେ ଛନ୍ଦାବନ୍ଧ, ନବରଥର**
**ନାହିଁ ଚ୍ଛେଦ।**
**ସପ୍ତରଥ ଯେ ତିନିରଥ, ଦକ୍ଷିଣୀ**
**କାଟରେ ବସନ୍ତ।**
**ଲହଡ଼ି ମୁଦାଚାଳ ହେମ, ପଟଳ**
**ଏଥିନାହିଁ କାମ।**
**ବିରଥ ଶିବଚାଳ ଗୋଟି, ବୋଇତାଳ**
**ଯେ ଖଣ୍ଡାଛାଟି।**
**ଖଣ୍ଡାଶାଳ ଯେ ଖ୍ୟାତ ଯାର, ଆମ**
**ମନ୍ଦିର କାରବାର।**
**ରେଖ ଦେଉଳ ପୀଢ଼ ଜାଣ,**
**କାଠଚାଳିଆ ଜାଣ ପୁଣ।**

୨୦ଟି ମନ୍ଦିରର ନାମ ଲେଖିଲା ବେଳେ ଛନ୍ଦ ପଢ଼ିବା ପାଇଁ ଦୁଇଟି ନାମ ଲକ୍ଷଣୀୟ। ଚାଳହେମ ନୁହେଁ – ହେମଚାଳ। ଦକ୍ଷିଣୀ କାଟରେ ବସନ୍ତ ନୁହେଁ – ଦକ୍ଷିଣୀ କାଟ ବସନ୍ତ।

# ବଜେଟ ପ୍ରତିଶ୍ରୁତି ପୂର୍ଣ୍ଣ ହୋଇ ନ ପାରେ

**ନୂଆଦିଲ୍ଲୀ,୧୬।୫:** ଫେବୃୟାରୀରେ ଆସିଥିବା ସାଧାରଣ ବଜେଟକୁ ଅନେକେ ପ୍ରଶଂସା କରିଥିଲେ। କରୋନା କବଳିତ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଏହା ସହାୟକ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ବଜେଟରେ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏହା ପୂରଣ ହୋଇ ନ ପାରେ। କୋଭିଡ–୧୯ର ଦ୍ୱିତୀୟ ଲହର ଏଥିରେ ବାଧକ ସାଜିପାରେ ବୋଲି ବଜାର ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି।

ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ ସେବାରେ ବଡ ନିବେଶ ଦ୍ୱାରା ଏସିଆର ତୃତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥାକୁ ଟ୍ରାକକୁ ଆଣିବା ଲାଗି ସରକାର ଲକ୍ଷ୍ୟ ରଖିଥିଲେ। ଟିକସ ସଂଗ୍ରହକୁ ଉନ୍ନତ କରିବା ଏବଂ ଘରୋଇକରଣ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଅଗ୍ରସର ହୋଇଥିଲେ। ୧୦.୫% ଅଭିବୃଦ୍ଧିକୁ ନଜରରେ ରଖି ଚଳିତ ଆର୍ଥିକ ବର୍ଷରେ ସେହି ଅନୁସାରେ ଖର୍ଚ୍ଚ ଯୋଜନା ରଖାଯାଇଥିଲା। ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ ପରେ କହିଥିଲେ ଯେ, ଦେଶ ୧୦୦ ବର୍ଷ ମଧ୍ୟରେ ଦେଶ ଏଭଳି ବଜେଟ କେବେ ଦେଖି ନ ଥିବ।

ଆମେରିକା ପରେ ଭାରତରେ ବର୍ତ୍ତମାନ ସବୁଠାରୁ ବେଶି କରୋନା ସଂକ୍ରମଣ ଦେଖାଯାଇଛି। ଦୈନିକ ସଂକ୍ରମଣରେ ଘରୋଇ ବଜାର ରେକର୍ଡ କରୁଥିବା ବେଳେ ଦ୍ୱିତୀୟ ଲହର ଜିଡିପି ଆକଳନ ଉପରେ କଳାବାଦଲ ସୃଷ୍ଟି କରିଛି। ଭାରତର ଋଣ ବଢୁଥିବା ବେଳେ ନିବେଶକମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କରୋନା ସଂକ୍ରମଣ ବଢି ଚାଲିଥିବାରୁ ଏହା ବଜାରକୁ ପ୍ରଭାବିତ କରିଚାଲିଛି। ବଜେଟରେ ଭାକ୍ସିନ ଲାଗି ୩୫ ହଜାର କୋଟି ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଦ୍ୱିତୀୟ ଲହର ପାଇଁ ଜରୁରୀପାଣ୍ଠି ବ୍ୟବସ୍ଥା ହୋଇନାହିଁ। ଫଳରେ ସରକାର ଖର୍ଚ୍ଚ କାଟ କରିପାରନ୍ତି। ଏପଟେ ଘରୋଇକରଣ ସହ ଅନ୍ୟ ସଂସ୍କାର ପ୍ରକ୍ରିୟା ବିଳମ୍ବ ହେଉଥିବା ନଜରକୁ ଆସିଛି। କୋଭିଡ ପାଇଁ ଖର୍ଚ୍ଚ କାଟ ହେଲେ ଅଣଅଗ୍ରାଧିକାର କ୍ଷେତ୍ରକୁ କମ୍ ଗୁରୁତ୍ୱ ମିଳିପାରେ ବୋଲି ଆକଳନ କରାଯାଇଛି।

# କ୍ୱାରାଣ୍ଟାଇନ୍ ସେଣ୍ଟରରୁ ପୁଣି ୨ ଫେରାର

**ଆର.ଉଦୟଗିରି/ପାରଳାଖେମୁଣ୍ଡି, ୧୬।୫(ଡି.ଏନ.ଏ.)**

ଗଜପତି ଜିଲା ଲୁହାଗୁଡ଼ି ପଞ୍ଚାୟତ ଆଦିବାସୀ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଶନିବାର ରାତିରେ ୨ ଜଣ ଅନ୍ତେବାସୀ କରୋନା ପଜିଟିଭ ହେବା ଶୁଣି ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ଜଣେ ଫେରି ଆସିଥିବା ବେଳେ ଅନ୍ୟଜଣେ ଖବର ଲେଖିବା ସୁଦ୍ଧା ଫେରି ନ ଥିବା ଜଣାପଡିଛି। ସେଠାରେ ଖାଇବା ଓ ଅନ୍ୟାନ୍ୟ ସୁବିଧା ଠିକ୍ ଭାବେ ନ ମିଳିବାରୁ ଫେରାର ହୋଇଯାଉଥିବା ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରିବା ପରେ ରବିବାରରୁ ଉକ୍ତ ସେଣ୍ଟର ଦାୟିତ୍ୱ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କୁ ପ୍ରଦାନ କରାଯାଇଛି। ନୋଡାଲ ଅଫିସର ଦୟାନିଧି ନାୟକ କହିଛନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ଉକ୍ତ ସ୍ଥାନ ପରିଦର୍ଶନ କରିବା ପରେ ମେଡିକାଲ ଟିମ୍ ପହଞ୍ଚି କରୋନା ପଜିଟିଭ ଆକ୍ରାନ୍ତଙ୍କ ନାମ ଘୋଷଣା କରିଥିଲେ। ଏହା ଶୁଣି ପଜିଟିଭ୍‌ଙ୍କ ମଧ୍ୟରୁ ୨ଜଣ ତେଲଙ୍ଗାନା ଫେରନ୍ତା ଚମ୍ପଟ ମାରିଛନ୍ତି। ଜଣେ ଫେରି ଆସିଥିବା ବେଳେ ଅନ୍ୟଜଣେ ଫେରାର ଅଛନ୍ତି। ମୋହନା ଥାନାରେ ନୋଡାଲ ଅଫିସର ଲିଖିତ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ଉକ୍ତ କେନ୍ଦ୍ରରୁ ଶନିବାର ଆଉ ୨ଜଣ ଫେରାର ହୋଇଯାଇଥିଲେ। ସେମାନଙ୍କୁ ନିଜ ଘର ମୋହନା ବ୍ଲକ ଅଞ୍ଚଳରୁ ରବିବାର ପ୍ରଶାସନିକ ଅଧିକାରୀମାନେ ଫେରାଇ ଆଣିଥିଲେ। ପ୍ରଥମେ ତାଙ୍କୁ ଅଡବା ଥାନାରେ ହାଜର କରାଯାଇଥିଲା। ପରେ ସେଠାରୁ ଲୁହାଗୁଡି କ୍ୱାରାଣ୍ଟାଇନ ସେଣ୍ଟରକୁ ଅଣାଯାଇଥିଲା।

## ଖେଳ ଖବର


## ପୂର୍ବତନ କ୍ରିକେଟର ରାଜେନ୍ଦ୍ରସିନଙ୍କ ପରଲୋକ

**ରାଜକୋଟ,୧୬।୫(ପି.ଟି.)**

ସୌରାଷ୍ଟ୍ର ପୂର୍ବତନ କ୍ରିକେଟର ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ମ୍ୟାଚ୍ ରେଫରି ରାଜେନ୍ଦ୍ରସିନ ଜାଡେଜା ପରଲୋକ ଗମନ କରିଛନ୍ତି। କୋଭିଡ୍–୧୯ ସଂକ୍ରମଣର ଶିକାର ହୋଇ ସେ ୬୬ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ତରଫରୁ କୁହାଯାଇଛି। ଜାଡେଜାଙ୍କ ଅକାଳ ବିୟୋଗରେ ଏସ୍‌ସିଏ ତରଫରୁ ଶୋକ ପ୍ରକାଶ କରାଯାଇଛି। ରବିବାର ସକାଳେ ତାଙ୍କର ଦେହାନ୍ତ ହୋଇଛି।

ସେ ଜଣେ ଉଚ୍ଚକୋଟୀର ଡାହାଣହାତୀ ମିଡିୟମ ପେସର ଥିଲେ ଓ ଜଣାଶୁଣା ଅଲ୍‌ରାଉଣ୍ଡର ଥିଲେ। ସେ ୫୦ଟି ପ୍ରଥମଶ୍ରେଣୀ ଓ ୧୧ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ଯଥାକ୍ରମେ ୧୩୪ ଓ ୧୪ଟି ଉଇକେଟ ହାସଲ କରିଥିଲେ। ପ୍ରଥମ ଶ୍ରେଣୀରେ ସେ ୧,୫୩୬ ଓ ଲିଷ୍ଟ ଏ’ରେ ୧୦୪ ରନ ସଂଗ୍ରହ କରିଥିଲେ।

ଜାଡେଜା ବିସିସିଆଇ ଅଫିସିଆଲ ମ୍ୟାଚ୍ ରେଫରି ଭାବେ ୫୩ଟି ପ୍ରଥମଶ୍ରେଣୀ ମ୍ୟାଚ ପରିଚାଳନା କରିଛନ୍ତି। ସେ ମଧ୍ୟ ୧୮ଟି ଲିଷ୍ଟ ଏ ମ୍ୟାଚ୍ ଓ ୩୪ଟି ଟି୨୦ ମ୍ୟାଚ୍ ପରିଚାଳନା କରିଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ପାଇଁ ସେ ଚୟନକର୍ତ୍ତା, କୋଚ୍ ଓ ଟିମ୍ ମ୍ୟାନେଜର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୂର୍ବତନ ବିସିସିଆଇ ଓ ଏସ୍‌ସିଏ ସମ୍ପାଦକ ନିରଞ୍ଜନ ଶାହା ତାଙ୍କ ଦେହାନ୍ତରେ ଶୋକପ୍ରକାଶ କରିଛନ୍ତି। ସେହିପରି ଏସ୍‌ସିଏ ଅଧ୍ୟକ୍ଷ ଜୟଦେବ ଶାହା ମଧ୍ୟ ଶୋକ କରିଛନ୍ତି। ତାଙ୍କ ଦେହାନ୍ତରେ ଭାରତୀୟ କ୍ରିକେଟ ପାଇଁ ଏକ ବଡ଼ କ୍ଷତି ହୋଇଛି ବୋଲି ସେ କହିଛନ୍ତି।



ରାଜେନ୍ଦ୍ରସିନ ଜାଡେଜା

## ଆର୍ଚରଙ୍କ କହୁଣିରେ ପୁଣି ଯନ୍ତ୍ରଣା

**ଲଣ୍ଡନ, ୧୬।୫ (ପି.ଟି.):** ଇଂଲଣ୍ଡର ତାରକା ପେସ୍ ବୋଲର ଜୋଫ୍ରା ଆର୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିବା ନେଇ ସନ୍ଦେହ ଦେଖାଦେଇଛି। ସେ କେଣ୍ଟ ବିପକ୍ଷରେ ସସେକ୍ସ ପକ୍ଷରୁ କାଉଣ୍ଟି ଚାମ୍ପିୟନଶିପ୍ ଖେଳୁଥିବାବେଳେ ଆଘାତପ୍ରାପ୍ତ କହୁଣିରେ ପୁଣି ଯନ୍ତ୍ରଣା ଅନୁଭବ କରିଛନ୍ତି। ୨୬ ବର୍ଷୀୟ ଆର୍ଚରେ କହୁଣିରେ ଆଘାତ ପାଇବା ଇତିହାସ ବହୁତ ଲମ୍ବା। ଏହି କାରଣରୁ ସେ ଭାରତ ବିପକ୍ଷ ୨ଟି ଟେଷ୍ଟ ଏବଂ ଅଧାରୁ ସ୍ଥଗିତ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିପାରି ନ ଥିଲେ। ୨୦୨୦ ପ୍ରାରମ୍ଭରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ମଧ୍ୟ ସମାନ ଦଶା ଭୋଗିଥିଲେ। ଆହତ ସମସ୍ୟାରୁ ମୁକୁଳିବା ପରେ ସେ ସସେକ୍ସ ପକ୍ଷରୁ ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳିଥିଲେ। ବର୍ତ୍ତମାନର ସ୍ଥିତି ଯାହା ଆର୍ଚର ବୋଲିଂ କରିବା ଅସମ୍ଭବ ବୋଲି ସସେକ୍ସ ମୁଖ୍ୟ କୋଚ୍ ଇଆନ ସାଲିସବୁରି କହିଛନ୍ତି। ତେବେ ତାଙ୍କ ସମ୍ପର୍କରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ସେ ସୂଚନା ଦେଇଛନ୍ତି।

# ହାଇଜମ୍ପର ତେଜସ୍ୱିନ୍ ଶଙ୍କରଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୧୬।୫(ପି.ଟି.)**

ଭାରତୀୟ ହାଇଜମ୍ପର ତେଜସ୍ୱିନ୍ ଶଙ୍କର ଏକ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି। ସେ ଆମେରିକାର ମାନହଟନଠାରେ ଚାଲିଥିବା ବିଗ୍ ୧୨ ଆଉଟ୍‌ଡୋର ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

କାନ୍‌ସାସ ଷ୍ଟେଟ୍ ୟୁନିଭର୍ସିଟି ତରଫରୁ ପ୍ରତିନିଧିତ୍ୱ କରି ସେ ଶନିବାର ୨.୨୮ ମିଟର ଜମ୍ପମାରି ଏହି ସଫଳତା ପାଇଛନ୍ତି। ଏହି ସେସନରେ ତାଙ୍କର ଏହା ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ତେବେ ମାତ୍ର ଗୋଟିଏ ସେଣ୍ଟିମିଟର ପଛରେ ରହି ସେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନର ପଛରେ ରହିଛନ୍ତି। ୨୦୧୮ରେ ସେ ୨.୨୯ ମିଟର ସହିତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ଇଭେଣ୍ଟରେ ୟୁନିଭର୍ସିଟି ଅଫ୍ ଓକ୍ଲାହୋମାର ଭର୍ନନ ଟର୍ନର ୨.୨୫ ମିଟର ଓ ଟେକ୍ସାସ ଟେକ୍ ୟୁନିଭର୍ସିଟିର ଜେକ୍ୱାନ ହୋଗାନ ୨.୧୧ ମିଟର ଜମ୍ପମାରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ତେଜସ୍ୱିନ୍ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୧୯ରେ ମଧ୍ୟ ସେ ଏହି ସଫଳତା ପାଇଥିଲେ। ତେବେ ୨୦୨୦ରେ ୨୨ ବର୍ଷୀୟ ତେଜସ୍ୱିନ୍ କୋଭିଡ୍–୧୯ କାରଣରୁ ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ୨୦୧୭ରୁ ସେ ଆମେରିକାରେ ଅବସ୍ଥାନ କରିଆସୁଛନ୍ତି ଓ ଏକ ସ୍କଲାରଶିପ୍ ମାଧ୍ୟମରେ କାନ୍‌ସାସ ଷ୍ଟେଟ୍ ୟୁନିଭର୍ସିଟିରେ ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନରେ ଅଧ୍ୟୟନ କରୁଛନ୍ତି।



ତେଜସ୍ୱିନ୍ ଶଙ୍କର

# କ୍ରୋଏସିଆରେ ବିଏ ପରୀକ୍ଷା ଦେବେ ଶୁଟର ଭାକର

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

ଭାରତର ଷ୍ଟାର ଶୁଟର ମନୁ ଭାକର କ୍ରୋଏସିଆ ରାଜଧାନୀ ଜାଗ୍ରେବସ୍ଥିତ ଏକ ହୋଟେଲ ରୁମ୍‌ରେ ତାଙ୍କ ବିଏ ପରୀକ୍ଷା ଦେବେ। ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁଥିବା ଭାରତୀୟ ଶୁଟିଂ ଟିମ୍ ସହ ଭାକର କ୍ରୋଏସିଆ ଗସ୍ତ କରିଛନ୍ତି। ସେ ତାଙ୍କ ସାଥୀରେ ଶୁଟିଂ ସରଞ୍ଜାମ ସହ ପରୀକ୍ଷା ପାଇଁ ପ୍ରସ୍ତୁତି ଲାଗି ବହିପତ୍ର ମଧ୍ୟ ନେଇଛନ୍ତି। ସେଠାରେ ଟ୍ରେନିଂ ସହ ସେ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିବେ। ଅଲିମ୍ପିକ୍ସ ପ୍ରସ୍ତୁତି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ୧୯ ବର୍ଷୀୟା ଚାମ୍ପିୟନ ଶୁଟର ଭାକର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସମ୍ମାନଜନକ ଲେଡି ଶ୍ରୀରାମ୍ କଲେଜରେ ରାଜନୀତି ବିଜ୍ଞାନର ଜଣେ ଛାତ୍ରୀ। ମେ’ ୧୮ରେ ତାଙ୍କର ବିଏ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଓସିଜେକ୍‌ଠାରେ ୟୁରୋପିଆନ ଚାମ୍ପିୟନଶିପ୍ ଏହାର ଦୁଇଦିନ ପରେ ମେ’ ୨୦ରେ ଆରମ୍ଭ ହେବ। ଭାରତ ଏଥିରେ ଏକ ଆମନ୍ତ୍ରିତ ଦଳ ଭାବେ ଅଂଶଗ୍ରହଣ କରିବ। ଏହି ମହାଦେଶୀୟ ଟୁର୍ନାମେଣ୍ଟ ଓ ଭାକରଙ୍କ ପରୀକ୍ଷା ଏକ ସମୟରେ ଅନୁଷ୍ଠିତ ହେଉଥିଲେ ମଧ୍ୟ ତାଙ୍କ ଇଭେଣ୍ଟଗୁଡ଼ିକ ପରୀକ୍ଷା ଦିନ ନାହିଁ। ତାଙ୍କୁ ଉଭୟକୁ ଏକ ସଙ୍ଗେ ତୁଲେଇବାକୁ ପଡ଼ିବ। ଭାକର କହିଛନ୍ତି ପାଠପଢ଼ାକୁ ଯଦିଓ ସେ ଗୁରୁତ୍ୱ ଦିଅନ୍ତି ଶୁଟିଂ ପ୍ରତିଯୋଗିତାକୁ ସେ ଅଗ୍ରାଧିକାର ଦେବେ। ଟୋକିଓ ଅଲିମ୍ପିକ୍ସରେ ଭାକର ଦେଶ ପାଇଁ ପଦକ ଜିତିବେ ବୋଲି ଆଶା କରାଯାଉଛି। ୟୁଥ୍ ଅଲିମ୍ପିକ୍ସ, ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ଭାକର କହିଛନ୍ତି ୨୦୨୧ ହେଉଛି ଅଲିମ୍ପିକ୍ସ ବର୍ଷ। ଶ୍ରେଷ୍ଠ ପ୍ରଦର୍ଶନ ସହ ଦେଶକୁ ଗୌରବାନ୍ୱିତ କରିବା ତାଙ୍କର ମୂଳ ଲକ୍ଷ୍ୟ। ଭାକରଙ୍କ ପିତା ରାମକିଷନ ଭାକର ମର୍ଚ୍ଚାଣ୍ଟ ନେଭିରେ ଜଣେ ଚିଫ୍ ଇଞ୍ଜିନିୟର। କ୍ରୀଡ଼ାରେ ଝିଅର କ୍ୟାରିୟର ଗଢ଼ିତୋଳିବାରେ ତାଙ୍କର ବିଶେଷ ଭୂମିକା ରହିଛି। ଭାକର ତାଙ୍କ ଲିଖିତ ପରୀକ୍ଷାର ପ୍ରଶ୍ନୋତ୍ତର ମୋବାଇଲ ସ୍କାନର ଜରିଆରେ ପଠାଇବେ। ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ଟୋକିଓ ଅଲିମ୍ପିକ୍ସର ତିନୋଟି ଇଭେଣ୍ଟ ପାଇଁ ସେ ମନୋନୀତ ହୋଇଛନ୍ତି। ସେ ଅଭିଜ୍ଞ ରାହି ସାର୍ନୋବତ୍‌ଙ୍କ ସହ ମହିଳା ୨୫ ମିଟର ପିସ୍ତଲ ଏବଂ ଯଶସ୍ୱିନୀ ସିଂ ଦେଶୱାଲଙ୍କ ସହ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାଗ ନେବେ। ଭାକର ଆହୁରି ମଧ୍ୟ ସୌରଭ ଚୌଧାରୀଙ୍କ ସହ ୧୦ ମିଟର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାଗ ନେବେ। ମହାଦେଶୀୟ ଇଭେଣ୍ଟ ପରେ ଭାରତୀୟ ଶୁଟରମାନେ ଜୁନ୍ ୨୨ରୁ ଜୁଲାଇ ୩ ପର୍ଯ୍ୟନ୍ତ ସମାନ ସହର ଓସିଜେକ୍‌ଠାରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାଗ ନେବେ। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ୧୩ ଶୁଟର, ୭ କୋଚ୍, ୫ ଫିଜିଓ ଏବଂ ୨ ଜଣ ଭିଡିଓ କର୍ମଚାରୀ ଜାଗ୍ରେବ ସହରରେ ପହଞ୍ଚିଛନ୍ତି।





# ବିଶ୍ୱକପ୍ କ୍ୱାଲିଫିକେଶନରୁ ଓହରିଲା ଉତ୍ତର କୋରିଆ

**ସିଓଲ,୧୬।୫(ଏପି)**

କାତାରରେ ଆୟୋଜିତ ହେବାକୁ ଥିବା ୨୦୨୨ ବିଶ୍ୱକପ୍‌ରୁ ଉତ୍ତର କୋରିଆ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ସୂଚନା ଦେଇଛି। ଏସିଆନ କ୍ୱାଲିଫାୟର୍ସରୁ ଉତ୍ତର କୋରିଆ ଓହରିଯାଇଛି ବୋଲି ରବିବାର ସୂଚନା ଦେଇଛି। ତେବେ କୋରିଆ ଏ ନେଇ କୌଣସି କାରଣ ଦର୍ଶାଇ ନାହିଁ। ୨୦୨୨ ନଭେମ୍ବର, ଡିସେମ୍ବରରେ କାତାରରେ ଏହି କ୍ୱାଲିଫାଇଂ ଟୁର୍ନାମେଣ୍ଟ ଆୟୋଜନ ହେବ। ତେବେ କୋଭିଡ୍–୧୯ କାରଣରୁ ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥାଇପାରେ ବୋଲି ଦକ୍ଷିଣ କୋରିଆ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛି।

ନଭେମ୍ବର ୨୦୧୯ ପରଠାରୁ କୋଭିଡ୍–୧୯ କାରଣରୁ ଏସିଆରେ କୌଣସି କ୍ୱାଲିଫିକେଶନ ଟୁର୍ନାମେଣ୍ଟ ଆୟୋଜନ ହୋଇନାହିଁ। ଆଉ ୩ଟି ମ୍ୟାଚ୍ ବାକି ରହିଥିବା ବେଳେ ଗ୍ରୁପ୍ ଏଚ୍‌ରେ ଉତ୍ତର କୋରିଆ ଚତୁର୍ଥ ସ୍ଥାନରେ ରହିଛି। କେବଳ ଗ୍ରୁପ୍ ବିଜେତା ହିଁ ତୃତୀୟ ରାଉଣ୍ଡ କ୍ୱାଲିଫିକେଶନକୁ ଉଠିବାର ନିୟମ ରହିଛି। ଓହରିଯିବା ଫଳରେ ଉତ୍ତର କୋରିଆ ୨୦୨୩ ଏସିଆନ୍ କପ୍‌ରୁ ବାଦ୍ ପଡିବା ନିଶ୍ଚିତ ହୋଇଛି। ଏହି ଟୁର୍ନାମେଣ୍ଟ ଚାଇନାରେ ଆୟୋଜନ ହେବ। ଉଲ୍ଲେଖଥାଉ କି ପୂର୍ବରୁ ଗତ ମାସରେ ଉତ୍ତର କୋରିଆ ଟୋକିଓ ଅଲିମ୍ପିକ୍ସରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। କରୋନା ଭାଇରସ ସଂକ୍ରମଣରୁ ନିଜ ଆଥ୍‌ଲେଟଙ୍କୁ ରକ୍ଷା କରିବାକୁ ଉତ୍ତରକୋରିଆ ଏପରି ନିଷ୍ପତ୍ତି ନେଇଛି।

**୬ ହଜାର ରେଳ ଷ୍ଟେଶନରେ ମାଗଣା ୱାଇଫାଇ**

ଭାରତୀୟ ରେଳପଥ ପକ୍ଷରୁ ଝାଡଖଣ୍ଡର ହଜାରିବାଗରେ ମାଗଣା ୱାଇଫାଇ ସେବା ଶୁଭାରମ୍ଭ କରାଯାଇଛି। ଫଳରେ ଅଦ୍ୟାବଧି ୬୦୦୦ ରେଳ ଷ୍ଟେଶନରେ ଏଭଳି ସେବା ଯୋଗାଣ ଦିଗରେ ରେଲ୍‌ୱେ ସକ୍ଷମ ହୋଇଛି। ୨୦୧୬ରେ ମୁମ୍ବାଇ ଷ୍ଟେଶନରେ ରେଲ୍‌ୱେ ଏଭଳି ମାଗଣା ୱାଇଫାଇ ସେବା ଆରମ୍ଭ କରିଥିଲା। ପଶ୍ଚିମବଙ୍ଗର ମେଦିନାପୁର ଷ୍ଟେଶନ ଯୋଡିହେବା ଫଳରେ ଏହା ୫ ହଜାରରେ ପହଞ୍ଚିଥିଲା। ମେ ୧୫ରେ ଓଡ଼ିଶାର ଅନୁଗୋଳ ଜିଲା ଜରପଡା ଷ୍ଟେଶନରେ ମାଗଣା ୱାଇଫାଇ ସେବା ଉପଲବ୍ଧ କରାଯାଇଛି।



## ସଂକ୍ଷେପରେ

### ଜିଏସ୍‌ଟି ରିଫଣ୍ଡ ଲାଗି ସିବିଆଇସିର ପଦକ୍ଷେପ

**ମୁମ୍ବାଇ,୧୬।୫:** କ୍ଲିୟର ହୋଇ ପାରି ନ ଥିବା ଜିଏସ୍‌ଟି ରିଫଣ୍ଡକୁ ତ୍ୱରିତ ଭାବେ ପ୍ରଦାନ କରିବା ଲାଗି କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଛି। ମାସ ଶେଷ ସୁଦ୍ଧା ଟିକସଦାତାଙ୍କୁ ରିଫଣ୍ଡ ପ୍ରଦାନ ନେଇ ଏଭଳି ଯୋଜନା ହାତକୁ ନିଆଯାଇଛି। ୧୫ ଦିନ ଧରି ଏହି ପ୍ରକ୍ରିୟା ଜାରି ରହିବ ବୋଲି ଜଣାପଡିଛି। ସେହିଭଳି ସୀମା ଶୁଳ୍କ ଏବଂ ଡ୍ୟୁଟି ଡ୍ରବ୍ୟାକ ଲାଗି ଏଭଳି ସମାନ ପଦକ୍ଷେପ ମଧ୍ୟ ହାତକୁ ନିଆଯାଇଛି। ସିବିଆଇସି ପକ୍ଷରୁ ଏ ନେଇ ସମସ୍ତ ପ୍ରିନ୍ସିପାଲ କମିଶନରଙ୍କୁ ଅବଗତ କରାଯାଇଥିବା ଜଣାପଡିଛି। ବକେୟା ରହିଥିବା ଜିଏସ୍‌ଟି ରିଫଣ୍ଡ ଲୋକମାନେ ଠିକ୍ ସମୟରେ ଯେଭଳି ପାଇବେ ସେ ଉପରେ ଫୋକସ କରିବାକୁ କୁହାଯାଇଛି। ଫଳରେ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଏମ୍‌ଏସ୍‌ଏମ୍‌ଇ ଆଶ୍ୱସ୍ତି ଲାଭ କରିପାରିବ ବୋଲି କୁହାଯାଇଛି। ଚଳିତ ମାସ ୧୫ରୁ ୩୧ ତାରିଖ ଯାଏ 'ସ୍ପେଶାଲ ଜିଏସ୍‌ଟି ରିଫଣ୍ଡ ଡିସ୍‌ପୋଜାଲ ଡ୍ରାଇଭ' ଆରମ୍ଭ କରାଯାଇଥିବା ଜଣାପଡିଛି।

### ଏୟାରଟେଲ୍‌ର ମାଗଣା ପ୍ୟାକ୍

**ମୁମ୍ବାଇ,୧୬।୫:** ଏୟାରଟେଲ୍ ପକ୍ଷରୁ ଗ୍ରାହକଙ୍କ ପାଇଁ ବିଶେଷ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ୫୫ ନିୟୁତରୁ ଅଧିକ ନିମ୍ନ ଆୟବର୍ଗର ଗ୍ରାହକଙ୍କୁ ଏହାର ୪୯ ଟଙ୍କାର ପ୍ୟାକ୍ ମାଗଣାରେ ଯୋଗାଇଦେବ। ଏହା ୨୮ ଦିନର ବୈଧତା ସହିତ ୩୮ ଟଙ୍କାର ଟକ୍‌ଟାଇମ୍ ଏବଂ ୧୦୦ ଏମ୍‌ବି ଡାଟା ପ୍ରଦାନ କରୁଛି। ଏହି ପ୍ରୟାସ ମାଧ୍ୟମରେ ୫୫ ମିଲିୟନରୁ ଅଧିକ ଗ୍ରାହକ, ମୁଖ୍ୟତଃ ଗ୍ରାମାଞ୍ଚଳରେ, ସଂଯୁକ୍ତ ରହିବାକୁ ଏବଂ ଆବଶ୍ୟକ ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇବାକୁ ସକ୍ଷମ ହେବେ। ଦେଶରେ ଜାରି ରହିଥିବା ମହାମାରୀ ମଧ୍ୟରେ ନିମ୍ନ ଆୟ ବର୍ଗର ଗ୍ରାହକଙ୍କୁ ସଂଯୁକ୍ତ ରଖିବାରେ ସାହାଯ୍ୟ କରିବ। ସେହିଭଳି କମ୍ପାନୀର ୭୯ ଟଙ୍କାର ରିଚାର୍ଜ କୁପନ କିଣୁଥିବା ଏୟାରଟେଲ୍ ପ୍ରିପେଡ୍ ଗ୍ରାହକମାନେ ବର୍ତ୍ତମାନ ଏହାର ଦୁଇଗୁଣ ଫାଇଦା ପାଇବେ। ଏହି ଫାଇଦାଗୁଡ଼ିକ ଆସନ୍ତା ସପ୍ତାହରେ ଏୟାରଟେଲ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବାକୁ ଯାଉଛି।

# ହୋଟେଲ ଶିଳ୍ପର କ୍ଷତି ୧.୩୦ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୬।୫**

କୋଭିଡ୍-୧୯ ଯୋଗୁ ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ହୋଟେଲ ଶିଳ୍ପ ୧.୩୦ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିଛି। ଏହି ଶିଳ୍ପ ବର୍ତ୍ତମାନ ସଙ୍କଟ ସମୟ ଦେଇ ଗତି କରୁଥିବା ଫେଡେରେଶନ ଅଫ୍ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଫ୍‌ଏଚ୍‌ଆର୍‌ଏଆଇ) ପକ୍ଷରୁ ରବିବାର କୁହାଯାଇଛି। ଏ ନେଇ ଶିଳ୍ପର ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଶିଳ୍ପ ଲାଗି ସହାୟତା ଆଶା ରଖିଛନ୍ତି। ସରକାର ଆର୍ଥିକ ସହାୟତା ଯୋଗାଣ ଦ୍ୱାରା ହସ୍ପିଟାଲିଟି କ୍ଷେତ୍ରକୁ ଧ୍ୱଂସ ମୁଖରୁ ବଞ୍ଚାଇପାରିବେ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି।

୨୦୧୯-୨୦ରେ ଦେଶର ହୋଟେଲ ଶିଳ୍ପର ମୋଟ ରାଜସ୍ୱ ୧.୮୨ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୨୦-୨୧ରେ ଏହି ଶିଳ୍ପର ରାଜସ୍ୱ ୭୫% ପୋଛିହୋଇଯାଇଛି। କ୍ଷତି ପରିମାଣ ପ୍ରାୟ ୧.୩୦ ଲକ୍ଷ କୋଟି ଟଙ୍କା ହେବ ବୋଲି ଏଫ୍‌ଏଚ୍‌ଆର୍‌ଏଆଇ ପକ୍ଷରୁ ସୂଚନା ମିଳିଛି। ଧୀରେ ଧୀରେ ବ୍ୟବସାୟୀମାନେ କାରବାର ବନ୍ଦ କରି ଦେଉଥିବା ଦେଖାଯାଉଛି। ଅପରପକ୍ଷରେ ଏହି ଶିଳ୍ପରେ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ମଧ୍ୟ ବୃଦ୍ଧି ଘଟୁଛି। ୨୦୨୦ ମାର୍ଚ୍ଚ ପରଠାରୁ ଶିଳ୍ପ ବିଭିନ୍ନ ବୈଧାନିକ ଏବଂ ପୁଞ୍ଜିଗତ ଖର୍ଚ୍ଚ ତୁଲାଇବାକୁ ସଂଘର୍ଷ କରୁଛି। ଋଣ ଏବଂ ଏଥି ଜନୀତ ସୁଧ ବର୍ତ୍ତମାନ ପ୍ରଦାନ କରିବା କଷ୍ଟକର ହୋଇପଡୁଛି। ବର୍ତ୍ତମାନ ସ୍ଥିତିରେ ହୋଟେଲ ଶିଳ୍ପ ଦୁର୍ଦ୍ଦିନ ଦେଇ ଗତି କରୁଛି ବୋଲି ଏଫ୍‌ଏଚ୍‌ଆର୍‌ଏଆଇ ଉପସଭାପତି ଗୁରୁବକ୍ସିସ ସିଂ କୋହଲି ସୂଚନା ଦେଇଛନ୍ତି।

ଋଣ କିସ୍ତି ଉପରେ ମୋରାଟୋରିୟମ ନ ରହିବା ଏବଂ ସୁଧ ପ୍ରଦାନ କରିବା ଶିଳ୍ପ ଲାଗି ଏବେ କଷ୍ଟସାଧ୍ୟ ବ୍ୟାପାର ହୋଇଛି। ବର୍ତ୍ତମାନସ୍ଥିତିରେ ହୋଟେଲ ଶିଳ୍ପର ସମସ୍ୟାକୁ ନଜରରେ ରଖି ସରକାର ବିଭିନ୍ନ ନୀତିଗତ ଏବଂ ଆର୍ଥିକ ସହାୟତା ଯୋଗାଣ ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କୋହଲି ମତ ରଖିଛନ୍ତି। ହୋଟେଲ ଶିଳ୍ପକୁ ଦେବାକୁ ପଡୁଥିବା ବିଭିନ୍ନ ଷ୍ଟାଚ୍ୟୁଟୋରି ଚାର୍ଜ ଛାଡ କରିବା, ସମ୍ପତ୍ତି ଟିକସ ଛାଡ, ୱାଟର ଚାର୍ଜ, ଇଲେକ୍ଟ୍ରିସିଟି ଏବଂ ଏକ୍ସାଇଜ ଲାଇସେନ୍ସ ଫି' ଲକ୍‌ଡାଉନ ସମୟରେ ଛାଡ କରିବାକୁ ଦାବି ହୋଇଛି। ହୋଟେଲ ଶିଳ୍ପରେ କାର୍ଯ୍ୟ କରୁଥିବା ଅଂଶୀଦାର ଏବଂ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ସଂଘର ଯୁଗ୍ମ ସମ୍ପାଦକ ପ୍ରଦୀପ ସେଟ୍ଟୀ ସୂଚନା ଦେଇଛନ୍ତି।




- ୭୫% ରାଜସ୍ୱ ଧୋଇନେଲା କୋଭିଡ୍
- ସରକାରଙ୍କ ସହାୟତା ଲୋଡ଼ିଲା ଏଫ୍‌ଏଚ୍‌ଆର୍‌ଏଆଇ

# ଟିକସ ଅର୍ଥ ଅସୁଲ କରିବ କେୟର୍ନ

**ମୁମ୍ବାଇ,୧୬।୫**


ଭାରତ ସରକାରଙ୍କଠାରୁ ପାଇବାକୁ ଥିବା ଟିକସ ଫେରସ୍ତ ବାବଦ ଅର୍ଥ ଅସୁଲ କରିବା ଲାଗି ବ୍ରିଟେନର କେୟର୍ନ ଏନର୍ଜି ବର୍ତ୍ତମାନ ଅଗ୍ରସର ହୋଇଛି। ନିଜ ଅର୍ଥ ପାଇବା ଲାଗି ଏହି କମ୍ପାନୀ ବିଦେଶରେ ପ୍ରାୟ ୭୦ ବିଲିୟନ ଡଲାରର ଭାରତୀୟ ସମ୍ପତ୍ତି ଉପରେ ନଜର ରଖିଛି। ଏହି ସବୁ ସମ୍ପତ୍ତିକୁ ଜବତ କରିବା ନେଇ କମ୍ପାନୀ ଯୋଜନା ରଖିଥିବା କୁହାଯାଉଛି। ଭାରତ ସରକାରଙ୍କ ଉପରେ ଏହି କମ୍ପାନୀର ୧.୭୨ ବିଲିୟନ ଡଲାରର ଅର୍ଥ ବକେୟା ରହିଛି। କେୟର୍ନ ଯଦି ଏଭଳି କରିବାକୁ ସକ୍ଷମ ହୁଏ ତେବେ ଭାରତ, ପାକିସ୍ତାନ ଏବଂ ଭେନେଜୁଏଲା ଭଳି ଦେଶ ସମୂହଙ୍କ ଭଳି ସ୍ଥିତି ସାମ୍ନା କରିବ। ପୂର୍ବରୁ ଏହି ଦେଶଗୁଡିକର ଏଭଳି ସ୍ଥିତି ଦେଖିବାକୁ ପଡିଛି। ନିର୍ଦ୍ଧାରିତ ହୋଇଥିବା ସମ୍ପତ୍ତି ମଧ୍ୟରେ ଏୟାର ଇଣ୍ଡିଆ ବିମାନ, ଶିପିଂ କର୍ପୋରେଶନର ଜାହାଜ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ସମ୍ପତ୍ତି, ରାଷ୍ଟ୍ରାୟତ୍ତ ତୈଳ ଏବଂ ବାଷ୍ପ କମ୍ପାନୀଗୁଡିକର ଜାହାଜ ସାମିଲ ହୋଇଥିବା ପ୍ରକ୍ରିୟା ସହ ଜଡିତ ୩ ଅଧିକାରୀ କହିଛନ୍ତି। ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତଙ୍କ ରାୟକୁ ସମ୍ମାନ ନ ଜଣାଇ ଭାରତ ଯଦି ଧାର୍ଯ୍ୟ ରାଶି କେୟର୍ନକୁ ପ୍ରଦାନ କରେ ତେବେ କମ୍ପାନୀ ପୁଣି ଥରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ନେଇ ଯୋଜନା ବନାଉଛି। କେୟର୍ନ ଯଦି ଏଭଳି କାର୍ଯ୍ୟାନୁଷ୍ଠାନ ନିଏ ଭାରତ ସରକାର ଏହାକୁ ଚ୍ୟାଲେଞ୍ଜ କରିବେ ବୋଲି କୁହାଯାଉଛି।



# ବିଦେଶୀ ନିବେଶକ ଉଠାଇ ନେଲେ ୬୪୫୨ କୋଟି

**ମୁମ୍ବାଇ,୧୬।୫**

କୋଭିଡ୍-୧୯ର ଦ୍ୱିତୀୟ ଲହର ପୁଞ୍ଜି ବଜାର ନିବେଶକଙ୍କ ମନକୁ ପ୍ରଭାବିତ କରିଛି। ଫଳରେ ଫରେନ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ପୁଞ୍ଜି ବଜାରରୁ ଚଳିତ ମାସ ବର୍ତ୍ତମାନ ସୁଦ୍ଧା ୬୪୫୨ କୋଟି ଟଙ୍କା ଉଠାଇ ନେଲେଣି। ଡିପୋଜିଟୋରି ଡାଟା ମୁତାବକ, ଏହି ନିବେଶକମାନେ ଇକ୍ୱିଟିରୁ ୬୪୨୭ କୋଟି ଟଙ୍କା ଏବଂ ଡେଟ୍ ସେଗ୍‌ମେଣ୍ଟରୁ ୨୫ କୋଟି ଟଙ୍କା ଉଠାଇଛନ୍ତି। ଚଳିତ ମାସ ପହିଲାରୁ ୧୪ ତାରିଖ ମଧ୍ୟରେ ଏଭଳି ଉଠାଣ ହୋଇଛି। ପୁଞ୍ଜି ବଜାରରୁ ମୋଟ ୬୪୫୨ କୋଟି ଟଙ୍କା ପ୍ରତ୍ୟାହାର ହୋଇଛି। ଦ୍ୱିତୀୟ ଲହର, ଲକ୍‌ଡାଉନ ବୃଦ୍ଧି, ଜିଡିପି ଉପରେ ପ୍ରଭାବ ଆଶଙ୍କା ଏବଂ କର୍ପୋରେଟଗୁଡିକର ଲାଭ ଉପରେ କୋଭିଡ୍‌ର ପ୍ରଭାବକୁ ନଜରରେ ରଖି ନିବେଶକମାନେ ଏଭଳି ମନୋଭାବ ଆପଣାଉଥିବା ଜିଓଜିତ ଫାଇନାନ୍ସିଆଲ ସର୍ଭିସେସ୍‌ର ମୁଖ୍ୟ ନିବେଶ ଷ୍ଟ୍ରାଟେଜିଷ୍ଟ ଏସ୍.କେ.ବିଜୟ କୁମାର ସୂଚନା ଦେଇଛନ୍ତି। ଏହାର ପୂର୍ବ ମାସରେ ବିଦେଶୀ ନିବେଶକମାନେ ଉଭୟ ଇକ୍ୱିଟି ଏବଂ ଡେଟ୍ ସେଗ୍‌ମେଣ୍ଟରୁ ୯, ୪୩୫ କୋଟି ଟଙ୍କା ଉଠାଣ କରିଥିଲେ।



# ଜିଡିପି ୯% ରହିବ: କେୟାର ରେଟିଂ

**ଭୁବନେଶ୍ୱର,୧୬।୫**

କରୋନା ମହାମାରୀର ୨ୟ ଲହର ଭାରତ ବଜାର ଉପରେ ଗଭୀର ପ୍ରଭାବ ପକାଇଛି। ସଂକ୍ରମଣକୁ ରୋକିବା ପାଇଁ ଦେଶ ମଧ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ହୋଇଛି। ଏଭଳି ସ୍ଥିତିରେ ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶର ଜିଡିପି ପ୍ରାୟ ୯% ରହିବ ବୋଲି ଏକ ସର୍ଭେରୁ ଜଣାପଡିଛି। ଆର୍ଥିକ ନିବେଶ ଓ ପୁଞ୍ଜି ବଜାର ଉପରେ କାର୍ଯ୍ୟ କରୁଥିବା ଦେଶର ଅଗ୍ରଣୀ ସଂସ୍ଥା କେୟାର ରେଟିଂ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ଦେଶର ବାଣିଜ୍ୟିକ କାରବାର ମାନ୍ଦା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ପକ୍ଷରୁ ଲାଗୁ କରାଯାଇଥିବା କଟକଣା ଫଳରେ ବର୍ତ୍ତମାନ ବଜାର ମାନ୍ଦା ରହିଛି। ଏଭଳି ପରିସ୍ଥିତି ଆଗାମୀ ଜୁନ ପର୍ଯ୍ୟନ୍ତ ରହିପାରେ। ବର୍ତ୍ତମାନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ୮୦% ରହିଛି।

# ଛିଡ଼ା ହୋଇ ରହିଛି ୯୫ ଲକ୍ଷ ଟ୍ରକ୍

**ମୁମ୍ବାଇ,୧୬।୫**

ଲକଡାଉନ୍ ଯୋଗୁ ଦେଶର ପ୍ରାୟ ୬୫% ଟ୍ରକ୍ ବର୍ତ୍ତମାନ ବନ୍ଦ ହୋଇ ପଡିଛି। ବିଭିନ୍ନ ରାଜ୍ୟରେ ଏହି କ୍ଷେତ୍ରକୁ ୪୨ ହଜାର କୋଟି ଟଙ୍କା କ୍ଷତି ସହିବାକୁ ପଡିଛି ବୋଲି ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ (ଏଆଇଏମ୍‌ଟିସି) ପକ୍ଷରୁ ସୂଚନା ମିଳିଛି। ସାମଗ୍ରୀ ପରିବହନ ଏବଂ ଅତ୍ୟାବଶ୍ୟକ ସେବା ଯୋଗାଣ କ୍ଷେତ୍ରରେ ଏହି କ୍ଷେତ୍ରର ଏକ ପ୍ରମୁଖ ଭୂମିକା ରହିଛି। ମାତ୍ର କର୍ଫ୍ୟୁ ଏବଂ ଲକ୍‌ଡାଉନ ଯୋଗୁ ଉକ୍ତ କ୍ଷେତ୍ର ସମସ୍ୟା ଦେଇ ବର୍ତ୍ତମାନ ଗତି କରୁଛି। ସମସ୍ୟା ରହିଥିବାରୁ ସରକାର ସହାୟତା ଦିଅନ୍ତୁ ବୋଲି ସଂଘ ପକ୍ଷରୁ ନିବେଦନ କରାଯାଇଛି। ଋଣ କିସ୍ତି କ୍ଷେତ୍ରରେ ଆଶ୍ୱସ୍ତି, ବିନା କୌଣସି କୋଲାଟେରାଲରେ ସଫ୍ଟ ଲୋନ ପ୍ରୋଭିଜନ, ଟିକସ ଛାଡ, ବୀମା ବୈଧତା ଅବଧି ବୃଦ୍ଧି ଭଳି ବିଭିନ୍ନ ସୁବିଧା ଯୋଗାଣ ଦିଗରେ ପଦକ୍ଷେପ ଆସିବାର ଆବଶ୍ୟକତା ରହିଛି ବୋଲି ସଂଘର ଅଧ୍ୟକ୍ଷ ବାଲ୍ ମାଲକିତ ସିଂ କହିଛନ୍ତି।

ଏହି କ୍ଷେତ୍ରକୁ ଯଦି ସରକାର କୌଣସି ସହାୟତା ପ୍ରଦାନ ନ କରନ୍ତି ତେବେ ଶିଳ୍ପର ସମସ୍ୟା ବଢିଯିବ। ଟ୍ରକ୍ ମାଲିକମାନେ କାରବାର ହରାଇବାର ଆଶଙ୍କା ରହିଥିବା ବେଳେ ଉକ୍ତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନେକ ଲୋକ ଚାକିରି ହରାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦେଶର ପ୍ରାୟ ୮୦% ବର୍ତ୍ତମାନ ଲକ୍‌ଡାଉନ ରହିଛି। ଫଳରେ ପ୍ରାୟ ୯୫ ଲକ୍ଷ ଟ୍ରକ୍ ବର୍ତ୍ତମାନ ଛିଡା ହୋଇଛି। ଚାହିଦା କମ୍ ଥିବାରୁ କେବଳ ୪୦ ଲକ୍ଷ ଟ୍ରକ୍ ବର୍ତ୍ତମାନ ଚଳାଚଳ କରୁଥିବା ସିଂ ମତ ପ୍ରକାଶ କରିଛନ୍ତି।

ସିଂ ପୁଣି କହିଛନ୍ତି, ଟ୍ରକ୍ ଚଳାଚଳ କ୍ଷେତ୍ରର ଦୈନିକ କ୍ଷତି ୧୬୦୦ କୋଟି ଟଙ୍କା ରହିଛି। ଏହା ଏପ୍ରିଲ ପ୍ରାରମ୍ଭରେ ୪୦୦ କୋଟି ଟଙ୍କା ରହିଥିଲା। କୋଭିଡ୍ କଟକଣା ବଢିବା ଯୋଗୁ ବର୍ତ୍ତମାନ ଅଧିକାଂଶ ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏପ୍ରିଲର ପ୍ରଥମ ୧୫ ଦିନରେ ଶିଳ୍ପର କ୍ଷତି ୪୦୦ କୋଟି ଟଙ୍କା ଥିଲା ଏବଂ ୩୦ ଏପ୍ରିଲ ବେଳକୁ ଏହା ୮୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଏହା ୨ ଗୁଣ ବଢି ୧୬୦୦ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ମୋଟ କ୍ଷତି ପ୍ରାୟ ୪୨ ହଜାର କୋଟି ଟଙ୍କା ରହିଛି। ସେହିଭଳି ଡିଜେଲ ଦର ବୃଦ୍ଧି ଶିଳ୍ପର ସମସ୍ୟାକୁ ଆହୁରି ବଢାଇଛି ବୋଲି ସିଂ ସ୍ପଷ୍ଟ କରିଛନ୍ତି।

**ଟ୍ରକର୍ସଙ୍କୁ ୪୨ ହଜାର କୋଟିର ଝଟକା**



## ଫୁର୍‌ସତ୍

# ସିନେମାରେ ନୂଆ ଟ୍ରେଣ୍ଡ୍

**ଅଦୃଶ୍ୟ ଭୂତାଣୁ ସହ ଚାଲିଛି ଲଢ଼େଇ। ବିପଦରେ ପଡ଼ିଛି ମଣିଷ ଜୀବନ। ପ୍ରଭାବିତ ହେଉଛି ଜୀବିକା। ଏଥିରୁ ବାଦ୍ ପଡ଼ିନି ସୃଜନଶୀଳ କ୍ଷେତ୍ର। ମନୋରଞ୍ଜନର ଅନ୍ୟତମ ପ୍ରମୁଖ ମାଧ୍ୟମ ରୁପେଲି ପରଦା ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। କୋଭିଡ୍ ଗାଇଡ୍‌ଲାଇନ୍‌କୁ ଖାପଖୁଆଇବା ଭଳି କାହାଣୀ ଲେଖିବା ଏବଂ ଏହାକୁ ନିର୍ଦ୍ଦେଶନା ଦେବା ଉଭୟ କାହାଣୀକାର ଓ ନିର୍ଦ୍ଦେଶକଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ମହାମାରୀ ସିନେମା ଶିଳ୍ପକୁ ଦୋହଲାଇ ଦେଇଥିବାବେଳେ ନିକଟ ଭବିଷ୍ୟତରେ ଆସିବାକୁ ଥିବା ସିନେମା ଏବଂ ଓଟିଟି ପ୍ଲାଟ୍‌ଫର୍ମରେ ୱେବ୍‌ସିରିଜ୍‌ରେ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିବ।**



**ନୂଆଦିଲ୍ଲୀ:** କରୋନା ସମୟରେ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି ଚଳଚ୍ଚିତ୍ର ଶିଳ୍ପ। ସିନେମା ନିର୍ଦ୍ଦେଶକ ଏବଂ ୱେବ୍‌ସିରିଜ୍‌ର କାହାଣୀକାର ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ସାମାଜିକ ଦୂରତ୍ୱ ନିୟମ, କୋଭିଡ୍ ଗାଇଡ୍‌ଲାଇନ୍‌ର କଡ଼ା କଟକଣା ଭିତରେ ସେମାନଙ୍କୁ ଚଳଚ୍ଚିତ୍ରର କାହାଣୀ ବିଷୟରେ ଭାବିବାକୁ ପଡୁଛି। ଏଥିରେ ଦର୍ଶକଙ୍କ ରୁଚି ଊଣା ଅଧିକେ ପ୍ରଭାବିତ ହେବା ସ୍ୱାଭାବିକ। କୋଭିଡ୍-୧୯ ସମୟରେ ନିର୍ମାଣ କରାଯାଉଥିବା ସିନେମାରେ ଗୀତ, ନୃତ୍ୟ, ଭିଡ଼, ଅନ୍ତରଙ୍ଗ ଦୃଶ୍ୟ, ବିଦେଶରେ ଶୁଟିଂକୁ କାଟଛାଣ୍ଟ କରାଯାଉଛି। ତଦନୁଯାୟୀ ସ୍କ୍ରିପ୍ଟ ଲେଖାଯାଉଛି। ତେଣୁ ଆଗାମୀ ଦିନରେ ମୁକ୍ତିଲାଭ କରିବାକୁ ଥିବା ସିନେମାରେ ଦର୍ଶକଙ୍କୁ ହୁଏତ ନିଜ ପସନ୍ଦର ଦୃଶ୍ୟ ଦେଖିବାକୁ ମିଳିବ ନାହିଁ।

ଗୀତକୁ ବାଦ୍‌ଦେଇ ସିନେମାର ପରିକଳ୍ପନା କରାଯାଇ ନ ପାରେ। ହେଲେ ଗୀତକୁ ସଫଳତାର ସହ ପରଦାକୁ ଆଣିବା ସେତିକି ଚ୍ୟାଲେଞ୍ଜିଂ। ଏଥିଲାଗି ଅଲଗା ଅଲଗା ସ୍ଥାନରେ ଶୁଟିଂ କରିବାକୁ ପଡ଼େ ଏବଂ ଏଥିରେ ଅନେକ କର୍ମଚାରୀ ନିୟୋଜିତ ହୋଇଥାଆନ୍ତି। ହେଲେ କରୋନା ସମୟରେ ଏସବୁ କାର୍ଯ୍ୟ ସହଜସାଧ୍ୟ ନୁହେଁ। ତେଣୁ ହାତଗଣତି କର୍ମଚାରୀଙ୍କୁ ନେଇ କାମ କରିବାକୁ ନିର୍ଦ୍ଦେଶକମାନେ ଯୋଜନା କରୁଛନ୍ତି। ପ୍ରଯୋଜକମାନେ ମୁଖ୍ୟ କଳାକାରଙ୍କ କୋଭିଡ୍ ପରୀକ୍ଷା, ରହଣି, ଖାଦ୍ୟପେୟ ବ୍ୟବସ୍ଥା କଷ୍ଟେମଷ୍ଟେ କରି ଦେଉଛନ୍ତି। ହେଲେ ଏବେର ପରିସ୍ଥିତିରେ ଶତାଧିକ କର୍ମଚାରୀଙ୍କୁ ଘରୁ ନେବାଆଣିବା କରିବା, କରୋନା ସଂକ୍ରମଣ ଏଡ଼ାଇବାକୁ ଆବଶ୍ୟକ ପଦକ୍ଷେପ ନେବା ସେମାନଙ୍କ ଲାଗି କାଠିକର ପାଠ ହେଉଛି। ସେହିପରି ଅନ୍ତରଙ୍ଗ ଦୃଶ୍ୟ ଶୁଟିଂ ଲାଗି ଦୁଇ କଳାକାର ପରସ୍ପର ନିକଟତର ହେବା ଜରୁରୀ। ହେଲେ ସଂକ୍ରମଣ ଭୟରେ କଳାକାରମାନେ ଏଭଳି ଦୃଶ୍ୟରୁ ଦୂରେଇବା ଆରମ୍ଭ କଲେଣି। ତେଣୁ ଆସନ୍ତା ୬ ମାସ ଯାଏ ଓଟିଟି ଏବଂ ଅନ୍ୟ ଡିଜିଟାଲ ପ୍ଲାଟ୍‌ଫର୍ମରେ ରିଲିଜ୍ ହେବାକୁ ଥିବା ସିନେମା ଏବଂ ୱେବ୍ ସିରିଜରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। କମ୍ ସଂଖ୍ୟକ କଳାକାରଙ୍କୁ ନେଇ ଏକ ଘର କିମ୍ବା ରିସର୍ଟରେ ଯେପରି ସହଜରେ ଚଳଚ୍ଚିତ୍ର କରାଯାଇପାରିବ ତାହା ଉପରେ ବେଶି ଗୁରୁତ୍ୱ ଦିଆଯାଉଛି।

### କମ୍ ଚରିତ୍ରକୁ ନେଇ କାହାଣୀ

କ୍ଷୁଦ୍ର ଚଳଚ୍ଚିତ୍ର ରିଲିଜ୍ କରୁଥିବା ପ୍ଲାଟ୍‌ଫର୍ମ 'ବିଗ୍ ବ୍ୟାଙ୍ଗ୍ ଆମ୍ୟୁଜମେଣ୍ଟ'ର ପ୍ରତିଷ୍ଠାତା ସୁଦୀପ ମୁଖାର୍ଜୀ କୁହନ୍ତି, ଏବେ ଚଳଚ୍ଚିତ୍ରର କାହାଣୀ ଉପରେ ଅଧିକ ଫୋକସ୍ କରାଯାଉଛି। ହାତଗଣତି ଚରିତ୍ରକୁ ନେଇ ଭଲ ସିନେମା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଉଛି। କରୋନା ମହାମାରୀ ଭଳି ପ୍ରତିକୂଳ ସମୟରେ ସିନେମା ନିର୍ମାଣ କରିବା ଏକ କଳା। ଏକ ପ୍ରଡକ୍ସନ ହାଉସର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, ଏବେ ପାରମ୍ପରିକ ଭାବେ ସିନେମା ନିର୍ମାଣ କରିବାର ଯୁଗ ଶେଷ ହୋଇଯାଇଛି। ରାଜକୁମାର ରାଓଙ୍କ 'ଟ୍ରାପ୍‌ଡ୍', ରାମଗୋପାଲ ବର୍ମାଙ୍କ 'କୌନ୍' ଭଳି ସ୍କ୍ରିପ୍ଟର ଚାହିଦା ବଢ଼ିଛି। କାରଣ ଏଭଳି ସିନେମାର ମୁଖ୍ୟ କଳାକାର ଗୋଟିଏ ଘର ଭିତରେ ସୀମିତ।

# ମଝିରେ କାଚ ବାଡ଼ ରଖି ପ୍ରେମ

**ମୁମ୍ବାଇ:** କରୋନାରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ଓ ମାସ୍କ ମୁଖ୍ୟ କବଚ। ଏହି କଟକଣା ପାଳନ ଦ୍ୱାରା ଜଣେ ଅନେକାଂଶରେ ନିଜକୁ ସୁରକ୍ଷିତ ରଖିପାରିବ। ପରିବାରର କେହି ସଦସ୍ୟ କରୋନାରେ ଆକ୍ରାନ୍ତ ହେଲେ ମଧ୍ୟ ଏହି କଟକଣା ପାଳନ କରି ମାନସିକ ଚାପରୁ ନିଜେ ଓ ସଂକ୍ରମିତ ମଧ୍ୟ ଦୂରେଇ ରହିପାରିବେ, ଯାହା ନିକଟରେ କରି ଦେଖାଇଛନ୍ତି ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଶିଳ୍ପାଙ୍କୁ ଛାଡ଼ି ତାଙ୍କୁ ଶାଶୁ, ତାଙ୍କ ମା, ପୁଅ ଭିଆନ, ଝିଅ ସମିଶା ଏବଂ ସ୍ୱାମୀ ରାଜ କୁନ୍ଦ୍ରା କରୋନା ଆକ୍ରାନ୍ତ ହୋଇଛନ୍ତି। ଏହି ସମୟରେ ସେ ପରିବାର ଲୋକଙ୍କଠାରୁ ଅଲଗା ରହୁଛନ୍ତି। ତେବେ ସେ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ପାଖେ ପାଖେ ରହିଛନ୍ତି। ଶିଳ୍ପା ନିଜ ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ଶିଳ୍ପା ଦୁଇଟି ମାସ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ମୁହଁକୁ ଚାହିଁଛନ୍ତି। ରାଜ ମଧ୍ୟ ତାଙ୍କୁ ଚାହିଁଛନ୍ତି। କିନ୍ତୁ ମଝିରେ କାଚ ବାଡ ରହିଛି। ଫଳରେ ଉଭୟ ପରସ୍ପରକୁ ସ୍ପଷ୍ଟ ଭାବେ ଦେଖି ପାରୁଛନ୍ତି। ସେ ଫଟୋ ଶେୟାର କରି ଲୋକମାନଙ୍କୁ ଏହି ମହାମାରୀରୁ ସକାରାତ୍ମକ ଭାବରେ ବାହାରକୁ ଆସିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କରୋନା ପରିବେଶରେ ପ୍ରେମ। ସେ ଆହୁରି ଲେଖିଛନ୍ତି, ପ୍ରାର୍ଥନା ପାଇଁ ସମସ୍ତଙ୍କୁ ଧନ୍ୟବାଦ।



ଶିଳ୍ପା ଶେଟ୍ଟୀ

# ବାଘ ଆଖିରେ ଅସ୍ତ୍ରୋପଚାର



**କେମ୍ବ୍ରିଜ:** ପ୍ରଥମ ଥର ପାଇଁ ଏକ ବାଘ ଆଖିର ସଫଳ ଅସ୍ତ୍ରୋପଚାର କରାଯାଇଛି। କେମ୍ବ୍ରିଜ୍ ନିକଟରେ ଥିବା ଶେପ୍ରେଥ୍ ୱାଇଲ୍ଡ ଲାଇଫ୍ ପାର୍କରେ ୧୭ ବର୍ଷୀୟ 'ରତ୍ନା' ନାମକ ଏକ ସୁମାତ୍ରାନ ବାଘର ବାମ ଆଖିରେ ବନ୍ୟପ୍ରାଣୀ ଡାକ୍ତର ପ୍ରାୟ ୨ ମାସ ତଳେ ଅପରେଶନ କରିଥିଲେ। ଏହା ପୂର୍ବରୁ ରତ୍ନାର ଆଖିରେ ଥିବା ମୋତିଆବିନ୍ଦୁକୁ ବାହାର କରାଯାଇଥିଲା। କିନ୍ତୁ ପରେ ବାଘ ଆଖିରେ କର୍ନିଆଲ ଅଲ୍‌ସର ବା ଏକପ୍ରକାର ଘା' ହୋଇଯାଇଥିଲା। କେମ୍ବ୍ରିଜ୍ ବିଶ୍ୱ ବିଦ୍ୟାଳୟର କୁଇନ୍ସ ଭେଟେରେନାରି ସ୍କୁଲ ହସ୍ପିଟାଲରେ ଡାକ୍ତର ଡେଭିଡ୍ ୱିଲିୟମ୍ ଅଧାଘଣ୍ଟା ଧରି ରତ୍ନାର ଆଖି ଅସ୍ତ୍ରୋପଚାର କରିଥିଲେ। ଦୁଇମାସ ପରେ ଏବେ ରତ୍ନା ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବା ୱିଲିୟମ୍ କହିଛନ୍ତି। କୌଣସି ବାଘ ଆଖିରେ ଏପରି ଅସ୍ତ୍ରୋପଚାର ବିରଳ ଏବଂ ଏହା ବିଶ୍ୱରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

### ବିଶ୍ୱରେ ପ୍ରଥମ

**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

# ବିଗ୍ ବି ନେଲେ ଦ୍ୱିତୀୟ ଡୋଜ

**ମୁମ୍ବାଇ:** ବଲିଉଡ୍ ବିଗ୍ ବି ଅମିତାଭ ବଚ୍ଚନ ରବିବାର କରୋନା ଟିକାର ଦ୍ୱିତୀୟ ଡୋଜ ନେଇଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଫଟୋ ଅପ୍‌ଲୋଡ କରିଛନ୍ତି। ଗତମାସରେ ସେ କରୋନା ଟିକାର ପ୍ରଥମ ଡୋଜ ନେଇଥିଲେ। ପୋଷ୍ଟରେ ସେ ଲେଖିଛନ୍ତି, 'ଦୁସ୍‌ରା ଭି ହୋ ଗୟା, କୋଭିଡ ୱାଲା, କ୍ରିକେଟ ୱାଲା ନେହିଁ। ଏକ ଗ୍ରୀନ ଟି-ଶର୍ଟ ସହିତ ବ୍ଲାକ ପ୍ୟାଣ୍ଟ ଏଂ ବ୍ଲାକ ମାସ୍କ ତଥା ମୁଣ୍ଡରେ ବଣ୍ଡାନା ପିନ୍ଧି ସେ ଟିକା ନେଉ ଥିବା ଫଟୋରେ ଦେଖିବାକୁ ମିଳିଛି।



# ଆମ୍ବୁଲାନ୍ସରେ ରୋମାନ୍ସ

**ବାରାଣସୀ:** ଆମ୍ବୁଲାନ୍ସ ଭିତରେ ରୋମାନ୍ସ କରୁଥିବା ସମୟରେ ପୋଲିସ ହାତରେ ଧରାପଡ଼ିଛନ୍ତି ୩ ଯୁବକ ଏବଂ ଜଣେ ଯୁବତୀ। ଏଭଳି ଘଟଣା ଉତ୍ତରପ୍ରଦେଶ ବାରାଣସୀର ରାମନଗର ଥାନା ଅଞ୍ଚଳର ସୁଜାବାଦଠାରେ ଘଟିଛି। ଲକ୍‌ଡାଉନ ଯୋଗୁ ରାସ୍ତାଘାଟ ଶୂନଶାନ ହୋଇପଡ଼ିଥିବାବେଳେ ଦୀର୍ଘ ସମୟ ଧରି ଏକ ଆମ୍ବୁଲାନ୍ସ ଛିଡ଼ା ହୋଇଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସରେ ରୋମାନ୍ସ କରୁଥିବା ୩ ଯୁବକ ଏବଂ ଜଣେ ଯୁବତୀଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଆମ୍ବୁଲାନ୍ସଟିକୁ ଜବତ କରାଯାଇଥିବା ଏସିପି ପ୍ରବୀଣ ସିଂ ସୂଚନା ଦେଇଛନ୍ତି।

### ଗିରଫ ହେଲେ ୪

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଭଗବାନ ଆଚାର୍ଯ୍ୟ**
ଆବିର୍ଭାବ: ୦୫।୦୩।୧୯୩୫
ତିରୋଧାନ: ୦୮।୦୫।୨୦୨୧

ତୁମ ଆଶୀର୍ବାଦ ସଦାସର୍ବଦା ଆମ ଉପରେ ରହି ଆମର ମାର୍ଗ ଦର୍ଶକ ହେଉଥାଉ। ଆପଣ ଆମକୁ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ ପରିବାରବର୍ଗ:**
ଭ୍ରାତା: ଯୋଗେନ୍ଦ୍ର ଆଚାର୍ଯ୍ୟ, ବାବଜୀ ଆଚାର୍ଯ୍ୟ, ସାରିଆ ଆଚାର୍ଯ୍ୟ, ପୁତ୍ର: ଅକ୍ଷୟ କୁମାର ଆଚାର୍ଯ୍ୟ, ବିଶ୍ୱନାଥ ଆଚାର୍ଯ୍ୟ, ଅମୂଲ୍ୟ ଆଚାର୍ଯ୍ୟ, ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୨୦୭୨୪

# ଖାଇବା ପରେ..

**ଖାଇବା ପରେ ଏପରି କାମ କରନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ । ଜାଣନ୍ତୁ ସେ ସମ୍ପର୍କରେ...**

ଆମେ ଖାଦ୍ୟ ଖାଇବା ପରେ କେତେକ ଖାଇବା ପରେ ଉଠି ହଠାତ୍ ଚାଲନ୍ତୁ ନାହିଁ। କିଛି ସମୟ ବସିବା ପରେ ଚାଲବୁଲ କରନ୍ତୁ। କାରଣ ଖାଇବା ପରେ ସାଙ୍ଗେ ସାଙ୍ଗେ ଚାଲିଲେ ଖାଦ୍ୟରୁ ଆମକୁ ମିଳୁଥିବା



କାର୍ଯ୍ୟ ପ୍ରତି ନଜର ଦେବା ନିହାତି ଜରୁରୀ। ଖାଇବା ପରେ ଫଳମୂଳ ଖାଆନ୍ତୁ ନାହିଁ। ଏହାଦ୍ୱାରା ପେଟରେ ଏସିଡିଟି ବଢ଼ିଯାଇଥାଏ। ଖାଇ ସାରି ଗାଧୋଇବା କେତେକଙ୍କର ଅଭ୍ୟାସ। ଏପରି ଅଭ୍ୟାସ ପରିହାର କରିବାକୁ ଚେଷ୍ଟା କରନ୍ତୁ। କାରଣ ଖାଇବା ପରେ ଗାଧୋଇବା ଦ୍ୱାରା ପେଟ ଭିତରେ ରକ୍ତ ସଞ୍ଚାଳନ ଆବଶ୍ୟକତାଠାରୁ ଆହୁରି ତୀବ୍ର ହୋଇଥାଏ। ପୋଷକତତ୍ତ୍ୱ ସଠିକ୍ ଭାବରେ ମିଳି ନ ଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖାଇବା ପରେ ସାଙ୍ଗେ ସାଙ୍ଗେ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଏହାଦ୍ୱାରା କ୍ୟାନ୍‌ସର ହେବାର ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣପାରିଛନ୍ତି।

# ମାଇଗ୍ରେନ୍ ସମସ୍ୟାର ଘରୋଇ ଉପଚାର

ମାଇଗ୍ରେନ ସମସ୍ୟା ନେଇ ଚିନ୍ତିତ କି? ଯଦି ହଁ, ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ତାହା ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ମିଳିପାରେ। ଅଦା ରସରେ ପ୍ରସ୍ତୁତ ଚା' ପିଇଲେ ତାହା ମାଇଗ୍ରେନ୍ ସମସ୍ୟାରୁ ଉପଶମ ଦେଇଥାଏ। ଏହାକୁ ଦିନକୁ ୨-୩ ଥର ପିଇପାରନ୍ତି। ଏପରି ଚା' ପିଇବା ଦ୍ୱାରା ରକ୍ତରେ ଇନଫ୍ଲାମେଶନ୍ କମିଯାଏ ଏବଂ ସେହି ଅନୁସାରେ ମୁଣ୍ଡବିନ୍ଧାରୁ ଆରାମ ଲାଗେ। ଯଦି ପ୍ରବଳ ମୁଣ୍ଡ ବିନ୍ଧୁଛି, ତେବେ ବେକ ମୂଳରେ ଧୀରେ ଧୀରେ ବରଫ ଘଷିଲେ ଏଥିରୁ ଉପଶମ ମିଳିଥାଏ। ଆହୁରି ଉପଶମ ପାଇବା ପାଇଁ ପିପରମେଣ୍ଟ ତେଲ ବ୍ୟବହାର କରିପାରନ୍ତି। ଏହାବ୍ୟତୀତ ଲବଙ୍ଗକୁ ଗୁଣ୍ଡ କରି ପରିଷ୍କାର କପଡାରେ ବାନ୍ଧି ଶୁଙ୍ଘିଲେ ମୁଣ୍ଡବିନ୍ଧାରୁ କେତେକାଂଶରେ ଆରାମ ଲାଗିଥାଏ।

## ସ୍ୱାସ୍ଥ୍ୟ ସୂଚନା




- ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ତେଣୁ ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ଦୃଷ୍ଟି ଦିଅନ୍ତୁ।
- ସବୁବେଳେ ନିଜ ଓଜନ କେତେ ରହୁଛି ସେଥିପ୍ରତି ନଜର ଦିଅନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯଦ୍ୱାରା ଭବିଷ୍ୟତରେ ଓଜନ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ତେଣୁ ସବୁବେଳେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଟିଭି ନ ଦେଖିବା ଭଲ। ରାତ୍ର ଭୋଜନ କରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହା ଖାଦ୍ୟ ହଜମ କରିବାରେ ସହାୟକ ହୋଇଥାଏ। ଭଲ ନିଦ ହେବାକୁ ବିଛଣା ଉପରକୁ ଯିବା ପୂର୍ବରୁ ମନକୁ ହାଲୁକା ରଖନ୍ତୁ।
- ବୟସ ବଢ଼ିଲେ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଯଦି କୌଣସି ରୋଗରେ ଆପଣ ପୀଡିତ ଏବଂ ସେ ନେଇ ଚିନ୍ତିତ ହେଉଛନ୍ତି ତେବେ ସେ ବିଷୟରେ ସବୁବେଳେ ଚିନ୍ତା କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସବୁବେଳେ ନକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ।

# ଇନ୍ଧନ ପ୍ରସ୍ତୁତ କରିବ ସାଇବର୍ଗ ବ୍ୟାକ୍ଟେରିଆ



ବ୍ୟାକ୍ଟେରିଆ କ'ଣ ଇନ୍ଧନ ପ୍ରସ୍ତୁତ କରିପାରେ? ଏକଥାକୁ ହୁଏତ ଅନେକ ବିଶ୍ୱାସ କରି ନ ପାରନ୍ତି। ହେଲେ ସାଇବର୍ଗ ନାମକ ବ୍ୟାକ୍ଟେରିଆ ଦ୍ୱାରା ଏ କ୍ଷେତ୍ରରେ ସଫଳତା ମିଳିଛି। ନିକଟରେ ଏକ ଗବେଷଣା ରିପୋର୍ଟରେ ଏକଥାକୁ ଉଲ୍ଲେଖ କରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏହି ବ୍ୟାକ୍ଟେରିଆକୁ ବ୍ୟବହାର କରି ସେମାନେ ସୂର୍ଯ୍ୟକିରଣରୁ ଇନ୍ଧନ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏକ ସୌର ପ୍ୟାନେଲରେ ଉକ୍ତ ବ୍ୟାକ୍ଟେରିଆକୁ ରଖି ସୌର ଇନ୍ଧନ ପ୍ରସ୍ତୁତ କରାଯାଇଥିଲା। ହେଲେ ଏହାକୁ ପ୍ରସ୍ତୁତ କରିବାରେ ସାଇବର୍ଗ ବ୍ୟାକ୍ଟେରିଆ ଅନେକାଂଶରେ ସହାୟକ ହୋଇଥିଲେ ବୋଲି ରିପୋର୍ଟରୁ ଜଣାପଡିଛି। ତେବେ ଏହାପଛରେ ଆହୁରି କାରଣ ରହିଛି ଏବଂ ତାହା ଜାଣିବାକୁ କିଛି ସମୟ ଲାଗିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।



# କୋଭିଡ୍ ରୋଗୀ ଓ କଳା କବକ




ଡା. ଦ୍ୱିଜେଶ କୁମାର ପଣ୍ଡା

**କୋଭିଡ୍-୧୯ ରୋଗୀର ଦୁର୍ବଳତାର ସୁଯୋଗ ନେଇ ଆକ୍ରମଣ କରୁଥିବା ଫଙ୍ଗସ୍‌ର ନାମ 'ମ୍ୟୁକରମାଇକୋସିସ୍'। ଏହାର ଜୀବକୋଷ ବାୟୁରେ ଭାସୁଥାଏ। ରୋଗୀର ନାକବାଟେ ଦେହରେ ପ୍ରବେଶ କରେ। କୋଭିଡ୍ ରୋଗୀ ବହୁଦିନ ଡାକ୍ତରଖାନାରେ ରହି ଆଣ୍ଟିବାୟୋଟିକ୍, ଷ୍ଟେରଏଡ୍ ସହିତ ନାକରେ ନଳୀ ସାହାଯ୍ୟରେ ଅମ୍ଳଜାନ ନିଏ। ଭୂତାଣୁ ଫୁସ୍‌ଫୁସ୍‌ରେ ପ୍ରଦାହ କରି ପୂଯ, ରକ୍ତ ଜମା କରିଦିଏ...**

ଫଙ୍ଗସ୍‌କୁ ଓଡ଼ିଆରେ କବକ କୁହାଯାଏ। ଏହା ଗୋଟିଏ ସୁବିଧାବାଦୀ ସୂକ୍ଷ୍ମ ଜୀବ। ଅନ୍ୟ ରୋଗରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଗଲେ ଫଙ୍ଗସ୍‌ର ସଂଖ୍ୟା ବୃଦ୍ଧି ହୁଏ। ଏମାନେ ଓଦା ସ୍ଥାନରେ ରହିଥିବା ଜିନିଷ ଉପରେ ଉତ୍ପନ୍ନ ଶିଉଳି। କୋଭିଡ୍-୧୯ ରୋଗୀର ଦୁର୍ବଳତାର ସୁଯୋଗ ନେଇ ଆକ୍ରମଣ କରୁଥିବା ଫଙ୍ଗସ୍‌ର ନାମ 'ମ୍ୟୁକରମାଇକୋସିସ୍'। ଏହାର ଜୀବକୋଷ ବାୟୁରେ ଭାସୁଥାଏ। ରୋଗୀର ନାକବାଟେ ଦେହରେ ପ୍ରବେଶ କରେ। କୋଭିଡ୍ ରୋଗୀ ବହୁଦିନ ଡାକ୍ତରଖାନାରେ ରହି ଆଣ୍ଟିବାୟୋଟିକ୍, ଷ୍ଟେରଏଡ୍ ସହିତ ନାକରେ ନଳୀ ସାହାଯ୍ୟରେ ଅମ୍ଳଜାନ ନିଏ। ଭୂତାଣୁ ଫୁସ୍‌ଫୁସ୍‌ରେ ପ୍ରଦାହ କରି ପୂଯ, ରକ୍ତ ଜମା କରିଦିଏ। ଫଳରେ ଅକ୍ସିଜେନ ବିଭିନ୍ନ ଅଙ୍ଗକୁ ଯାଇପାରେ ନାହିଁ। ରୋଗୀ ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଭେଣ୍ଟିଲେଟର ଉପରେ ନିର୍ଭର କରେ। ରୋଗୀର ରୋଗ ପ୍ରତିରୋଧ କ୍ଷମତା ହ୍ରାସ ଘଟେ। ଏହାର ସୁଯୋଗ ନେଇ ମ୍ୟୁକରମାଇକୋସିସ୍ ଫଙ୍ଗସ୍ ସଂକ୍ରମଣ ହୁଏ ଓ ଅନେକ ଭୟଙ୍କର ଲକ୍ଷଣ ପ୍ରକାଶ ପାଏ। ନାକ ଓ ପାଟିର ତାଳୁ କଳା ପଡ଼େ। ସେଥିପାଇଁ ଏହାକୁ 'କଳା ଫଙ୍ଗସ୍' କୁହାଯାଏ।

କଳା କବକ ସଂକ୍ରମଣ ଗୋଟିଏ ବିରଳ ଓ ଗୁରୁତର ରୋଗ। ସାଧାରଣ କଥାବାର୍ତ୍ତାରେ ଏହାକୁ 'ବ୍ଲାକ ଫଙ୍ଗସ୍' କୁହାଯାଏ। ଭାରତର କେତେକ ରାଜ୍ୟରେ କୋଭିଡ୍-୧୯ ରୋଗୀଙ୍କଠାରେ ଏହା ଦେଖିବାକୁ ମିଳୁଛି। ପ୍ରଥମେ ଚର୍ମରେ ଦେଖାଯାଏ





ଓ ପରେ ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ସଂକ୍ରମଣ କରେ। ଦିଲ୍ଲୀ, ମହାରାଷ୍ଟ୍ର ଓ ଗୁଜରାଟରେ କୋଭିଡ୍ ରୋଗୀଙ୍କଠାରେ ଏହି କବକ ସଂକ୍ରମଣ ହେବାର ପ୍ରମାଣ ସହିତ ଉପଦେଶାବଳୀ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟମାନଙ୍କୁ ଜାରି ହୋଇଛି।

କୋଭିଡ୍-୧୯ ରୋଗୀର କଳା କବକ ସଂକ୍ରମଣର ଲକ୍ଷଣଗୁଡ଼ିକ ହେଉଛି— ନାକ ଓ ଆଖି ଚାରିପଟେ ଲାଲ ପଡ଼ି ବିନ୍ଧା ହେବା, ଜ୍ୱର- ମୁଣ୍ଡବିନ୍ଧା କାଶ ସହିତ ନିଃଶ୍ୱାସ ନେବାରେ କଷ୍ଟ ହେବା ଇତ୍ୟାଦି। ରକ୍ତ ବାନ୍ତି ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ରୋଗୀର ନିମ୍ନ ଲକ୍ଷଣଗୁଡ଼ିକ ଦେଖାଦେଲେ 'ମ୍ୟୁକରମାଇକୋସିସ୍' ସଂକ୍ରମଣ ସନ୍ଦେହ କରାଯିବ। (୧) ନାକ ରୁକ୍ଷି ହେବା, ପାଣି ବୋହିବା ଓ କଳା ଦେଖାଯିବା। (୨) ମୁହଁର ହାଡ଼ ବିନ୍ଧା ହେବା, ମୁହଁର ଗୋଟିଏ ପାଖରେ ଯନ୍ତ୍ରଣା ହେବା, ଫୁଲିବା ଓ ବଧିରା ଲାଗିବା। (୩) ଦାନ୍ତ ହଲିବା ଓ ତଳ ପାଟି ହାଡ଼ ବିନ୍ଧିବା। (୪) ଚର୍ମ ଲାଲ ପଡ଼ି କୁଣ୍ଡାଇ ହେବା। (୫) ଛାତିରେ ଯନ୍ତ୍ରଣା ଓ ନିଃଶ୍ୱାସ ନେବାରେ କଷ୍ଟ ହେବା। ଏହି ଫଙ୍ଗସ୍‌କୁ ଚିହ୍ନିବା ପାଇଁ ଉପଯୁକ୍ତ ତୁରନ୍ତ ପରୀକ୍ଷା ବାଞ୍ଛନୀୟ।



ମ୍ୟୁକରମାଇକୋସିସ୍ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଔଷଧ ସେବନ ଆବଶ୍ୟକ। ଅସ୍ତ୍ର ଚିକିତ୍ସା (ଅପରେଶନ) ମଧ୍ୟ କରାଯାଇପାରେ। ଡାଇବେଟିସ ରୋଗୀର ରକ୍ତ ଶର୍କରା ସ୍ୱାଭାବିକ କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଇନ୍‌ସୁଲିନ ଓ ବଟିକା ଦିଆଯିବା ଉଚିତ। ଷ୍ଟେରଏଡ୍ ଓ ଶରୀରର ଇମ୍ୟୁନ ସିଷ୍ଟମ୍‌କୁ ଦବେଇ ଦେବା ପାଇଁ ବ୍ୟବହୃତ ଔଷଧ ସେବନ ବନ୍ଦ କରିଦେବା ଅନିବାର୍ଯ୍ୟ। ଦେହର ଜଳୀୟ ଅଂଶ ସ୍ୱାଭାବିକ ରଖିବା ପାଇଁ ସାଲାଇନ ଦେବା ଆବଶ୍ୟକ ପଡ଼ିବ। ଏହାର ଚାରି ସପ୍ତାହ ପରେ କବକ ମାରିବା ପାଇଁ 'ଆମ୍ଫୋଟେରିସିନ' ଇଞ୍ଜେକ୍ସନ ଦିଆଯାଇ ପାରିବ। ଏହି ଫଙ୍ଗସ୍ ସଂକ୍ରମଣରେ ଉପର ଦାନ୍ତ ମାଢ଼ି ଓ ଆଖି ନଷ୍ଟ ହୋଇଯାଇପାରେ। ଖାଦ୍ୟ ଚୋବାଇବା ଓ ଗିଳିବାରେ କଷ୍ଟ ହୁଏ।

କଳା କବକ ଗୋଟିଏ ବିରଳ ରୋଗ। ରୋଗୀକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକ ହେଉଛି, ଡାଇବେଟିସ, ଷ୍ଟେରଏଡ୍ ଔଷଧ ବ୍ୟବହାର, ବହୁଦିନ ଆଇସିୟୁରେ ରହିବା, ଅଙ୍ଗ ପ୍ରତିରୋପଣ ଓ କ୍ୟାନ୍‌ସର ଚିକିତ୍ସା ଇତ୍ୟାଦି। ଏହି ରୋଗରୁ ରକ୍ଷା ପାଇବା ପାଇଁ ବିଶେଷଜ୍ଞମାନଙ୍କ ଉପଦେଶ ହେଉଛି— ମାସ୍କ ବ୍ୟବହାର କରିବା, ଜୋତା, ଫୁଲପ୍ୟାଣ୍ଟ ଓ ଶାର୍ଟ ସହିତ ଗ୍ଲୋଭ୍ସ ପିନ୍ଧି ବଗିଚା କାମ କରିବା। ଫଳରେ ମାଟିରେ ରହିଥିବା ଫଙ୍ଗସ୍ ଦେହରେ ପଶିପାରିବ ନାହିଁ। ଧୂଳି ଓ ମାଟି ସଂସ୍ପର୍ଶରେ ଆସିଲେ ବ୍ରସ ସାହାଯ୍ୟରେ ଦେହ ସଫା କରିବା। ଅବଶ୍ୟ ଜୀବାଣୁ ଜନିତ ରୋଗ ଅପସରି ଗଲାଣି, ଭୂତାଣୁ ଭୟାନକ ହେଲାଣି, ତାହା ସହିତ କଳା କବକ ଦାଉ ସାଧିଲାଣି। ଏଥିପାଇଁ ଔଷଧ ନାହିଁ। ପ୍ରତିଷେଧକ ବ୍ୟବସ୍ଥା ବାଞ୍ଛନୀୟ।

*-ନିଦାନ ଓ ଅଣୁଜୀବ ବିଶେଷଜ୍ଞ*
*୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ: ୯୪୩୮୪୭୦୭୭୭*

# ଥାଲାସେମିଆ : କିଛି କଥା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ଏମିତି କେତେକ ରୋଗ ରହିଛି ଯାହାକି ସମ୍ପୂର୍ଣ୍ଣ ଜନ୍ମଗତ, ବଂଶାନୁକ୍ରମିକ ତଥା ଜଟିଳ ରୋଗ ଅଟେ। ସେଥିମଧ୍ୟରୁ 'ଥାଲାସେମିଆ' ନାମକ ରୋଗ ମଧ୍ୟ ଏକ ରକ୍ତସମସ୍ୟା ଜନିତ ବଂଶାନୁକ୍ରମିକ, ଜନ୍ମଗତ ତଥା ଜଟିଳ ରୋଗ। ଏହି ରୋଗରେ ଶରୀରରେ ରକ୍ତ କୋଷିକା ଭିତରେ ଥିବା ହିମୋଗ୍ଲୋବିନ କୋଷିକା ଗୁଡିକ ଫାଟି ନଷ୍ଟ ହୋଇଯାଏ। ତେଣୁ ବଞ୍ଚିବା ପାଇଁ ରୋଗୀକୁ ବାରମ୍ବାର ରକ୍ତ ଦେଇ ସ୍ୱାଭାବିକ ଅବସ୍ଥାକୁ ଅଣାଯାଇଥାଏ, ଅର୍ଥାତ୍ ଏହି ରୋଗରେ ହିମୋଗ୍ଲୋବିନ ସ୍ୱାଭାବିକ ଭାବେ ସୃଷ୍ଟି ହୋଇ ନ ପାରିବା ଏବଂ ଯେତିକି ମାତ୍ରାରେ



ହିମୋଗ୍ଲୋବିନ ସୃଷ୍ଟି ହୋଇଥାଏ ତାହା ବି ଶୀଘ୍ର ନଷ୍ଟ ହୋଇଯାଏ। ତେଣୁ ରୋଗୀକୁ ବାରମ୍ବାର ରକ୍ତ ଦେବାକୁ ପଡିଥାଏ। ଏହି ଥାଲାସେମିଆ ରୋଗ ସର୍ବପ୍ରଥମେ ୧୯୨୫ ମସିହାରେ ଶିଶୁରୋଗ ବିଶେଷଜ୍ଞ ଥୋମାସ ବେଣ୍ଟନ କୁଲେ (Thomas Benton cooley)ଙ୍କ ଦ୍ୱାରା ଇଟାଲୀ ସହରରେ ଏକ ରୋଗୀଙ୍କ ଠାରେ ଚିହ୍ନଟ କରାଯାଇଥିଲା।

**କାରଣ :** ଏହା ଏକ ବଂଶଗତ ରୋଗ, ଯାହାକି ବାପା ଓ ମାଆଙ୍କ ଜୀବକୋଷରେ ଥାଲାସେମିଆ ଅସନ୍ତୁଳିତ ଥିଲେ ହିଁ ଉକ୍ତ ବାପା ମାଆଙ୍କ ଠାରୁ ସୃଷ୍ଟ ପିଲାଙ୍କୁ ଥାଲାସେମିଆ ହେବାର ଆଶଙ୍କା ଥାଏ।

ଏକ ସ୍ୱାସ୍ଥ୍ୟ ସୂଚନା ଅନୁଯାୟୀ ଓଡ଼ିଶାରେ ଥାଲାସେମିଆ ରୋଗ ପ୍ରାୟତଃ ୩ ରୁ ୫ ପ୍ରତିଶତ ଦେଖାଯାଏ। ବାପା କିମ୍ବା ମାଆଙ୍କ ମଧ୍ୟରୁ ଜଣଙ୍କଠାରେ ଥାଲାସେମିଆ ଅସନ୍ତୁଳିତ ଜନିତ ତ୍ରୁଟି ହେତୁ ସୃଷ୍ଟି ହେଉଥିବା ଥାଲାସେମିଆ ରୋଗ ଆମ ଓଡିଶାରେ ଦେଖାଦେଇଥାଏ। ଉକ୍ତ ରୋଗରେ ରୋଗୀ ଯେଉଁ ବ୍ଲଡ ଗ୍ରୁପର ହୋଇଥାଏ, ଏକା ବ୍ଲଡ ଗ୍ରୁପର ବ୍ୟକ୍ତିଙ୍କ ଠାରୁ ପ୍ରାୟତଃ ୨୦ ରୁ ୩୦ ଦିନ ମଧ୍ୟରେ ବ୍ଲଡ ନେବାକୁ ପଡିଥାଏ। ବେଳେବେଳେ ପାର୍ଶ୍ୱ ପ୍ରତିକ୍ରିୟାରୁ ବିଭିନ୍ନ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ଥାଏ। ଏହି ରୋଗ ଭଲ ହେବା ସମ୍ପୂର୍ଣ୍ଣ ଜଟିଳ।


ଥାଲାସେମିଆ ରୋଗ ସାଧାରଣତଃ 'ଆଲ୍‌ଫା' ଓ 'ବିଟା' ଏପରି ୨ ପ୍ରକାର ନାମକରଣ କରାଯାଇଛି। ଉକ୍ତ ରୋଗୀଙ୍କୁ



ବାରମ୍ବାର ରକ୍ତ ଦେବାକୁ ପଡ଼ିଥାଏ। ଥାଲାସେମିଆ ରୋଗୀଙ୍କ ଶରୀରରେ ଲୋହିତ ରକ୍ତ କଣିକାଗୁଡ଼ିକ ମାତ୍ର ୩୦ଦିନ ଭିତରେ ନଷ୍ଟ ହୋଇଯାଇଥାନ୍ତି। ଥାଲାସେମିଆ ରୋଗୀଙ୍କ ଶରୀରରେ ତ୍ରୁଟିପୂର୍ଣ୍ଣ ହିମୋଗ୍ଲୋବିନ ରହିଥାଏ, ଯାହାକି ଦୀର୍ଘଦିନ ରହିନପାରି ଶୀଘ୍ର ନଷ୍ଟ ହୋଇଯାଇଥାଏ। ଏ ରୋଗରେ ବୟସ ତୁଳନାରେ ଶାରୀରିକ ବୃଦ୍ଧି ଠିକ ଭାବେ ହୋଇ ନଥାଏ। ଥାଲାସେମିଆ ସାଧାରଣତଃ ଜନ୍ମହେବାର ୬ମାସରୁ ୧ବର୍ଷ ଭିତରେ ପରୀକ୍ଷା କଲେ ହିଁ ଜଣାପଡିଯାଏ। ଜନ୍ମରୁ ଯଦି ନାହିଁ, ତେବେ ଥାଲାସେମିଆ ଶରୀରରେ ସୃଷ୍ଟି ହୁଏ ନାହିଁ। ଏହି ରୋଗରେ ସର୍ବଦା ଶରୀରରେ ୧୦ପ୍ରତିଶତରୁ ଅଧିକ ରକ୍ତ ରହିବା ଦରକାର, ନଚେତ ରୋଗୀ ଶରୀରରେ ରକ୍ତହୀନତା ଦେଖା ଦେଇ ରୋଗୀ ବଞ୍ଚିବା କଷ୍ଟ ସାଧ୍ୟ ହୋଇପଡ଼େ।

*-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର*
*ଚନ୍ଦାହାଣ୍ଡି, ନବରଙ୍ଗପୁର*
*ମୋ: ୭୮୯୪୧୧୨୪୮୭*

## କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ...



କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏକ ସରଳ ଉପାୟର ଉପଯୋଗ କରିପାରନ୍ତି। ଏହା ମଧ୍ୟ ଆପଣଙ୍କ ହାତପାହାନ୍ତାରେ ରହିଛି ଏବଂ ତାହା ସହିତ ଆମେ ଓତପ୍ରତ ଭାବରେ ଜଡିତ। ତାହା ହେଲା ଖାଦ୍ୟ ଖାଇବା ଶୈଳୀ। ଜଣେ ବ୍ୟକ୍ତିର ଖାଇବା ଶୈଳୀ ଉପରେ ତାହାର କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଏ ନେଇ ସେମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଏପରି ରୋଚକ କଥା ଜଣାପଡିଛି। ଏହି ସମୟରେ ଯେଉଁମାନେ ଧୀର ଶାନ୍ତ ହୋଇ ଖାଉଥିଲେ ସେମାନେ ଅନ୍ୟମାନଙ୍କ ତୁଳନାରେ ନିଜ କାର୍ଯ୍ୟକୁ ବେଶ୍ ସୂଚାରୁ ରୂପେ ସମ୍ପାଦିତ କରିପାରୁଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ପାରାଲିମ୍ପିକ୍ସ ଆଉ ୧୦୦ ଦିନ

**ଟୋକିଓ, ୧୬।୫ (ଏପି)**

କରୋନା ମହାମାରୀ ସଂକ୍ରମଣ ରୋକିବା ଲାଗି ଜାପାନ ସରକାର ସଂଘର୍ଷ ଜାରି ରଖିଥିବାବେଳେ ଟୋକିଓ ପାରାଲିମ୍ପିକ୍ ଗେମ୍ସ ୨୦୨୦ ଆରମ୍ଭର ୧୦୦ ଦିନ ପୂର୍ବରୁ ଅଲିମ୍ପିକ ଓ ପାରାଲିମ୍ପିକ୍ ଗେମ୍ସର ଅଫିସିଆଲମାନଙ୍କ ଦ୍ୱାରା ଏକ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଇଭେଣ୍ଟର ଆୟୋଜନ ବେଳେ କରୋନାଜନିତ କଟକଣାକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯାଇଥିଲା। ଏହି ଅବସରରେ ଟୋକିଓ ଗଭର୍ନର ୟୁରିକୋ କୋଇକେ କୋଭିଡ୍ ବିରୋଧରେ ଚାଲିଥିବା ଲଢ଼େଇରେ ସାମିଲ ଥିବା ସମସ୍ତ ମେଡିକାଲ ପ୍ରଫେସନାଲଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ଏହାଛଡ଼ା ଜରୁରିକାଳୀନ ସାମଗ୍ରୀ ଯୋଗାଣକାରୀ ସଂସ୍ଥାଗୁଡ଼ିକୁ ଧନ୍ୟବାଦ ଅର୍ପଣ କରିଥିଲେ। ଟୋକିଓ ଏକମାତ୍ର ସହର ଭାବେ ଦ୍ୱିତୀୟ ଥର ପାରାଲିମ୍ପିକ୍ସ ଆୟୋଜନ କରିବାକୁ ଯାଉଥିବାରୁ ସହର ପାଇଁ ଏହା ଏକ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହି ଅବସରରେ ଟୋକିଓ ୨୦୨୦ ପ୍ରେସିଡେଣ୍ଟ ସିକୋ ହାସିମୋତୋ ଏବଂ ଟୋକିଓ ଅଲିମ୍ପିକ ଓ ପାରାଲିମ୍ପିକ୍ ଗେମ୍ସ ମନ୍ତ୍ରୀ ତାମାୟୋ ମାରୁକାୟା ମଧ୍ୟ ଉପସ୍ଥିତ ଥିଲେ। ପାରାଲିମ୍ପିକ୍ସର ସଫଳ ଆୟୋଜନ ଗେମ୍ସର ଓଭରଅଲ୍ ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ହାସିମୋତୋ କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ଜାପାନ ପ୍ରଧାନମନ୍ତ୍ରୀ ୟୋସିହିଦେ ସୁଗା ଦେଶର ଅନ୍ୟ ୩ଟି ଅଞ୍ଚଳରେ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି। ତନ୍ମଧ୍ୟରେ ହୋକାଇଦୋ ଅନ୍ୟତମ, ଯେଉଁଠାରେ କି ମାରାଥନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଟୋକିଓ ୨୦୨୦ ଅଲିମ୍ପିକ୍ ଓ ପାରାଲିମ୍ପିକ ଗେମ୍ସ କରୋନା କଟକଣା ମଧ୍ୟରେ ହେବ। ଆଥ୍ଲେଟିକ୍ସ, ଜର୍ନାଲିଷ୍ଟ ଏବଂ ସ୍ୱଳ୍ପ ଦର୍ଶକଙ୍କ ଲାଗି ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରାଯାଇଛି।



# କୋହଲି ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ: ପେନ୍

**ମେଲବୋର୍ନ, ୧୬।୫(ପି.ଟି.)**

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ପ୍ରଦର୍ଶନ ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ ଟିମ୍ ପେନ୍‌ଙ୍କ ମନରେ ଅଲିଭା ଦାଗ ଛାଡ଼ିଛି। ସେ ସବୁବେଳେ କୋହଲିଙ୍କୁ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ମନେରଖିବେ ବୋଲି ପେନ୍ କହିଛନ୍ତି। ୨୦୧୮-୧୯ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ ଅବସରରେ କୋହଲି ଓ ପେନ୍‌ଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ପଡ଼ିଆ ଭିତରର ଏହି ପ୍ରତିଦ୍ୱନ୍ଦ୍ୱିତା ଭାରତ ପାଇଁ କିନ୍ତୁ ବଢ଼ିଆ କାମ ଦେଇଥିଲା। ପ୍ରଥମ ଏସୀୟ ଦେଶଭାବେ ଭାରତ ଅଷ୍ଟ୍ରେଲିଆରେ ଏକ ଟେଷ୍ଟ ସିରିଜ ବିଜୟୀ ହୋଇଥିଲା।

"କୋହଲି ଏପରି ଜଣେ ଖେଳାଳି ଯାହାଙ୍କୁ ଯେକେହି ସବୁବେଳେ ଦଳରେ ନେବାକୁ ଚାହିଁବ। ସେ ପ୍ରତିଦ୍ୱନ୍ଦ୍ୱିତାସମ୍ପନ୍ନ। ସେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ" ବୋଲି ୩୬ ବର୍ଷୀୟ ପେନ୍ କହିଛନ୍ତି। କୋହଲିଙ୍କ ବିପକ୍ଷରେ ଖେଳିବା ଚ୍ୟାଲେଞ୍ଜପୂର୍ଣ୍ଣ। ସେ ଜଣେ ଦକ୍ଷ ଏବଂ ପ୍ରତିଦ୍ୱନ୍ଦ୍ୱୀସମ୍ପନ୍ନ ଖେଳାଳି ହୋଇଥିବାରୁ ବିପକ୍ଷ ଦଳର କୌଶଳକୁ ବୁଝିପାରନ୍ତି। ୪ ବର୍ଷ ପୂର୍ବରୁ ତାଙ୍କ ସହ ବାକ୍‌ଯୁଦ୍ଧ ଲାଗିଥିଲେ ହେଁ ସେ ଏପରି ଜଣେ ଖେଳାଳି ଯାହାଙ୍କୁ ମୁଁ ସର୍ବଦା ମନେରଖିବି ବୋଲି ପେନ୍ ପ୍ରକାଶ କରିଛନ୍ତି। କୌତୂହଳପ୍ରଦ କଥା ହେଲା କୋହଲି 'ଅନ୍ୟମାନଙ୍କ ପରି ଜଣେ'। ଭାରତୀୟ ଦଳରେ ତାଙ୍କୁ ନେଇ ମୁଁ ଆଦୌ ବ୍ୟସ୍ତ ନ ଥାଏ ବୋଲି ପେନ୍ ଗତବର୍ଷ କହିଥିଲେ। ଏହାଛଡ଼ା ତାଙ୍କ ବ୍ୟାଟିଂ ସାମର୍ଥ୍ୟକୁ ନେଇ ଅଷ୍ଟ୍ରେଲିଆ ଦଳ ଏହି ସୁପରଷ୍ଟାରଙ୍କୁ ଘୃଣା କରିବାକୁ ଭଲ ପାଆନ୍ତି ବୋଲି ମଧ୍ୟ କହିଥିଲେ। ୨୦୧୮-୧୯ ପରେ ପେନ୍ ଚଳିତ ବର୍ଷ ପ୍ରାରମ୍ଭରେ ଖେଳାଳିଙ୍କ ଆଘାତଜନିତ ସମସ୍ୟାରେ ଜର୍ଜରିତ ଭାରତୀୟ ଦଳ ବିପକ୍ଷରେ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ପ୍ରଥମ ଟେଷ୍ଟ ପରେ କୋହଲିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ଟୁର୍‌ରେ ଅଷ୍ଟ୍ରେଲିଆକୁ ସିରିଜ ପରାଜୟର ସ୍ୱାଦ ଚଖାଇଥିଲା।


ଟିମ୍ ପେନ୍ ଓ ବିରାଟ କୋହଲି।

# ଜୁନ୍ ୧୫ରୁ ଭାରତୀୟ ପାରା ଆଥ୍ଲେଟିକ୍ସ ଟିମ୍ ଚୟନ

**ନୂଆଦିଲ୍ଲୀ, ୧୬।୫(ପି.ଟି.)**

ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ହେବାକୁ ଥିବା ଟୋକିଓ ପାରାଲିମ୍ପିକ୍ସ ପାଇଁ ଭାରତୀୟ ଆଥ୍ଲେଟିକ୍ସ ଦଳ ଚୟନ ଜୁନ୍ ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ଏଠାରେ ୨ ଦିନିଆ ଟ୍ରାଏଲ ପରେ ଆଗାମୀ ମେଗା ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ କରାଯିବ। ସରକାରଙ୍କ କୋଭିଡ୍-୧୯ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ସ) ଗାଇଡ୍‌ଲାଇନ ଅନୁସାରେ ଟ୍ରାଏଲ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁଥିବା ଆଥ୍ଲେଟମାନେ ଟ୍ରାଏଲର ୭୨ ଘଣ୍ଟା ପୂର୍ବରୁ କୋଭିଡ୍-୧୯ ନେଗେଟିଭ୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ ବୋଲି ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ଯେଉଁ ଆଥ୍ଲେଟଙ୍କର ବୈଧ ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି (ଆଇପିସି) ଲାଇସେନ୍ସ କାର୍ଡ ଥିବ ଏବଂ ଟୋକିଓ ପାରାଲିମ୍ପିକ୍ସ ପାଇଁ ମିନିମମ୍ କ୍ୱାଲିଫିକେଶନ ଷ୍ଟାଣ୍ଡାର୍ଡ (ଏମ୍‌କ୍ୟୁଏସ୍) ହାସଲ କରିଥିବେ ସେମାନେ ଏହି ଟ୍ରାଏଲ୍ ପାଇଁ ଯୋଗ୍ୟ ବିବେଚିତ ହେବେ। ଏହା ବ୍ୟତୀତ ଆଥ୍ଲେଟଙ୍କର ଅତିକମ୍‌ରେ ପାସ୍‌ପୋର୍ଟ ଭାଲିଡିଟି ୯ ମାସ ଥିବା ଆବଶ୍ୟକ। ୨୦୨୦ ଓ ୨୦୨୧ ବର୍ଷ ପାଇଁ ରିଭ୍ୟୁ ସ୍ପୋର୍ଟ୍ସ କ୍ଲାସ ଷ୍ଟାଟସ୍ ଥିବା ଆଥ୍ଲେଟମାନେ ମଧ୍ୟ ଟ୍ରାଏଲରେ ଅଂଶଗ୍ରହଣ କରିପାରିବେ। ଟୋକିଓ ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟସୂଚୀ ରହିଛି। ଟୋକିଓ ଆୟୋଜକମାନେ ରବିବାର ପାରାଲିମ୍ପିକ୍ସର ୧୦୦ ଦିନିଆ କାଉଣ୍ଟ ଡାଉନ୍ ଉତ୍ସବ ମନାଇଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ଏହି ପ୍ରତିଯୋଗିତା ଗତବର୍ଷ ସ୍ଥଗିତ ରହିଥିଲା। ୧୫ ପାରା ଆଥ୍ଲେଟ୍ସଙ୍କୁ ମିଶାଇ ୧୯ ଜଣିଆ ଭାରତୀୟ ପ୍ରତିନିଧି ଦଳ ୨୦୧୬ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେଥିରେ ପାରା ଆଥ୍ଲେଟମାନେ ୨ସ୍ୱର୍ଣ୍ଣ, ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଯିବ ମହିଳା ଦଳ

**ନୂଆଦିଲ୍ଲୀ, ୧୬।୫(ପି.ଟି)**

ଭାରତୀୟ ମହିଳା କ୍ରିକେଟ ଦଳ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବାର ଯୋଜନା ରହିଛି। କୋଭିଡ୍ ମହାମାରୀ ସମୟରେ ଭାରତ ଏକମାତ୍ର ସିରିଜ ଖେଳିଛି। ଆସନ୍ତା ମାସରେ ମହିଳା ଦଳ ଇଂଲଣ୍ଡ ଗସ୍ତ କରିବ। ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ସମେତ ୭ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ ଖେଳିବ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ଯଦିଓ ଏ ପର୍ଯ୍ୟନ୍ତ କାର୍ଯ୍ୟସୂଚୀ ଘୋଷଣା କରାଯାଇ ନାହିଁ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଟୁର୍‌ରେ ଭାରତ ଆସୁଥିବା ସମ୍ପର୍କରେ ଦେଶର ପେସ୍ ବୋଲର ମେଗାନ ସ୍କଟ୍ ସୂଚନା ଦେଇଛନ୍ତି। ଏହି ଟୁର୍‌ରେ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଖେଳାଯିବ ବୋଲି ଆଶା କରାଯାଉଛି। ଆସନ୍ତାବର୍ଷ ନ୍ୟୁଜିଲାଣ୍ଡରେ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଟୁର୍ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆପେକ୍ସ କାଉନ୍‌ସିଲ ବୈଠକରେ ଅନୁମୋଦନ ଲାଭ କରିଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଘରୋଇ ସିରିଜ ମଧ୍ୟ ଏଥିରେ ଗୃହୀତ ହୋଇଥିଲା। ଅଷ୍ଟ୍ରେଲିଆ ଟୁର୍ ପ୍ରକୃତରେ ଚଳିତବର୍ଷ ଜାନୁୟାରୀରେ ହୋଇଥାନ୍ତା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ବିଶ୍ୱକପ୍ ୨୦୨୨କୁ ଘୁଞ୍ଚାଇ ଦିଆଯିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

# ବେଲଜିୟମଠାରୁ ହାରିଲା ଆମେରିକା ମହିଳା ଦଳ

**ଆଣ୍ଟୱେର୍ପ, ୧୬।୫(ପି.ଟି.)**

ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ହକି ପ୍ରୋ ଲିଗ୍‌ରେ ଘରୋଇ ବେଲଜିୟମ ୩-୦ ଗୋଲରେ ଆମେରିକା ମହିଳା ଦଳକୁ ପରାସ୍ତ କରିଛି। ୨୦୨୦-୨୧ ସେସନ ଅଭିଯାନରେ ବେଲଜିୟମର ଏହା ଦ୍ୱିତୀୟ ବିଜୟ। ପଏଣ୍ଟ ତାଲିକାରେ ଏଥିସହ ବେଲଜିୟମ ସପ୍ତମ ସ୍ଥାନରେ ରହିଛି। ତେବେ ବେଲଜିୟମ ତା'ର ବିଜୟ ପ୍ରତିଶତକୁ ୩୩.୩କୁ ବୃଦ୍ଧି କରିଛି। ଅନ୍ୟପଟେ ପରାଜୟ ସହ ଆମେରିକା ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ୨୦୨୦ ଫେବୃୟାରୀ ପରେ କୋଭିଡ୍-୧୯ ପାଇଁ ଆମେରିକା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଥମଥର ଅଂଶଗ୍ରହଣ କରିଛି।

ପ୍ରଥମାର୍ଦ୍ଧର କଡ଼ା ସଂଘର୍ଷ ପରେ ବେଲଜିୟମ ଏହି ମ୍ୟାଚ୍‌ରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ୧୭ତମ ମିନିଟ୍‌ରେ ରାୟେ ଅବି ପ୍ରଥମେ ଫିଲ୍ଡ ଗୋଲ ପ୍ରଦାନ କରିଥିଲେ। ଏହାପରେ ୩୩ତମ ମିନିଟ୍‌ରେ ଡୁକ୍ସେସନେ ଟିପାଇନ୍ ପେନାଲ୍ଟି କର୍ନର ଜରିଆରେ ଆଉ ଏକ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଶେଷରେ ୫୮ତମ ମିନିଟ୍‌ରେ ଆଉ ଏକ ଫିଲ୍ଡ ଗୋଲ ଦେଇ ରାୟେ ଅବି ଦଳକୁ ବିଜୟୀ କରାଇଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଆମେରିକା ଲଢ଼ୁଆ ଖେଳ ପ୍ରଦର୍ଶନ କରିଥିଲା। ଦୀର୍ଘ ଦିନ ପରେ ଆମେ ଅନ୍ତର୍ଜାତୀୟ ହକି ଖେଳିଛୁ। ଆମର ପ୍ରଦର୍ଶନ ଆଶାନୁରୂପ ହୋଇଛି ବୋଲି ଆମେରିକା ଅଧିନାୟିକା ଅମାଣ୍ଡା ମାଗାଡାନ କହିଛନ୍ତି।

FIH PRO LEAGUE

## ସ୍ୱଦେଶ ଫେରିଲେ ହସି

**ଚେନ୍ନାଇ, ୧୬।୫ (ପି.ଟି.):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟିଂ କୋଚ୍ ମାଇକେଲ ହସି ରବିବାର ଦୋହା ବାଟ ଦେଇ ନିଜ ଦେଶ ଅଷ୍ଟ୍ରେଲିଆ ଫେରିଛନ୍ତି। ଆଇପିଏଲ୍ ଫ୍ରାଞ୍ଚାଇଜ୍ ସିଏସ୍‌କେ ସିଇଓ କେ.ଏସ୍. ବିଶ୍ୱନାଥନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶୁକ୍ରବାର ହସିଙ୍କର ଆରଟି-ପିସିଆର ଟେଷ୍ଟ ହୋଇଥିଲା। ଏଥିରେ ତାଙ୍କର ନେଗେଟିଭ ଆସିଥିଲା। ରବିବାର ପ୍ରତ୍ୟୁଷରେ ଏକ କମର୍ସିଆଲ ବିମାନ ଯୋଗେ ହସି ଦୋହା ଯାତ୍ରା କରିଛନ୍ତି। ସେ ସୋମବାର ନିଜ ଘରେ ପହଞ୍ଚିବେ ବୋଲି ଆଶା କରାଯାଉଛି।

# ଇଟାଲିଆନ ଓପନ୍: ସ୍ୱିଟେକ ଚାମ୍ପିୟନ

**ରୋମ, ୧୬।୫**

ଇଟାଲିଆନ ଓପନ ଟେନିସ ଟୁର୍ନାମେଣ୍ଟରେ ପୋଲାଣ୍ଡର ଇଗା ସ୍ୱିଟେକ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ସ୍ୱିଟେକ ୨୦୧୯ ରୋମ ଚାମ୍ପିୟନ ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭାଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେମିଫାଇନାଲରେ ପ୍ଲିସ୍କୋଭା କ୍ରୋଏସିଆର ପେଟ୍ରା ମାଟ୍ରିକ୍‌ଙ୍କୁ ୬-୧, ୩-୬, ୬-୨ ସେଟ୍‌ରେ ହରାଇ କ୍ରମାଗତ ତୃତୀୟଥର ପାଇଁ ଫାଇନାଲକୁ ଉଠିଥିଲେ। ଅନ୍ୟପକ୍ଷରେ ସ୍ୱିଟେକ ଦୁଇଥର ରୋମ ଟାଇଟଲ ଜିତିଥିବା ଏଲିନା ଭିଟୋଲିନାଙ୍କୁ କ୍ୱାର୍ଟର ଫାଇନାଲରେ ଏବଂ ୧୭ ବର୍ଷୀୟା ଆମେରିକାର କୋକୋ ଗୌଫଙ୍କୁ ସେମିଫାଇନାଲରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲେ।

## ଦଶମ ଟାଇଟଲ ଲକ୍ଷ୍ୟରେ ନାଡାଲ

ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ଦୁଇ ଅଭିଜ୍ଞ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ଓ ସ୍ପେନର ରାଫାଲ ନାଡାଲଙ୍କ ମଧ୍ୟରେ ଟାଇଟଲ ପାଇଁ ଲଢ଼େଇ ହେଉଛି। ଚଳିତ ସପ୍ତାହରେ ଜୋକୋଭିଚ୍ ୩୪ ବର୍ଷରେ ଓ ନାଡାଲ ଆସନ୍ତା ମାସରେ ୩୫ ବର୍ଷରେ ପଦାର୍ପଣ କରିବେ। ନୂଆ ପିଢ଼ିର ଖେଳାଳିଙ୍କୁ ପଛରେ ପକାଇ ଏହି ଦୁଇ ଅଭିଜ୍ଞ ତାରକା ଫାଇନାଲକୁ ଉଠିଥିଲେ। ଏଥିସହ ନାଡାଲ ରୋମରେ ଦଶମ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନାଡାଲ ୬-୪, ୬-୪ ସେଟ୍‌ରେ ଆମେରିକାର ରେଇଲି ଓପେଲ୍‌କାଙ୍କୁ ଏବଂ ଜୋକୋଭିଚ୍ ଦ୍ୱିତୀୟ ସେମିରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ୬-୩, ୬-୭, ୬-୨ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ଏସ୍. ସିତିସପାସଙ୍କୁ ହରାଇଥିଲେ। ନାଡାଲ ଏଥିସହିତ ଟୁର୍ନାମେଣ୍ଟରେ ୧୨ଥର ଅଂଶଗ୍ରହଣ କରିଛନ୍ତି ଓ ୧୦ମ ଟାଇଟଲ ଜିତିବାକୁ ପ୍ରୟାସ କରିବେ। ଷଷ୍ଠଥର ପାଇଁ ନାଡାଲ ଓ ଜୋକୋଭିଚ ରୋମରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ନାଡାଲ ଏଠାରେ ରେକର୍ଡ ୯ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟପଟେ ଜୋକୋଭିଚ୍ ୫ଥର ଟାଇଟଲ ଜିତିଛନ୍ତି।


ଟ୍ରଫି ସହ ଇଗା ସ୍ୱିଟେକ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ